## ଲଗାଣ ବର୍ଷାରେ ଭାଙ୍ଗିଲା ଘର

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁରେ ଲଗାଣ ବର୍ଷାରେ ବହୁ କଚ୍ଚା ଘର ଭାଙ୍ଗିଯାଇଛି। ଗାଇବାହାଲ ପଞ୍ଚାୟତ ଗଡଦ୍ୱାର ଗାଁର ବିକ୍ରମ ମାଝୀଙ୍କ ଘର ଭାଙ୍ଗି ଯାଇଛି। ବିକ୍ରମଙ୍କ ପରିବାର ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ଅନ୍ୟ କେତେଜଣ ବ୍ୟକ୍ତିଙ୍କ ଘର ଭାଙ୍ଗି ଯାଇଥିବାରୁ ସେମାନେ ଦୟନୀୟ ଭାବେ ଦିନ କାଟୁଛନ୍ତି। ରାଜସ୍ୱ ନିରୀକ୍ଷକମାନେ ତଦନ୍ତ କରି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି। ତହସିଲଦାର ବିକ୍ରମ କେଶରୀ ନାୟକଙ୍କୁ ପଚାରିବାରେ ସଂପୃକ୍ତ ଆରଆଇମାନଙ୍କୁ କ୍ଷୟକ୍ଷତିର ଆକଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।

## ସଂକ୍ଷେପରେ

### ୧୦ କେଜି ଗଞ୍ଜେଇ ଜବତ, ୩ ଗିରଫ

ଖପ୍ରାଖୋଲ,୧।୮(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ହରିଶଙ୍କର ଛକ ନିକଟରେ ସ୍ଥାନୀୟ ପୋଲିସ ଚଢାଉ କରି ୧୦ କେଜି ଗଞ୍ଜେଇ ସହ ଦୁଇଟି ମୋଟର ସାଇକେଲ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଲରମ୍ଭା ଥନା ଅନ୍ତର୍ଗତ ବଡ ଉଡେନ ଗାଁର ରୋହିତ ରଣା (୨୪) ଓ ଚନ୍ଦ୍ରମଣି ଡାଙ୍ଗ(୨୫) ଏବଂ ଲାଠୋର ଥାନା ଅନ୍ତର୍ଗତ ଜାମଚୁଆଁ ଗାଁର ନବୀନ ରଣା। ପ୍ରକାଶ ଯେ, ବୁଧବାର ରାତିରେ ଖପ୍ରାଖୋଲ ପୋଲିସ ଥାନା ଅଧିକାରୀଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ହରିଶଙ୍କର ଛକଠାରେ ଏକ ମୋଟର ସାଇକେଲରେ ଦୁଇଜଣ ବ୍ୟକ୍ତି କିଛି ସାମଗ୍ରୀ ନେଉଥିବା ବେଳେ ପୋଲିସ ସନ୍ଦେହରେ ଗାଡ଼ି ଅଟକାଇ ତନଖି କଲା ବେଳେ ଗଞ୍ଜେଇ ଜବତ ହୋଇଥିଲା। ଗୁରୁବାର ଦିନ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରାଯିବାରୁ ତାହା ୧୦ କେଜି ଥିବା ଜଣାପଡିଥିଲା। ଏନେଇ ଖପ୍ରାଖୋଲ ଥାନା ରେ ନଂ୧୮୩/୨୪ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଥିଲେ।

### ବଲାଙ୍ଗୀରରେ ଉଡାନ୍‌ର ସ୍ୱାଗତ ସମାରୋହ

ବଲାଙ୍ଗୀର,୧।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପିପି ଏକାଡେମୀଠାରେ ରୋଟାରି ଏଲିଟ ପକ୍ଷରୁ ନବମ ଶ୍ରେଣୀ ଛାତ୍ରୀଙ୍କ ଉଡାନ ସ୍ୱାଗତ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ମଧୁସୂଦନ ପତି ଯୋଗଦେଇ ଛାତ୍ରୀଙ୍କୁ ଚରିତ୍ର ନିର୍ମାଣର ଆବଶ୍ୟକତା କେତେ ବୁଝାଇଥିଲେ। ସମାଜରେ ଉଡାନ ଏକ ସେତୁର କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ଉଡାନରୁ ଗ୍ରହଣ କରିଥିବା ଶିକ୍ଷାକୁ ପୁଣି ସମାଜକୁ ଫେରାଇ ଦେବା ପାଇଁ ପ୍ରସ୍ତୁତ ହେବାକୁ ଉଡାନ ଛାତ୍ରୀମାନଙ୍କୁ ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ମନୋରଞ୍ଜନ ଯୋଶୀ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନବୀନ ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ କଠିନ ପରିଶ୍ରମ ହିଁ ସଫଳତାର ଏକମାତ୍ର ମାର୍ଗ ବୋଲି କହିଥିଲେ। ରୋଟାରି ଏଲିଟ ସଭାପତି ଅର୍ଚ୍ଚନା ଶତପଥୀ ଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବାକୁ କହିଥିଲେ। ସଭାରେ ମୁଖ୍ୟଅତିଥି ଓ ଅନ୍ୟ ଅତିଥିମାନେ ଉଡାନ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୪୧ ଜଣ ନବମ ଶ୍ରେଣୀର ଛାତ୍ରୀଙ୍କୁ ନୂତନ ବ୍ୟାଗ ପ୍ରଦାନ କରି ଉଡାନକୁ ସ୍ୱାଗତ କରିଥିଲେ। ଚଳିତବର୍ଷ ଉଡାନରେ ସରକାରୀ ବାଳିକା ବିଦ୍ୟାଳୟ, ଟାଉନ ବାଳିକା ବିଦ୍ୟାଳୟ ଓ ନବଜୀବନ ବିଦ୍ୟାପୀଠର ଛାତ୍ରୀଙ୍କୁ ସାମିଲ କରାହୋଇଛି। ସଭାରେ ଛାତ୍ରୀଙ୍କ ଅଭିଭାବକମାନେ ଯୋଗଦେଇଥିଲେ। ଉଡାନ ଦଶମ ଶ୍ରେଣୀ ଛାତ୍ରୀମାନେ ଉପସ୍ଥିତ ରହି ନୂତନ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ରୋଟାରି ଏଲିଟର ବରିଷ୍ଠ ସଭ୍ୟ ଧର୍ମେନ୍ଦ୍ର ନନ୍ଦ ସଭା ପରିଚାଳନା କରିଥିଲେ।

# ଦବିଗଲା କଲଭର୍ଟ, ବସ୍ ସେବା ବନ୍ଦ

ଲୋଇସିଂହା,୧।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଭାଲୁପାଲି ପୋଖରୀ ନିକଟରେ ପ୍ରଧାନମନ୍ତ୍ରୀ ସଡକ ରାସ୍ତାର ଏକ କଲଭର୍ଟ ଦବି ଯାଇଛି। ବିପଦ ଆଶଙ୍କା କରି କଦଳୀପାଲିକୁ ମୁଖ୍ୟମନ୍ତ୍ରୀ ବସ୍ ଆଉ ଯାଉନାହିଁ। ପ୍ରାୟ ଗୋଟିଏ ସପ୍ତାହ ହେବ କଦଳୀପାଲି ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ବସ ସେବା ପାଇବାରୁ ବଞ୍ଚିତ ରହିଛନ୍ତି।

ପ୍ରକାଶ ଯେ, ବ୍ଲକ ଅଧୀନସ୍ଥ ଯୋଗୀସର୍ଡା କଲେଜ ତ୍ରିକୋଣୀୟ ଛକରୁ ଭାୟା ଭାଲୁପାଲି ଦେଇ କଦଳୀପାଲିକୁ ପ୍ରଧାନମନ୍ତ୍ରୀ ରାସ୍ତା ସଂଯୋଗୀକରଣ ହୋଇଛି। ଦୀର୍ଘ ଦିନର ଦାବି ପରେ ଉକ୍ତ ରାସ୍ତା ପ୍ରଧାନମନ୍ତ୍ରୀ ସଡକରେ ସାମିଲ କରାଯାଇଥିଲା। ବର୍ଷା ଦିନରେ ଚାଷ ଜମି ପାଣି ନିଷ୍କାସନ ପାଇଁ ରାସ୍ତା ନିର୍ମାଣ ବେଳେ ଭାଲୁପାଲି ଗ୍ରାମର ପୋଖରୀ ନିକଟରେ ଏକ କଲଭର୍ଟ ନିର୍ମାଣ ହୋଇଥିଲା। ମାତ୍ର ଅତି ନିମ୍ନମାନର କାମ ହୋଇଥିବାରୁ ତାହା ବନ୍ୟାପାଣିରେ ଭାଙ୍ଗି



ଭାଲୁପାଲି-କଦଳିପାଲି ରାସ୍ତା କଲଭର୍ଟ ଦବି ଯାଇ ପାଣି ଜମି ରହିଛି।

ଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୁଣି ସେହି ସ୍ଥାନରେ ନୂତନ କଲଭର୍ଟ ନିର୍ମାଣ କରାଯାଇଛି। ଏଥର ବି ନିମ୍ନମାନର କାମ ହୋଇଥିବାରୁ କମ ଦିନରେ କଲଭର୍ଟ ଉଭୟ ପାର୍ଶ୍ୱରେ କଙ୍କ୍ରିଟ ଦବି ଯାଇଥିଲା। ଏନେଇ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରି ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଗତ ସପ୍ତାହରେ ଲଗାଣ ବର୍ଷାପରେ ଉକ୍ତ କଲଭର୍ଟ ଉଭୟ ପାର୍ଶ୍ୱ ଦବିଯାଇ ପାଣି ଜମି ରହୁଛି। ଭାରୀଯାନ ଯାତାୟତ ବେଳେ ବିପଦ ଆଶଙ୍କା କରାଯାଉଛି। ଅଘଟଣ ଆଶଙ୍କା କରି ମୁଖ୍ୟମନ୍ତ୍ରୀ ବସ ଆଉ କଦଳୀପାଲିକୁ ଯାଉନାହିଁ। ଭାଲୁପାଲିରୁ ବସ୍ ଫେରି ଆସୁଛି। କମ ଟଙ୍କାରେ ଏବଂ ସୁବିଧାରେ ଲୋକେ ବସ ସେବା ପାଇ ଆସୁଥିଲେ। ବସ ସେବାରୁ ବଞ୍ଚିତ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ସପ୍ତାହରେ ବ୍ଲକ ଅଧୀନ ଗୋପାଳପୁର ସ୍କୁଲ ନିକଟସ୍ଥ ଆରଡି ରାସ୍ତା କଲଭର୍ଟ ସ୍ଲାବ ଦବି ଯାଇ ଯାତାୟତ ଅନୁପଯୋଗୀ ହୋଇ ପଡିଛି। ଲୋଇସିଂହା ଓ ଆଗଲପୁର ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଉନ୍ନୟନ କାମରେ ବ୍ୟାପକ ଦୁର୍ନୀତି ହେଉଛି। ଲୋକେ ସୁଫଳ ପାଇବା ପରିବର୍ତ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳରେ ହେଉଥିବା ଉନ୍ନୟନ କାମର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ବାଇକ୍ ଚୋରି ଅଭିଯୋଗରେ ୬ ଗିରଫ



ବାଇକ୍ ସହ ଗିରଫ ଅଭିଯୁକ୍ତମାନେ।

ସଇଁତଲା,୧।୮(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ସହର ଅଞ୍ଚଳରେ ଦିନକୁ ଦିନ ବାଇକ୍ ଚୋରି ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ବାଇକ୍ ଚୋରି ଘଟଣାରେ ୬ ଜଣଙ୍କୁ ଗିରଫ କରିଥିବା ବେଳେ ଦୁଇଟି ଚୋରି ବାଇକ୍ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ଅପରାହ୍ଣ ସମୟରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଘଣ୍ଟାପଡ଼ା ଅଞ୍ଚଳର ନଦିଆ ବିଭାର ନିଜ ବାଇକ୍ ଯୋଗେ ଶ୍ୱଶୁର ଘର ସଇଁତଲା ବ୍ଲକ ବୁଢ଼ାବାହାଲ ପଞ୍ଚାୟତର ରେମଣ୍ଡା ଗ୍ରାମକୁ ଯାଉଥିଲେ। ତେବେ ବିବିନାସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ବାଇକ୍ ଲୁଟି ନେଇଥିଲେ। ଏ ନେଇ ସଇଁତଲା ଥାନାରେ ଲିଖିତ ଅଭିଯୋଗ

**୨ ବାଇକ୍ ଜବତ**

ହୋଇଥିଲା। ପୋଲିସ ତଦନ୍ତ କରି ସଇଁତଲା ଗୋପବନ୍ଧୁପଡ଼ାର ମନୋଜ ସାହୁ (୨୫), ଡ଼େଙ୍ଗ ଗ୍ରାମର ଭଗବାନ ରଣା (୨୨), ଛକୋରବାଞ୍ଜି ଗ୍ରାମର ଜକି ପଧାନ(୨୪), ଦେଓଗାଁ ଥାନା ଧଣ୍ଡାମାଳ ଗ୍ରାମର ଅବିନାଶ ନାଗ (୨୪) ଓ ପ୍ରକାଶ ମହାକୁର (୧୯), ପିପଲପଦର ଗ୍ରାମର ବିଜୟ ତାଣ୍ଡି (୨୪)ଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଦୁଇଟି ଚୋରି ବାଇକ୍ ଜବତ କରିବା ସହ ନଂ. ୩୩୧/୨୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସମସ୍ତ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଟିଟିଲାଗଡ଼ ଜେଲ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ସୁଶାନ୍ତ ପଧାନ ସୂଚନା ଦେଇଛନ୍ତି।

## ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ବଲାଙ୍ଗୀରର ଶ୍ରବଣ କୁମାର

ବଲାଙ୍ଗୀର,୧।୮(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମସ୍ଥିତ ସନ୍ତରଣଗାରଠାରେ ହେବାକୁ ଥିବା ୪୦ତମ ସବ୍ ଜୁନିୟର ଏବଂ ୫୦ତମ ଜାତୀୟ ଜୁନିୟର ସନ୍ତରଣ ପ୍ରତିଯୋଗିତାରେ ବଲାଙ୍ଗୀରର ଶ୍ରବଣ କୁମାର ସେଠ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଶ୍ରବଣ କୁମାର ଓଡିଶାକୁ ପ୍ରତିନିଧିତ୍ୱ କରିବେ। ଏହି ଖବର ପ୍ରଚାରିତ ହେବା ପରେ ଜିଲାରେ ଖୁସିର ଲହରୀ ଖେଳିଯାଇଛି। ଓଡିଶା ରାଜ୍ୟ ସନ୍ତରଣ ସଂଘ ଉପସଭାପତି ସୁମିତ ପୁରୋହିତ ତାଙ୍କୁ ଶୁଭେଚ୍ଛା



ଜାତୀୟ ଜୁନିୟର ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ ବଲାଙ୍ଗୀରର ଶ୍ରବଣ କୁମାର ସେଠ୍।

ଜଣାଇବା ସହ ଜାତୀୟ ସ୍ତରରେ ସେ ଉତ୍ତମ ଖେଳ ପ୍ରଦର୍ଶନ କରିବେ ବୋଲି ଆଶାପୋଷଣ କରିଛନ୍ତି। ସେ କହିଛନ୍ତି ଯେ, ବଲାଙ୍ଗୀରରେ ଥିବା ସୁଇମିଂ ପୁଲ ୨୫ ମିଟର ବିଶିଷ୍ଟ ହୋଇଥିବା ବେଳେ ଏଠାରେ ୫୦ ମିଟର ପ୍ରତିଯୋଗିତା ଅଭ୍ୟାସ କରିବାକୁ ଖେଳାଳିମାନଙ୍କ ପାଇଁ ଅସୁବିଧା ସୃଷ୍ଟି ହେଉଛି। ବଲାଙ୍ଗୀରରେ ୫୦ ମିଟର ବିଶିଷ୍ଟ ସୁଇମିଂ ପୁଲର ଆବଶ୍ୟକତା ରହିଛି। ବଲାଙ୍ଗୀରରେ ତୁରନ୍ତ ୫୦ ମିଟର ସୁଇମିଂ ପୁଲ ତିଆରି କରିବାକୁ ବିଧାୟକ କଲିକେଶ ନାରାୟଣ ସିଂଦେଓ ଚିଠି ଲେଖିଛନ୍ତି। ବଲାଙ୍ଗୀର ଜିଲାରୁ ଆହୁରି ଦକ୍ଷ ସନ୍ତରଣ ଖେଳାଳି ବାହାରିବେ ବୋଲି ସେ ମତ ରଖିଛନ୍ତି। ଏହି ଅବସରରେ ବିଧାୟକ ସିଂଦେଓ ମଧ୍ୟ ଉଦୟୀମାନ୍ ଖେଳାଳି ସେଠ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅଭିଯୁକ୍ତ କୋର୍ଟ ଚାଲାଣ

**ପୂର୍ବ ଶତ୍ରୁତାରୁ କଇଁଚିରେ ଭୁସି ହତ୍ୟା ଘଟଣା**

ପାଟଣାଗଡ଼,୧।୮ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଲରମ୍ଭା ଥାନା ଅଧୀନସ୍ଥ ଘସିଏନ ଗାଁ ସାପ୍ତାହିକ ବଜାର ସମ୍ମୁଖରେ ଗତ ମଙ୍ଗଳବାର ଅପରାହ୍ଣରେ ପୂର୍ବ ଶତ୍ରୁତାକୁ ନେଇ ପଂଛି ମାଝୀ ନାମକ ଜଣେ ଯୁବକ କଇଁଚିରେ ଭୁସି ଅଜୁ ତାଣ୍ଡିଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମାଝୀଙ୍କ ଆକ୍ରମଣରେ ଆହତ ଅଜୁଙ୍କ ଭାଇ ଉଜ୍ଜଳ ତାଣ୍ଡି ବଲାଙ୍ଗୀର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପୋଲିସ ଟିମ୍ ଗୁରୁବାର ପଂଛି ମାଝୀଙ୍କୁ ଦହିତା ଅଞ୍ଚଳରୁ ଗିରଫ କରିଛି। ଗିରଫ ପରେ ତାଙ୍କୁ ଲରମ୍ଭା ଥାନାକୁ ଅଣାଯାଇ ପୋଲିସ ପଚରାଉଚୁରା କରୁଛି। ମୃତକଙ୍କ ବାପାଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ପରିପ୍ରେକ୍ଷୀରେ ଗୁରବାର ସନ୍ଧ୍ୟା ସମୟରେ ଏସଡିପିଓଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ମାଝୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥବା ଏସଡିପିଓ ସଦାନନ୍ଦ ପୂଝାରୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଲରମ୍ଭା ଥାନାଧିକାରୀ ମନୋଜ ପଧାନ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

ସଇଁତଲା,୧।୮(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ କବିରଥ ଦଣ୍ଡସେନା ନାମକ ଜଣେ ଯୁବକଙ୍କୁ ଗିରଫ କରି ବଲାଙ୍ଗୀର କୋର୍ଟ ଚାଲାଣ କରିଛି। ଥାନା ଅଧିକାରୀ ସୁଶାନ୍ତ ପ୍ରଧାନଙ୍କ ସୂଚନା ଅନୁସାରେ କବିରଥ (୪୦) ଗତ ମଙ୍ଗଳବାର ଦିନ ନିଜ ଗ୍ରାମର ଜଣେ ନାବାଳିକାଙ୍କୁ କୌଶଳକ୍ରମେ ଘରକୁ ଡ଼ାକି ନେଇଥିଲେ। ପରିବାର ଲୋକେ ନାବାଳିକାଙ୍କୁ ଖୋଜାଖୋଜି କରି ନ ପାଇବାରୁ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୌଣସି ସୂତ୍ରରୁ ପୋଲିସ ଖବର ପାଇ ବୁଧବାର ଦିନ କବିରଥ ରହୁଥିବା ଭଡ଼ାଘର ଉପରେ ଚଢ଼ାଉ କରିଥିଲା। ଘର ଭିତରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲା। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଅଭିଯୁକ୍ତ କବିରଥଙ୍କୁ ଗିରଫ କରାଯାଇ ପରେ କୋର୍ଟ ଚାଲାଣ କରାଯାଇଥିଲା। କବିରଥ ବିବାହିତ ଥିବା ଜଣାପଡିଛି।

## ବିଡିଓଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

ସଇଁତଲା,୧।୮(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଅନ୍ତର୍ଗତ ଭଦ୍ରା ପଞ୍ଚାୟତର ଖାସବାହାଲ ଗ୍ରାମରେ ଠିକାଦାର କାମ ନ କରି ଟଙ୍କା ଉଠାଇ ନେଇଥିବା ଗ୍ରାମବାସୀ ବିଡ଼ିଓଙ୍କ ଠାରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ଖାସବାହାଲ ଗ୍ରାମରେ ମିନି ଷ୍ଟାଡ଼ିୟମ ନିର୍ମାଣ ପାଇଁ ଏମ୍‌ପିଙ୍କ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମିନି ଷ୍ଟାଡ଼ିୟମ ନିର୍ମାଣ କରିବାକୁ ସ୍ଥାନୀୟ ତହସିଲଦାର ଅଞ୍ଚଳରେ ଜମିକୁ ଚିହ୍ନଟ କରି ସେଠାରେ ଷ୍ଟାଡ଼ିୟମ ନିର୍ମାଣ କରିବାକୁ ଅନୁମତି ପ୍ରଦାନ କରିଥିଲେ। କିନ୍ତୁ ଠିକାଦାର ଜଣକ ଗ୍ରାମରେ ଥିବା ଗୋଚର ଜମିରେ ଏକ ଜେସିବି ମେଶିନ ରଖି ତାର ଫଟୋକୁ ବିଲ୍ ଉଠାଇବାରେ ବ୍ୟବହାର କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଠିକାଦାର ଜଣକ ଚଞ୍ଚକତା କରି କୌଣସି କାର୍ଯ୍ୟ ନ କରି ଅଦ୍ୟାବଧି ୩ ଲକ୍ଷ ୬୫ ହଜାର ଟଙ୍କା



**ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ - ବିଡିଓ**

ଉଠାଇ ନେଇଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ନେଇ ବିଡ଼ିଓ ବିନୟ ଭୋଇଙ୍କୁ ପଚାରିବାରୁ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କୁ ଉକ୍ତ ଜମିର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଏହାଛଡା ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ଚିତ୍ତ ରଞ୍ଜନ ନାଏକ, ବଳରାମ ସେଠ, ଅନାଦି ସାହୁ, ପ୍ରମୋଦ ସେଠ, ଭରତ ପୋଡ଼, ମନୋଜ କୁମାର ସାହୁ, ଆନନ୍ଦ ପୋଡ଼, ଜିତୁ ସାହୁ, ଶ୍ରୀପତି ନାଏକ, ଦୁଃଖ ନାଗ, ବିକ୍ରମ ନାଏକଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା




ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ଅତିଥି।

କଣ୍ଟାବାଞ୍ଜି,୧।୮(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ କେ.ଭି. କଲେଜରେ କାର୍ଯ୍ୟରତ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ଅପରାହ୍ଣରେ କଲେଜ ସଭାଗୃହରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ କଲେଜର ଅଧ୍ୟକ୍ଷ ଡ. ପଦ୍ମଲୋଚନ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୁକ୍ତ ଦୁଇ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜେଶ କୁମାର ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଦେବେନ୍ଦ୍ର ମେହେର, ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସବିତା ମହାପାତ୍ର, ପ୍ରାଧ୍ୟାପକ ରୋହିତ କିଶୋର କୁମାର ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ବବିତା ଦେବଦର୍ଶନୀ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ପ୍ରାଧ୍ୟାପକ ଯୋଷୀଙ୍କ ଅଧ୍ୟାପନା ଛାତ୍ରୀଛାତ୍ରଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ସେ ଜଣେ ସୁଲେଖକ, ସୁବକ୍ତା, ଅନୁବାଦକ, କର୍ତ୍ତବ୍ୟନିଷ୍ଠ ତଥା ଛାତ୍ର ବତ୍ସଳ ପ୍ରାଧ୍ୟାପକ ଥିଲେ। ଏହାଛଡା କଣ୍ଟାବାଞ୍ଜି କଲେଜର ଉନ୍ନତି ପାଇଁ ଥିବା ତାଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ କହିଥିଲେ। ଏହି ଅବସରରେ କଲେଜ ତରଫରୁ ଫୁଲତୋଡା ଓ ମାନପତ୍ର ଦେଇ ପ୍ରାଧ୍ୟାପକ ଯୋଶୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ସୁଶାନ୍ତ କୁମାର ମହାନନ୍ଦ ଧନ୍ୟବାଦ ଦେଇଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ଅଞ୍ଚଳବାସୀ

ପାଟଣାଗଡ଼,୧।୮(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡର ଲୁହାସିଂହା, ହିଲ୍ଲୀ ବାଘମୁଣ୍ଡ ରାସ୍ତାରେ ଥିବା ସୁକତେଲ ସେତୁର ଏକ ସ୍ଥାନ ବର୍ତ୍ତମାନ ଭୁସୁଡିଯିବା ଅବସ୍ଥାରେ ରହିଛି। ଏହା ଏକ ନିତିଦିନିଆ ରାସ୍ତା ହୋଇଥିବାରୁ ଲୋକେ ବିପଦସଙ୍କୁଳ ଅବସ୍ଥାରେ ବର୍ତ୍ତମାନ ଯାତାୟତ କରୁଥିବା ଦେଖିବାକୁ ମିଳିଛି। ୨୦୧୫-୧୬ ଆର୍ଥିକ ବର୍ଷରେ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ତଥା ତତ୍କାଳୀନ ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ଏହି ସେତୁର ଉଦ୍‌ଘାଟନ ହୋଇଥିଲା। ସୁକତେଲ ନଦୀ ଉପରେ ପାଖାପାଖି ୯ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ ନିର୍ମାଣ କରାଯାଇଥିଲା। ତେବେ ଆରମ୍ଭରୁ ନିମ୍ନମାନର କାମକୁ ନେଇ ଅଞ୍ଚଳବାସୀ ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ, ଉପ ନିର୍ବାହୀ ଯନ୍ତ୍ରୀ, ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଠିକାଦାର ଜଣକ କୌଣସି ମତେ ସେତୁ କାମ ସମ୍ପୂର୍ଣ୍ଣ କରି ଦେଇଥିଲେ ହେଁ ଏହା ନିମ୍ନମାନର ବୋଲି ଖପ୍ରାଖୋଲ ବ୍ଲକ ଲୁହାସିଂହା ଗ୍ରାମର ମୋହନ ସେଠ, ଅନଙ୍ଗ ଗୁରୁ ଓ ଧର୍ମାନନ୍ଦ ମହରାଙ୍କ ସହିତ ଅନ୍ୟମାନେ ଅଭିଯୋଗ କରିଛନ୍ତି।

ବର୍ତ୍ତମାନ ସେତୁର ଏକ ସ୍ଥାନ ନିମ୍ନମାନର କାମ ଯୋଗୁ ଭୁଶୁଡିବା ଅବସ୍ଥାରେ ଥିବା ବେଳେ ଯାତାୟତ ପାଇଁ ବିକଳ୍ପ ନ ଥିବାରୁ ଲୋକେ ଯିବା ଆସିବା କରୁଛନ୍ତି। ଏହି ସେତୁ ଦେଇ ଗଲେ ପାଟଣାଗଡ଼ ଓ ଖପ୍ରାଖୋଲ ବ୍ଲକରୁ ପଦ୍ମପୁରକୁ ଦୂରତା କମ୍ ହୋଇଥାଏ। ଏହାଛଡ଼ା ଆଖପାଖ ୨୦ ଖଣ୍ଡ ଗ୍ରାମବାସୀ ଉକ୍ତ ସେତୁ ଉପରେ ନିର୍ଭର କରିଥାନ୍ତି। ତେବେ ସେତୁର ମରାମତି ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ସୁକତେଲ ସେତୁ।

## 'ଶୃଙ୍ଖଳା ହେଉଛି ଛାତ୍ରୀଛାତ୍ରଙ୍କ ଆଭୂଷଣ'

ବଲାଙ୍ଗୀର,୧।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ରାଧାଶ୍ୟାମ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ନୂଆ କରି କଲେଜରେ ପାଠ ପଢ଼ିବାକୁ ଆସିଥିବା ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ପ୍ରବେଶ ଉତ୍ସବରେ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ, ଫୁଲ, ଚନ୍ଦନ ଦେଇ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବ ପ୍ରାରମ୍ଭରେ ପ୍ରଥମବର୍ଷ ଛାତ୍ରୀଛାତ୍ରମାନେ ପ୍ରଥମେ ନିଜର ପରିଚୟ ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପୁରୁଷୋତ୍ତମ ଭଞ୍ଜ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସେମାନଙ୍କ ଭବିଷ୍ୟତ ଗଠନରେ ଶୃଙ୍ଖଳା ଜ୍ଞାନର ଗୁରୁତ୍ୱ ଉପରେ କହିଥିଲେ। ସେ କହିଥିଲେ ଯେ ଶୃଙ୍ଖଳା ହେଉଛି ଛାତ୍ରୀଛାତ୍ରଙ୍କ ଆଭୂଷଣ। ଜୀବନରେ ସଫଳ ହେବା ପାଇଁ ଶୃଙ୍ଖଳା ଓ ନିଷ୍ଠା ବଡ ଉପଯୋଗୀ ବୋଲି କହିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ବୈବସ୍ୱତ ବିଶ୍ୱାଳ ଶୃଙ୍ଖଳା ଆଚରଣ ଓ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ପରିବେଶର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଇତିହାସ ବିଭାଗ ଅଧ୍ୟାପକ ରୁଦ୍ରଧର ତ୍ରିପାଠୀ ଶିକ୍ଷାନୁଷ୍ଠାନକୁ ନିର୍ଯାତନା ମୁକ୍ତ ରଖିବା ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷା ବିଭାଗ ଅଧ୍ୟାପକ ନୀଳାଚଳ ତ୍ରିପାଠୀ କ୍ୟାରିୟର କାଉନସେଲିଂ, ଶିକ୍ଷାର ଆବଶ୍ୟକତା ଓ ଭବିଷ୍ୟତ ଗଠନ ଉପରେ କହିଥିଲେ। ସହକାରୀ ଲାଇବ୍ରେରିଆନ ଭୁବନେଶ୍ୱର ମହାକୁର ଇ-ଲାଇବ୍ରେରୀ ବିଷୟରେ ଏବଂ ଖେଳ ଶିକ୍ଷକ ମିତ୍ରଭାନୁ ବିଶ୍ୱାଳ କ୍ରୀଡାର ମହତ୍ତ୍ୱ ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କହିଥିଲେ ଇଂରାଜୀ ଅଧ୍ୟାପିକା ନିରୁପମା ସାହୁ। ଶେଷରେ ଓଡିଆ ଅଧ୍ୟାପକ ଚୈତନ୍ୟ ଦଣ୍ଡସେନା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।




ପ୍ରବେଶ ଉତ୍ସବରେ ମଞ୍ଚାସୀନ ଅତିଥି।

**ବିଲେଇସର୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ**

# ବାନ୍ଧକଳା ତାଲିମ କାର୍ଯ୍ୟକ୍ରମ

ବୌଦ୍ଧ,୧।୮ (ଅଜିତ କୁମାର ବାରିକ)

ବୌଦ୍ଧ ଓରମାସ ସହାୟତାରେ ବାଉଁଶୁଣୀ ହ୍ୟାଣ୍ଡଲୁମ ପ୍ରଡ୍ୟୁସର ଏଣ୍ଟରପ୍ରାଇଜେସର ୨୦ଜଣ ସଭ୍ୟାଙ୍କୁ ନେଇ ବାନ୍ଧକଳା ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ସ୍ତରରେ ପୁରସ୍କୃତ ଭକ୍ତରାଜ ମେହେରଙ୍କ ଦ୍ୱାରା ଆସନ୍ତା ୧୫ ଦିନ ପାଇଁ ତାଲିମ ପ୍ରଦାନର ବ୍ୟବସ୍ଥା କରାଯାଇଛି। ସହକାରୀ ନିର୍ଦ୍ଦେଶକ ଜିଲା ଟେକ୍ସଟାଇଲସ ବିନାୟକ ପୃଷ୍ଟି ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଓରମାସ ବୌଦ୍ଧର କାର୍ଯ୍ୟନିର୍ବାହୀ ସହାୟକ, ଜିଲା ସଂଯୋଜକ ଦକ୍ଷତା ତଥା ବିଜନେସ ମ୍ୟାନେଜର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଚନ୍ଦ୍ରମା ଜମଟାଙ୍ଗି ପକ୍ଷରୁ ଆୟୋଜନ କରାଯାଇଥିଲା।



# ସମ୍ବଲପୁରୀ ନୃତ୍ୟଗୀତରେ ଝୁମିଲେ ଦର୍ଶକ


ସୋନପୁର ବ୍ଲକ ଛକରେ କଳାକାର ମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରୁଛନ୍ତି ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସୋନପୁର,୧।୮ (ମୃତ୍ୟୁଞ୍ଜୟ ଶତପଥୀ)

## ସୁବର୍ଣ୍ଣପୁରରେ ସମ୍ବଲପୁରୀ ଦିନ୍

ସୁବର୍ଣ୍ଣପୁର ସହରରେ ଜନ୍ମିତ ତଥା ସମ୍ବଲପୁରୀ ସାହିତ୍ୟର ଜନକ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମ ଦିନକୁ ସୁବର୍ଣ୍ଣପୁରରେ ସମ୍ବଲପୁରୀ ଦିନ୍ ଭାବେ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦିବସ ବ୍ୟାପୀ ସମ୍ବଲପୁରୀ/କୋସଲି ନୃତ୍ୟ ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତନୁଶାନ ପରିବାର ପକ୍ଷରୁ ଜିଲା ସଂସ୍କୃତି ଭବନ ପରିସରରେ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଲୋକେ ନୃତ୍ୟ ଗୀତରେ ଝୁମିଥିଲେ। କାର୍ଯ୍ୟକ୍ରମକୁ ସ୍ୱର୍ଗତ ବହିଦାରଙ୍କ ନାତୁଣି ରୀତା ବହିଦାର, ଗୀତା ବହିଦାର ଓ ନାତି ଅରୁଣ ବହିଦାର ଉଦଘାଟନ କରିଥିଲେ। ଜିଲାପାଳ ଅନ୍ୟା ଦାସ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ସମ୍ବଲପୁରୀ ଦିନ୍‌ର ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଡ. ଜ୍ୟୋତି ରଞ୍ଜନ ବହିଦାର, ନୀଳାମ୍ବର ଶତପଥୀ ଯୋଗ ଦେଇଥିଲେ। ଶ୍ରୀଧର ବାଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସମ୍ବଲପୁରୀ/କୋସଲି ନୃତ୍ୟ ଓ ର୍‍ୟାମ୍ପ ଶୋ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରୀଧର ବାଗ୍‌ଙ୍କୁ ସତ୍ୟନାରାୟଣ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। ସୋନପୁର ପଏଁରୀ ଅନୁଷ୍ଠାନ, ବଲାଙ୍ଗୀର ବଜାଶାଲ ଓ ବୀରମହାରାଜପୁରର ଭୀମଭୋଇ କଳା ପରିଷଦର କଳାକାର ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ପରେ ସତ୍ୟନାରାୟଣ ବହିଦାର ଓ ସମ୍ବଲପୁରୀ ଦିନ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଐତିହାସିକ ସୁଦାମ ନାଏକ, ଡ. ଜ୍ୟୋତିରଞ୍ଜନ ବହିଦାର ଓ ଯୁଧିଷ୍ଠିର ଖମାରୀ ଆଲୋଚକଭାବେ ଯୋଗ ଦେଇଥିଲେ। କବି ଆର୍ତ୍ତତ୍ରାଣ ବାବୁ, ସସ୍ମିତା ମେହେର, ଗୀତାଞ୍ଜଳି ମିଶ୍ର, ବନବାସ ମେହେର ଓ ଯୁଧିଷ୍ଠିର ବାରିକ ସ୍ୱରଚିତ କବିତା ପାଠ କରିଥିଲେ। ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ପାଇଁ ଏହି ଉତ୍ସବ ଆୟୋଜନ କରା ଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଶାନ୍ତନୁ କୁମ୍ଭକାର ଧନ୍ୟବାଦ ପ୍ରଦାନ କରିଥିଲେ।

# ଗାଡ଼ି ବ୍ୟବହାର କଲେ, ପ୍ରାପ୍ୟ ଦେଲେନି

ସୋନପୁର, ୧।୮ (ମୃତ୍ୟୁଞ୍ଜୟ ଶତପଥୀ)

## ଅଫିସ ଦୌଡୁଛନ୍ତି ୫୦୦ରୁ ଊର୍ଦ୍ଧ୍ୱ ମାଲିକ

ସାଧାରଣ ନିର୍ବାଚନ ସରିଲାଣି। କିନ୍ତୁ ନିର୍ବାଚନରେ ପ୍ରଶାସନକୁ ଗାଡି ଦେଇଥିବା ସୁବର୍ଣ୍ଣପୁର ଜିଲାର ମାଲିକମାନେ ଏବେ ଚିନ୍ତାରେ ଅଛନ୍ତି। କାରଣ ୨ ମାସ ପରେ ବି ସେମାନଙ୍କୁ ପ୍ରାପ୍ୟ ମିଳିନି। ମାଲିକ ମାନେ ନିଜର ପ୍ରାପ୍ୟ ପାଇବା ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସୋନପୁର ଓ ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଦୌଡୁଥିବା ଦେଖିବାକୁ ମିଳୁଛି। ଜିଲାର ୫୦୦ରୁ ଊର୍ଦ୍ଧ୍ୱ ମାଲିକ ନିଜର ପ୍ରାପ୍ୟ ପାଇବା ପାଇଁ ଅପେକ୍ଷା କରି ରହିଛନ୍ତି। ସୂଚନା ଅନୁଯାୟୀ, ଗତ ସାଧାରଣ ନିର୍ବାଚନ ପରିଚାଳନା ପାଇଁ ୭୫୦ରୁ ଊର୍ଦ୍ଧ୍ୱ ଛୋଟ ଓ ବଡ ଯାନର ଆବଶ୍ୟକ ପଡିଥିଲା। ଆଞ୍ଚଳିକ ପରିବହନ ବିଭାଗ ସମ୍ବଲପୁର ଓ ଅନୁଗୋଳ ଜିଲାରୁ ପ୍ରାୟ ୨୫୦ ବସ୍ ମଗାଇଥିଲା। ସେହିପରି ଅଟୋ, କାର, ବୋଲେରୋ ଓ ବସ୍ ମିଶି ସୁବର୍ଣ୍ଣପୁର ଜିଲାର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଗାଡି ସର୍ବନିମ୍ନ ୩ ଦିନରୁ ସର୍ବାଧିକ ୧୫ ଦିନ ପର୍ଯ୍ୟନ୍ତ ନିର୍ବାଚନ କାର୍ଯ୍ୟରେ ବ୍ୟବହାର ହୋଇଥିଲା। ସମ୍ବଲପୁର ଓ ଅନୁଗୋଳ ଜିଲାରୁ ଯିବା ଆସିବା ବାବଦକୁ ଅଗ୍ରୀମ ଟଙ୍କା ଦେଇ ବସ୍ ଗୁଡିକୁ ଅଣା ଯାଇଥିଲା। କିନ୍ତୁ ସୁବର୍ଣ୍ଣପୁର ଜିଲାର କୌଣସି ଗାଡି ମାଲିକଙ୍କୁ ଏ ପର୍ଯ୍ୟନ୍ତ ପ୍ରାପ୍ୟ ମିଳିନି। ଅନ୍ୟ ଜିଲା ମାନଙ୍କରେ ନିର୍ବାଚନ କାର୍ଯ୍ୟରେ ଲାଗିଥିବା ସମସ୍ତ ଗାଡି ମାଲିକଙ୍କୁ ସେମାନଙ୍କ ପ୍ରାପ୍ୟ ମିଳି ସାରିଥିବା ବେଳେ ଏଠାରେ ବ୍ୟତିକ୍ରମ ଦେଖାଯାଇଛି। ଏଥିଯୋଗୁ ଅଟୋ ମାଲିକମାନେ ଦୁଃଖରେ ଅଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ପ୍ରଶାସନ ସେମାନଙ୍କ ପ୍ରାପ୍ୟ ଶୀଘ୍ର ପ୍ରଦାନ କରିବାକୁ ୫୦ରୁ ଊର୍ଦ୍ଧ୍ୱ ଅଟୋ ମାଲିକ ଅନୁରୋଧ କରିଛନ୍ତି।

# ବେଆଇନ ଗୋରୁ ଚାଲାଣ ବେଳେ ଧରିଲେ ଗ୍ରାମବାସୀ


ଉଦ୍ଧାର କରାଯାଇଥିବା ଗୋରୁ।

ବୌଦ୍ଧ,୧।୮ (ଅଜିତ କୁମାର ବାରିକ)

ବୁଧବାର ରାତିରେ ୫୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଚଲାଇ ଚଲାଇ ନିଆଯିବା ବେଳେ ବୌଦ୍ଧ ଥାନା ଅନ୍ତର୍ଗତ ବାମଣ୍ଡା ନର୍ସରୀଠାରେ କେତେଜଣ ଯୁବକ ଦେଖି ଗୋରୁ ନେଉଥିବା ବ୍ୟକ୍ତିଙ୍କୁ ଅଟକାଇ ପଚରା ଉଚୁରା କରିଥିଲେ। ହେଲେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରି ଗୋରୁମାନଙ୍କୁ ସେଠାରେ ଛାଡି ଗୋରୁ ଚାଲାଣକାରୀମାନେ କୌଶଳକ୍ରମେ ସେଠାରୁ ଦୌଡି ପଳାଇଥିଲେ। ଗୋରୁଙ୍କୁ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ସନ୍ଦେହରେ ଯୁବକମାନେ ଏ ସଂକ୍ରାନ୍ତରେ ଗୋସୁରକ୍ଷା ସମିତିକୁ ସୂଚନା ଦେଇଥିଲେ। ଗୋସୁରକ୍ଷା ସମିତିର ସଦସ୍ୟମାନେ ସେଠାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ପରେ ବେଆଇନ ଭାବରେ ଗୋରୁ ଚାଲାଣ କରାଯାଉଥିବା ପ୍ରମାଣ ପାଇଥିଲେ । ଏତେ ସଂଖ୍ୟକ ଗୋରୁଙ୍କ ସୁରକ୍ଷା, ଖାଦ୍ୟପେୟକୁ ଦୃଷ୍ଟିରେ ରଖି ବିଭିନ୍ନ ଗ୍ରାମର କୃଷକଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଠିକଣା ଓ ଆଧାର କାର୍ଡ ନକଲ ରଖି ଦୁଇଟି ଲେଖାଏ ଗୋରୁ ପାଳନ ପାଇଁ ଦାୟିତ୍ୱ ଦେଇଥିଲେ। ଗୋରୁଙ୍କୁ ବାହାର ଜିଲାରୁ ଅଣାଯାଇ ବୌଦ୍ଧ ରାସ୍ତା ଦେଇ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିଲା ବୋଲି ସନ୍ଦେହ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ବୌଦ୍ଧ ଜିଲା ଗୋରୁ ବ୍ୟବସାୟୀଙ୍କ ପାଇଁ ସୁରକ୍ଷିତ ପଥ ପାଲଟିଛି। ଏହି ରାସ୍ତା ଦେଇ ଖୋର୍ଦ୍ଧା ଓ ଭଦ୍ରକ ଅଞ୍ଚଳକୁ ଗୋରୁ ଚାଲାଣ କରାଯାଉଥିବା ଅନେକ ସମୟରେ ଅଭିଯୋଗ ହୋଇଆସୁଛି। ପୋଲିସ ପକ୍ଷରୁ ଧରପଗଡ ପରେ ଗାଡିରେ ଗୋରୁ ଚାଲାଣ କରା ନ ଯାଇ ଏବେ ଚଲାଇ ଚଲାଇ ଗୋରୁଙ୍କୁ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ବୌଦ୍ଧର ଅନେକ ସାପ୍ତାହିକ ହାଟରେ ମଧ୍ୟ ଗୋରୁ ବିକ୍ରୟ କରାଯାଉଥିବା ବେଳେ ଏହା ଉପରେ ଅଙ୍କୁଶ ଲଗାଯିବାକୁ ଗୋସୁରକ୍ଷା ସମିତି ପକ୍ଷରୁ ଦାବି କରାଯାଇଛି।

# ସମ୍ବଲପୁରୀ ନାଚ ଗୀତରେ ଦୁଲୁକିଲା ମଞ୍ଚ

ବୌଦ୍ଧ,୧।୮ (ଅଜିତ କୁମାର ବାରିକ)

## ବୌଦ୍ଧରେ ସମ୍ବଲପୁରୀ ଦିନ୍ ପାଳିତ

ବୌଦ୍ଧ ଜିଲାରେ ଗୁରୁବାର ଦିନ ସମ୍ବଲପୁରୀ ଦିନ୍ ଧୂମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ସହରର ଟାଉନହଲ ସ୍ଥିତ ଗୁରୁ ଭିକାରୀ ନାୟକ କଳା ମଣ୍ଡପଠାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଓ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି । ସମ୍ବଲପୁରୀ ଭାଷା ଓ ସଂସ୍କୃତିକୁ ବିକଶିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମଦିନ ଅବସରରେ ଏହି ଉତ୍ସବ ପ୍ରତିବର୍ଷ ପାଳିତ ହୋଇଆସୁଛି। ଜିଲା ସଂଯୋଜକ ଦେବାଶିଷ ପୁରୋହିତ, ସଭାପତି ବିଶ୍ୱଜିତ ସାହୁ, ପୋଗ୍ରାମ କୋଡିନେଟର ସୀତାକାନ୍ତ ସିଂ, ସଂପାଦକ ତ୍ରୀଶୂଳ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତିଥି ଭାବରେ ବୌଦ୍ଧଗଡ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ ଓ ସମାଜସେବୀ ସୋନାଲି ବିଶି ଯୋଗଦେଇ ପଶ୍ଚିମ ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଉପରେ ମତ ପ୍ରକାଶ କରିଥିଲେ । ପଶ୍ଚିମ ଓଡ଼ିଶାର ଭାଷା, ପୋଷାକ, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ସମ୍ବଲପୁରୀ ଦିନ ପାଳନକୁ ଅତିଥିମାନେ ପ୍ରଶଂସା କରିଥିଲେ। ପରେ ପଶ୍ଚିମ ଓଡ଼ିଶାର କଳାକାର ଉମାକାନ୍ତ ବାରିକଙ୍କ ମେଲୋଡି ସାଙ୍ଗକୁ ବୌଦ୍ଧର କଳାକାର କୃଷ୍ଣ ମୁଖୀଙ୍କ ସମ୍ବଲପୁରୀ ସଙ୍ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ସମ୍ବଲପୁରୀ ନାଚ, ଗୀତରେ ପୁରା କଳାମଣ୍ଡପ ଦୁଲୁକି ଉଠିଥିଲା । ଜିଲାର ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ କୁନି କୁନି କଳାକାରମାନଙ୍କ ନୃତ୍ୟ ଓ ସଙ୍ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଅର୍ଚ୍ଚିତା ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ସମ୍ବଲପୁରୀ ପୋଷାକରେ ଆୟୋଜକ କର୍ମକର୍ତ୍ତା ଓ କଳାକାର।

# ଅଧ୍ୟାପକ କୁଞ୍ଜବନ ମେହେରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ଅମରପାଲି,୧।୮ (ପୀତାମ୍ବର ସାହୁ)

ଅବସର ଗ୍ରହଣ କଲେ ଅଧ୍ୟାପକ କୁଞ୍ଜବନ ମେହେର। ୨୦୦୪ ମସିହାରେ ବୀରମହାରାଜପୁର ମହାବିଦ୍ୟାଳୟର ରାଜନୀତି ବିଭାଗର ଅଧ୍ୟାପକଭାବେ ଚାକିରୀ ଜୀବନ ଆରମ୍ଭ କରି ଦୀର୍ଘ ୩୦ବର୍ଷ ସେ ଏଠାରେ ଅଧ୍ୟାପନା କରିଆସୁଥିଲେ। ଏହି ଅବସର ରେ କଲେଜର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ପରିଚାଳନା ପରିଷଦର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ମୁଖ୍ୟଅତିଥି ଏବଂ ଇଂଲିଶ ବିଭାଗ ପ୍ରଧାପିକା ଗୀତାଞ୍ଜଳୀ ପୂଝାରୀ ସମ୍ମାନୀତ ଅତିଥିଭାବାରେ ଯୋଗଦେଇ ଅଧ୍ୟାପକ ମେହେରଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ। କଲେଜର ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀ ମାନଙ୍କ ମଧ୍ୟରୁ ଶିବକୁମାର ପୁରୋହିତ, ସୀମାରାଣୀ ବେହେରା, ବିଜୟ କୁମାର ପ୍ରଧାନ, ଡ. ଶିଶିର ବଣିଆ, ଯଜ୍ଞେଶ୍ୱର ବିଶି, ବିଜୟ କୁମାର ପୁରୋହିତ, ସୁନୀଲ କୁମାର ତ୍ରିପାଠୀ, ନରେନ୍ଦ୍ର ଝା, ସ୍ମୃତିରଞ୍ଜନ ଭରାସାଗର, ବଳରାମ ଶତପଥୀ, ଗୌରାଙ୍ଗ ଜଗଦଲା ପ୍ରମୁଖ ତାଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ପ୍ରତିଉତ୍ତରରେ ଅଧ୍ୟାପକ ମେହେର ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରିବା ସହିତ ଆଜୀବନ ବୀରମହାରାଜପୁର ମହାବିଦ୍ୟାଳୟ ପାଇଁ ଉତ୍ସର୍ଗିକୃତ ହୋଇ ରହିବେ ବୋଲି କହିଥିଲେ। ଅଧ୍ୟାପିକା ହରପ୍ରିୟା ମହାପାତ୍ର ସଭା ସଂଯୋଜନା କରିଥିବାବେଳେ ଡ. ବନ୍ଦିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। ଉଲେଖଯୋଗ୍ୟଯେ ସେ ୧୯୮୧ ମସିହାରେ ପ୍ରତିଷ୍ଠିତ ହୋଇଥିବା ବୀରମହାରାଜପୁର ମହାବିଦ୍ୟାଳୟର ପ୍ରଥମ ବ୍ୟାଚର ଛାତ୍ର ଥିଲେ।

# ସବୁଦିନିଆ ପକ୍କା ରାସ୍ତା ନିର୍ମାଣ ଦାବି

ଖୁଣ୍ଟିଗୋରା,୧।୮ (ମକରନ୍ଦ ସାହୁ)

## ଉମା ପଞ୍ଚାୟତ

■ବିପଦରେ ଛାତ୍ରୀଛାତ୍ରଙ୍କ ଜୀବନ

କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ ବିଭିନ୍ନ କାରଣରୁ ତାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ବିଶେଷ କରି ରାସ୍ତାଘାଟ, ଆବାସ ଘର, ଡାକ୍ତରଖାନା କ୍ଷେତ୍ରରେ ଲୋକଙ୍କୁ ହଟହଟା ହେବାକୁ ପଡୁଛି। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତର ମୁଖ୍ୟ ରାସ୍ତା ଏହାର ଏକ ଉଦାହାରଣ। ଏହି ରାସ୍ତାର ପ୍ରାୟ ୨ କିଲୋମିଟର ଛୋଟ ବଡ ଖାଲଖମାରେ ପରିପୂର୍ଣ୍ଣ ହୋଇ ମରଣଯନ୍ତା ପାଲଟିଛି। ଅସରାଏ ବର୍ଷା ହେଲେ କାଦୁଅ ପଚ୍‌ପଚ୍ ହୋଇଯାଉଛି। ଦୈନିକ ଏହି ରାସ୍ତା ଦେଇ ଶତାଧିକ ଜନସାଧାରଣ ଯାତାୟତ କରିଥାନ୍ତି। ଉକ୍ତ ରାସ୍ତାରେ ପଞ୍ଚାୟତ କାର୍ଯ୍ୟାଳୟ, ଉମା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ ଛାତ୍ରୀ ନିବାସ ରହିଛି। ତେବେ ରାସ୍ତା ଶୋଚନୀୟ ହୋଇ ପଡିଥିବାରୁ ବର୍ଷାଦିନେ ଛାତ୍ରୀଛାତ୍ର ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାରେ ମଧ୍ୟ ସମସ୍ୟା ହେଉଛି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ପଞ୍ଚାୟତବାସୀ ସ୍ଥାନୀୟ ସରପଞ୍ଚ ତଥା ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଫଳରେ ଜନ ଅସନ୍ତୋଷ ବଢିବାରେ ଲାଗିଛି । ଯଥାଶୀଘ୍ର ଗ୍ରାମଠୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।


ବିପଦପୂର୍ଣ୍ଣ ଭାବେ ସ୍କୁଲର ଛାତ୍ରୀଛାତ୍ର ଯିବା ଆସିବା କରୁଥିଲେ ମଧ୍ୟ କାହାରି ନଜର ନାହିଁ।

# ଲୋକ ସଭାରେ ଉଠିଲା ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ

ସୋନପୁର,୧।୮ (ମୃତ୍ୟୁଞ୍ଜୟ ଶତପଥୀ)

■ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଏମ୍‌ପି ସଙ୍ଗୀତା

■ବଢ଼ିଲା ସୁବର୍ଣ୍ଣପୁର ଜିଲାବାସୀଙ୍କ ଆଶା


ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ।

ସୁବର୍ଣ୍ଣପୁର ଜିଲାରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଲୋକ ସଭାରେ ପ୍ରଶ୍ନ ଉଠାଇଛନ୍ତି ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ। ଜିଲାରେ ମହାନଦୀ, ତେଲନଦୀ, ଅଙ୍ଗନଦୀ ଏବଂ ସୁକତେଲ ନଦୀର ବିସ୍ତୀର୍ଣ୍ଣ ଜଳରାଶି ସହ ଏକାଧିକ ଛୋଟ ବଡ ନାଳ, ହରିହରଯୋର ଡ୍ୟାମ୍, ଶତାଧିକ ବନ୍ଧ ଓ ପଞ୍ଚାୟତ ପୋଖରୀ ରହିଛି। ଏଠାରେ ବିଭିନ୍ନ ପ୍ରଜାତିର ମଧୁର ଜଳ ମାଛ ଓ ଚିଙ୍ଗୁଡି ମିଳିଥାଏ। ମତ୍ସ୍ୟ ଉତ୍ପାଦନ ସହ ଗବେଷଣା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ବିନିକାର ରହିଲାରେ ୫୫ ଏକର ପରିମିତ ଅଞ୍ଚଳରେ ଓଡିଶା ମତ୍ସ୍ୟ ଉନ୍ନୟନ ନିଗମର ଫାର୍ମ ରହିଛି। ସୁବର୍ଣ୍ଣପୁର ସହରରେ ୭୫ ଏକର ପରିମିତ ଅଞ୍ଚଳରେ ମତ୍ସ୍ୟ ବିଭାଗର ସରକାରୀ ଫାର୍ମ ଅଛି। ଜିଲାରେ ହଜାର ହଜାର ମତ୍ସ୍ୟଜୀବୀ ପରିବାର ଅଛନ୍ତି। ସେମାନେ ପାରମ୍ପରିକ ପଦ୍ଧତିରେ ମାଛ ମାରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ତେଣୁ ଜିଲାରେ ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏମ୍‌ପି ମଙ୍ଗଳବାର ଲୋକ ସଭାରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୁବର୍ଣ୍ଣପୁର ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୌଣସି ବଡ ପ୍ରତିଷ୍ଠାନ ନ ଥିବାରୁ ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗତ ବର୍ଷ ଉଦ୍ୟମ ହୋଇଥିଲା। ଜୁନ୍ ମାସରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ଏ ନେଇ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏକ ଡିପିଆର(ଡିଟେଲ୍ସ ପ୍ରଜେକ୍ଟ ରିପୋର୍ଟ) ପ୍ରସ୍ତୁତ ହୋଇଥିଲା। ଜୁଲାଇ ମାସରେ ଜିଲା ଗସ୍ତରେ ଆସିଥିବା ତତ୍କାଳୀନ ୫-ଟି ସଚିବଙ୍କୁ ଜିଲାବାସୀ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ନେଇ ଲିଖିତଭାବେ ଅନୁରୋଧ କରିଥିଲେ। ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ବିଭାଗ ପକ୍ଷରୁ ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କିତ ଅନୁରୋଧ ପତ୍ର ଜୁଲାଇ ୨୧ରେ ମତ୍ସ୍ୟ ଓ ପ୍ରାଣୀପାଳନ ବିକାଶ ବିଭାଗର ପ୍ରମୁଖ ସଚିବଙ୍କୁ ଲେଖା ଯାଇଥିଲା। ମତ୍ସ୍ୟ ଓ ପ୍ରାଣୀପାଳନ ବିକାଶ ବିଭାଗର ପ୍ରମୁଖ ସଚିବ ଭିତ୍ତିଭୂମି ସମୀକ୍ଷା ସହିତ ଆନୁସଙ୍ଗିକ ଖର୍ଚ୍ଚ, ଜମି ଆଦିର ରିପୋର୍ଟ ମାଗିବା ସହ ଏକ କମିଟି ଗଠନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରରେ ଏକ କମିଟି ଗଠନ ହୋଇଥିଲା। ପରେ ଜିଲାପାଳ ଏଥିପାଇଁ ଏକ ସବ୍ କମିଟି ମଧ୍ୟ ଗଠନ କରିଥିଲେ। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧିନରେ ଥିବା ସମ୍ବଲପୁର ଜିଲା ଚିପିଲିମା ସ୍ଥିତ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ମତ୍ସ୍ୟ ମହାବିଦ୍ୟାଳୟ ସକାଶେ ଡିପିଆର ପ୍ରସ୍ତୁତ କରିଥିଲେ। ଭୁବନେଶ୍ୱରରୁ ଏକ ଟିମ୍ ପଠାଇ ସ୍ଥାନ ନିରୂପଣ କରି ନିଷ୍ପତ୍ତି ନେବା ପାଇଁ ଜିଲା ପ୍ରଶାସନ ଚିଠି ଲେଖିଥିଲା। ମତ୍ସ୍ୟ ମହାବିଦ୍ୟାଳୟ ପାଇଁ ୫୦ ରୁ ୬୦ ଏକ ଜମି ଆବଶ୍ୟକ। ଏହି କ୍ୟାମ୍ପସ୍‌ରେ ଛୋଟରୁ ବଡ ପୋଖରୀ, ଖେଳ ପଡିଆ, ଆଡମିନିଷ୍ଟ୍ରେଟିଭ୍ ବ୍ଲକ, ହଷ୍ଟେଲ ଆଦି ନିର୍ମାଣ କରାଯିବାର ପ୍ରସ୍ତାବ ଥିଲା। ତେବେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ବେସରକାରୀ ସ୍ତରରେ ମତ୍ସ୍ୟ ମହାବିଦ୍ୟାଳୟ ଖୋଲିବା ଉପେର ଗୁରୁତ୍ୱ ଦେଇଥିଲେ। ତେଣୁ ଏହା ଆଉ ଆଗକୁ ବଢି ପାରିନଥିଲା। ନୂଆ ସରକାର ଆସିବା ପରେ ଏଥିନେଇ ଉଦ୍ୟମ ଆରମ୍ଭ ହୋଇଛି। ଏମ୍‌ପି ସିଂହଦେଓଙ୍କ ପରାମର୍ଶ କ୍ରମେ ଜିଲାରେ ସରକାରୀ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରଶାସନ ପକ୍ଷରୁ ଗତ ସପ୍ତାହରେ ରାଜ୍ୟ ସରକାରଙ୍କୁ ପୁଣି ଅନୁରୋଧ କରାଯାଇଛି। ଏମ୍‌ପି ମଧ୍ୟ ଏହି ଦାବିକୁ ତଥ୍ୟ ସହ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରିଛନ୍ତି। ତେଣୁ ଡବଲ ଇଞ୍ଜିନ୍ ସରକାରରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପୁଣି ଆଶା ସଞ୍ଚାର ହୋଇଛି।

## ସଂକ୍ଷେପରେ

### ଦାଦନ ଖଟିବାକୁ ଯାଇ ଶ୍ରମିକ ନିଖୋଜ



ବଡ଼ଗାଁ,୧୮(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଯାଜପୁର ଗାଁର ଦୀପକ କେରକେଟା(୩୧) ଶନିବାର ଗାଁର ଅନ୍ୟ କେତେଜଣ ଯୁବକଙ୍କ ସହ ଦାଦନ ଖଟିବାକୁ ଗୋଆ ଯାଇଥିଲେ। ହେଲେ ବାଟରେ ସେ ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିବାରୁ ବୁଧବାର ବାଧ ହୋଇ ବଡ଼ଗାଁ ଥାନାରେ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଉକ୍ତ ଗାଁର ବିନୟ ଡୁଙ୍ଗଡୁଙ୍ଗ୍ ଦୀପକ ଓ ଅନ୍ୟ ଯୁବକଙ୍କୁ ଦାଦନ ଶ୍ରମିକଭାବେ କାମ କରେଇବା ପାଇଁ ଗୋଆ ନେଇଥିଲେ। ହେଲେ ବାଟରେ ଦୀପକ ନିଖୋଜ ହୋଇଯାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଜିଲାର ଶତାଧିକ ଶ୍ରମିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଅନେକ ଶ୍ରମିକ ସେଠାରେ ନିଖୋଜ ହୋଇଯାଉଛନ୍ତି। ଏନେଇ ଥାନା ଓ ଜିଲା ପ୍ରଶାସନ ନିକରେ ଅଭିଯୋଗ କଲେ ମଧ ସେମାନଙ୍କର କୌଣସି ସନ୍ଧାନ ମିଳୁନାହିଁ। ବଡ଼ଗାଁ ବ୍ଲକ୍‌ର ଅନେକ ଶ୍ରମିକ ପୂର୍ବରୁ ନିଖୋଜ ହୋଇଯାଇଥିବା ଅଭିଯୋଗ ରହିଛି।

### ଇଲେକ୍ଟ୍ରିକ୍ ସ୍କୁଟିରେ ଲାଗିଲା ନିଆଁ

ବନ୍ଧମୁଣ୍ଡା,୧୮(ସୁବ୍ରତ ଦେ) : ବନ୍ଧମୁଣ୍ଡାର ଶୀତଳନଗରସ୍ଥିତ ଶିବମନ୍ଦିର ନିକଟରେ ରହୁଥିବା ସରୋଜ ଆଚାର୍ଯ୍ୟଙ୍କ ଏକ ଇଲେକ୍ଟ୍ରିକ୍ ସ୍କୁଟିରେ ଗୁରୁବାର ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ସରୋଜ କହିଛନ୍ତି, ହଠାତ୍ ଏକ ବିସ୍ଫୋରଣ ଶବ୍ଦ ଶୁଣାଗଲା। ଘର ବାହାରକୁ ଆସି ଦେଖିଲା ବେଳକୁ ସ୍କୁଟିରେ ନିଆଁ ଲାଗିଯାଇଥିବା ଜାଣିବାକୁ ପାଇଥିଲେ।

### ସାପକାମୁଡ଼ା, ବଜ୍ରପାତ ସଚେତନତା ତାଲିମ କାର୍ଯ୍ୟକ୍ରମ

ବଡ଼ଗାଁ,୧୮(ଅଶୋକ ଷଡ଼ଙ୍ଗୀ) : ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଗୁରୁବାର ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସାପକାମୁଡ଼ା ଓ ବଜ୍ରପାତ ସମ୍ପର୍କିତ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକ୍‌ର ପାଲା କଳାକାରଙ୍କୁ ଏହି ତାଲିମ ପ୍ରଦାନ କରାଯାଇଛି। ବର୍ଷାଦିନ ସମୟରେ ଗାଁ ଗାଁ ବୁଲି ପାଲା କଳାକାରମାନେ ପାଲା ମାଧ୍ୟମରେ ସାପକାମୁଡ଼ା ଓ ବଜ୍ରପାତ ସମ୍ପର୍କିତ ସଚେତନତା ସୃଷ୍ଟିକରିବାକୁ ଏହି ତାଲିମ ପ୍ରଦାନ କରାଯାଇଛି। ସାପକାମୁଡ଼ାରେ ଗୁରୁତର ଆହତଙ୍କୁ ପ୍ରାଥମିକ ଚିକିତ୍ସା ଏବଂ ବଜ୍ରପାତରୁ ସୁରକ୍ଷିତ ରହିବା ବିଷୟରେ ସଚେତନତା ସୃଷ୍ଟି କରିବେ। ବଡ଼ଗାଁ ବ୍ଲକ୍ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଡିଓ ସୁମତି ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବଡ଼ଗାଁ ବ୍ଲକ୍ ଉପାଧକ୍ଷା ରଶ୍ମିତା ପଟେଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା କଳା ସଂସ୍କୃତି ପରିଷଦର ଉପ ସଭାପତି ଫକୀର ବାଡ଼ା ଓ ବରିଷ୍ଠ କଳାକାର ଗୋକୁଳାନନ୍ଦ ବାରିକ ସହଯୋଗ କରିଥିଲେ।

# ଥମୁନି ଗୋଠଛଡ଼ା ଦନ୍ତା ଉତ୍ପାତ

**ଭାଙ୍ଗିଲା ଘର, ବର୍ତ୍ତିଲେ ଲୋକେ**

- ମାସକ ମଧ୍ୟରେ ହୋଇଛି ବ୍ୟାପକ କ୍ଷୟକ୍ଷତି
- ବନବିଭାଗ ତତ୍ପର ନ ହେଲେ ଆନ୍ଦୋଳନ ଚେତାବନୀ
- ବଢ଼ୁଛି ଜନ ଅସନ୍ତୋଷ

ବଣାଇଁ,୧୯(ପ୍ରଦୀପ ତ୍ରିପାଠୀ)



ଦନ୍ତା ଭାଙ୍ଗିଥିବା ଘର।

ସୁନ୍ଦରଗଡ଼ ଜିଲା ବଣାଇଁ ଅଞ୍ଚଳରେ ଗୋଟିଏ ଗୋଠଛଡ଼ା ଦନ୍ତା ସମୟ ଅନ୍ତରାଳରେ ଆତଙ୍କ ଖେଳାଉଛି। ହାତୀଙ୍କୁ ଘଉଡ଼ାଇବାରେ ଓ କାବୁ କରିବାରେ ବନ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ହାତୀ ଆତଙ୍କ ଯୋଗୁ ଭୟରେ ଜୀବନ କାଟୁଛନ୍ତି ଅଞ୍ଚଳବାସୀ। ବୁଧବାର ପ୍ରତ୍ୟୁଷରେ ଦନ୍ତା ବଣାଇଁ ବନାଞ୍ଚଳ ଅନ୍ତର୍ଗତ ମଗରମୁଣ୍ଡା ଗ୍ରାମରେ ୫ଜଣଙ୍କ ଘର ଭାଙ୍ଗି ଚାଉଳ ଖାଇବା ସହ ଆସବାବପତ୍ର ମାଡିଦଳି ନଷ୍ଟ କରିଦେଇଛି। ମଗରମୁଣ୍ଡା ଗ୍ରାମର ସୂର୍ଯ୍ୟ କିଷାନଙ୍କ ଘର ଓ ଦୁଃଖନ କିଷାନଙ୍କ ଘର କାନ୍ଥ ଭାଙ୍ଗିବା ସମୟରେ ପରିବାର ଲୋକ ଘରେ ଶୋଇଥିଲେ। ସୌଭାଗ୍ୟବଶତଃ ଅଳ୍ପକେ ରକ୍ଷା ପାଇଯାଇଛନ୍ତି ପରିବାର ଲୋକେ। ଏହା ଛଡ଼ା ଗ୍ରାମର ଶ୍ରୀରାମ କିଷାନ, ଗୁରୁ କିଷାନ ଓ ପୂର୍ଣ୍ଣ କିଷାନଙ୍କ ଘର ଭାଙ୍ଗି ହାତୀ ବହୁ କ୍ଷୟକ୍ଷତି ଘଟାଇଛି । ବିଭାଗୀୟ ଅଧିକାରୀ ଫୋନ ନ ଉଠାଇବା କି ଘଟଣା ସ୍ଥଳରେ ନ ପହଞ୍ଚିବାରୁ ବାସହରାମାନେ ଧରଣୀଧରପାଲି ବିଟ ତଥା ନର୍ସରି ସମ୍ମୁଖରେ ପ୍ରବଳ ବର୍ଷା ସତ୍ତ୍ୱେ ବିକ୍ଷୋଭ କରିଥିଲେ। ଲଗାଣ ବର୍ଷା ସାଙ୍ଗକୁ ଭଙ୍ଗା ଘରେ କେମିତି ରହିବେ ସେ ନେଇ କ୍ଷତିଗ୍ରସ୍ତମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏହି ଗୋଠଛଡ଼ା ଦନ୍ତା କିଛିଦିନ ପୂର୍ବରୁ ବଣାଇଁ ମୁଖ୍ୟ ସହରରେ ପଶି ଆତଙ୍କ ଖେଳାଇଥିଲା। ଏକମାସ ମଧ୍ୟରେ ଦନ୍ତା ବଣାଇଁ ବନାଞ୍ଚଳର ୧୦ କିଲୋମିଟର ପରିଧି ମଧ୍ୟରେ ବାରମ୍ବାର ଆତଙ୍କ ଖେଳାଇ ବ୍ୟାପକ କ୍ଷୟକ୍ଷତି ଘଟାଇ ସାରିଲାଣି। ବଣାଇଁ ଡିଏଫଓ ଲଳିତ କୁମାର ପାତ୍ରଙ୍କୁ ଯୋଗାଯୋଗ କଲେ ମଧ୍ୟ କିଛି ଉତ୍ତର ମିଳୁନାହିଁ। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ସୁଶାନ୍ତ କୁମାର ନନ୍ଦ ସ୍ପଷ୍ଟ ଭାବେ ବଣାଇଁ ଓ ପାନପୋଷ ବନଖଣ୍ଡରେ ଗୋଠଛଡ଼ା ଦନ୍ତାଙ୍କ ଉତ୍ପାତ ନେଇ ସ୍ୱୀକାର କରିଥିଲେ। ସ୍ୱତନ୍ତ୍ର ଅପରେଶନ ଯଥା ଟ୍ରାକିଂ ଓ ଟ୍ରାଙ୍କୁଲାଇଜ ମାଧ୍ୟମରେ ହାତୀଙ୍କୁ ଅନ୍ୟତ୍ର ନିଆଯିବ ବୋଲି ଦେଇଥିବା ସୂଚନା କେବଳ କାଗଜକଲମରେ ସୀମିତ ରହିଯାଇଛି। ସମ୍ପୃକ୍ତ ଗୋଠଛଡ଼ା ଦନ୍ତାକୁ ନେଇ ବନବିଭାଗ ତତ୍ପର ନ ହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ସ୍ପଷ୍ଟ ହୋଇଯାଇଛି।



ଗ୍ରାମବାସୀ ରାସ୍ତା ଉପରେ ତଳି ରୋଉଛନ୍ତି।

## ରାସ୍ତାରେ ତଳି ରୋଇଲେ: ପ୍ରତିବାଦ କଲେ ଗ୍ରାମବାସୀ

ବାଲିଶଙ୍କରା,୧୮(ହୃଦାନନ୍ଦ ବାରିକ)

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତ ଧୁଡିନୂଆଗାଁର ବଡ଼ପଡାରୁ ସିନ୍ଧିଆ ଆମ୍ବପଡ଼ାର ୱାର୍ଡ ନଂ. ୩ର ଲୋକସଂଖ୍ୟା ୧୫୦ରୁ ଉର୍ଦ୍ଧ୍ୱ। ଉକ୍ତ ପଡାର ରାସ୍ତା ଶୋଚନୀୟ ଥିବାରୁ ଯା’ ଆସରେ ସମସ୍ୟା ସୃଷ୍ଟି ହେଉଛି। ଏନେଇ ବାରମ୍ବାର ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିଲା। ବାଧ ହୋଇ ବୁଧବାର ଗ୍ରାମବାସୀ ଦିବ୍ୟ ଶଙ୍କର ସା, ବିଷ୍ଣୁ ଚନ୍ଦ୍ର ମହାକୁଲ, ଦୀପକ ସା, କିଶୋର ନାଏକ, ପ୍ରକାଶ ପୁରୋହିତ, ଦୁର୍ଗା ମାଝୀ, ଲଦୁ ଦଣ୍ଡସେନା, ଦୁତିଆ ଲୁହୁରା, ରତନ ଦଣ୍ଡସେନା, ହରୀଲାଲ ମାଝୀ, ମହେନ୍ଦ୍ର କମାର, ଦୁବରାଜ ଦଣ୍ଡସେନା ସମେତ ଗ୍ରାମର ମହିଳାମାନେ ମିଶି ଅଭିନବ ଉପାୟରେ ଉକ୍ତ ରାସ୍ତା ଉପରେ ତଳି ରୋଇ ପ୍ରତିବାଦ କରିଛନ୍ତି। ତୁରନ୍ତ ରାସ୍ତା ମରାମତି ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମର ଗୌନ୍ତିଆ ଦିବ୍ୟଶଙ୍କର ସା ଚେତାବନୀ ଦେଇଛନ୍ତି ।

## ନବାଗତ ଛାତ୍ରୀଙ୍କ ପ୍ରବେଶ ଉତ୍ସବ

ସୁନ୍ଦରଗଡ଼,୧୮(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ନବାଗତ ଛାତ୍ରୀଙ୍କ ପ୍ରବେଶ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦିରା ଗଡନାୟକ ଏହି ଉତ୍ସବରେ ସଭାପତିତ୍ୱ କରି ସମସ୍ତ ନବାଗତା ଛାତ୍ରୀଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଯୁକ୍ତ ୩ର ପ୍ରଶାସନିକ ଅଧିକାରୀ ଡ. ସଞ୍ଜିତା ଅଭିଜିତା ଶିକ୍ଷାର ସଦୁପଯୋଗ ହିଁ ବିଦ୍ୟାର୍ଥୀ ଜୀବନର ଲକ୍ଷ ହେବା ଉଚିତ ବୋଲି ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସୁସ୍ମିତା ନାୟକ ପାୱାର ପଏଣ୍ଟ ମାଧ୍ୟମରେ ମହାବିଦ୍ୟାଳୟର ନୀତି ନିୟମ ଗୁଡିକୁ ନବାଗତ ଛାତ୍ରୀଙ୍କୁ ଅବଗତ କରିଥିଲେ। ଶେଷରେ ସହ ପ୍ରାଧ୍ୟାପକ ଡ. ବିଜନ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଘର ଭାଙ୍ଗିଲା, ଚାଉଳ ଖାଇଲା



ଦନ୍ତା ହାତୀ ଭାଙ୍ଗିଥିବା ଘର।

**ବଡ଼ଗାଁରେ ଦନ୍ତା ଆତଙ୍କ**

ବଡ଼ଗାଁ,୧୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଧୀନ ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ କିଛି ମାସ ହେଲା ଥମି ଥିଲାବେଳେ ପୁଣି ଏକ ଦନ୍ତା ଉପଦ୍ରବ ଆରମ୍ଭ କରିଛି। ବୁଧବାର ରାତି ୧୨ଟାରେ ଭୋଇପାଲି ପଞ୍ଚାୟତ ଖରିକାମୁଣ୍ଡା ଗ୍ରାମରେ ଏକ ଦନ୍ତା ଗାଁ ଭିତରକୁ ପଶିଆସି ୪ଜଣଙ୍କ ଘର ଭାଙ୍ଗି ଦେଇଛି। ଏହି ଗ୍ରାମର ଭଜ ଦଳଦଲିଆ, ଦେବେନ୍ଦ୍ର ବରିହା, ରୀନା ବରିହା, ସୁରେନ୍ଦ୍ର ନାଏକଙ୍କ ଘର ଭାଙ୍ଗି ଚାଉଳ ଖାଇ ଦେଇଛି। ସୂଚନାପାଇ ବନ ବିଭାଗ କର୍ମଚାରୀମାନେ ଗ୍ରାମବାସୀଙ୍କ ସହିତ ହାତୀକୁ ଘଉଡ଼ାଇଥିଲେ।

## ଉତ୍ସାହର ସହ ପାଳନହେଲା ସମ୍ବଲପୁରୀ ଦିନ୍



ବନ୍ଧମୁଣ୍ଡା,୧୮(ସୁବ୍ରତ ଦେ)

ସମ୍ବଲପୁରୀ ସାହିତ୍ୟର ଅଗ୍ରଦୂତ ଗୁରୁ ସତ୍ୟନାରାୟଣ ବାହିଦାରଙ୍କ ଜନ୍ମଦିନ ଏବଂ ସମ୍ବଲପୁରୀ ଦିନ ଗୁରୁବାର ବନ୍ଧମୁଣ୍ଡାଠାରେ ପାଳିତ ହୋଇଯାଇଛି। ବନ୍ଧମୁଣ୍ଡା ବି-ସେକ୍ଟରସ୍ଥିତ ମା’ ସମଲେଶ୍ୱରୀ ସାଂସ୍କୃତିକ ସଙ୍ଗଠନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ବରିଷ୍ଠ ସଦସ୍ୟ ବିଦ୍ୟାଧର ତନ୍ତୀ ମା’ ସମଲେଶ୍ୱରୀଙ୍କୁ ପୂଜାକରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତକରି ବିଦ୍ୟାଧର ତନ୍ତୀ ଗୁରୁ ସତ୍ୟନାରାୟଣଙ୍କ ଅବଦାନକୁ ମନେପକାଇ ତାଙ୍କ ସ୍ମୃତିକୁ ସମ୍ମାନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ସେ ସମାଜର ଯୁବକଙ୍କୁ ଶିକ୍ଷିତ ହେବାକୁ ତଥା ନିଶାରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମ୍ବଲପୁରୀ ପୋଷାକ ପିନ୍ଧି ଲୋକମାନେ କବିତା, ନୃତ୍ୟ ଏବଂ ଗୀତ ମାଧ୍ୟମରେ ଗୁରୁ ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ମହିଳାମାନେ ମଧ୍ୟ ଭାଗ ନେଇଥିଲେ। ଏହି ଅବସରରେ ସମ୍ବଲପୁରୀ ମୁଖ୍ୟ ଖାଦ୍ୟ ପିଠାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଦେବାନନ୍ଦ ତନ୍ତୀ, ମହାଦେବ ବାଦ୍ଦିକି, କୃଷ୍ଣ ମେଘା, ରାଜନ ଭୋଇ, ନାଗେଶ୍ୱର ଜଗଦଲ୍ଲା,ତରୁଣ ସାଗର, ସରୋଜ ତନ୍ତୀ,ସୁଲେଗ ବାଗ, ଅନିଲ ତନ୍ତୀ, ନନ୍ଦିଗୋଶ ଜଗଦଲ୍ଲା, ମାଦରା ଜଗଦଲ୍ଲା, ସୁଦର୍ଶନ ଜାଇରା, ଯଶବନ୍ତି ବାଗ, ସନ୍ତୋଷୀ ବାଗ, ଚଞ୍ଚଳା ସାଗର, ତନୁଜା ଲୋହା, ଯମୁନା ଦାସ, ସାବିତ୍ରୀ ସାଗର, ଜାଗେଶ୍ୱରୀ ବାବର୍ତ୍ତି, ତିଳୋତ୍ତମା ସାଗର, ଲିଲିମା ମହାନନ୍ଦ ଉପସ୍ଥିତ ଥିଲେ।

## ସମ୍ବଲପୁରୀ ଭାଷା, ପୋଷାକର ପ୍ରଚାର ପାଇଁ ଉଦ୍ୟମ ଲୋଡ଼ା

ବଡ଼ଗାଁ,୧୭(ଅଶୋକ ଷଡ଼ଙ୍ଗୀ)



ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ପାମରା ସ୍ଥିତ ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନ ତରଫରୁ ଗୁରୁବାର ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ଗାଁ ବିଡିଓ ସୁମତି ପଣ୍ଡା, ମୁଖ୍ୟ ବକ୍ତା ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ଓ ସମ୍ମାନିତ ଅତିଥିଭାବ ଏବିଡିଓ ଉଷାବତୀ ଗରଡିଆ, ଉପାଧକ୍ଷା ରଶ୍ମିତା ପଟେଲ, ଯୋଗାଣ ଅଧିକାରୀ ଶିବାନୀ ବାରିହା ଯୋଗଦେଇଥିଲେ। ପ୍ରାରମ୍ଭରେ ମା’ ସମଲେଇ ଓ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନର ପ୍ରତିଷ୍ଠାତା ଟୋନିସ ରୋହିଦାସ, ଜିଲା ସଂଯୋଜକ ଦୁଷ୍ମନ୍ତ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସହ ଅନୁଷ୍ଠାନର ଅନିଲ ରଣା, ବିକ୍ରମ କମାର, ଚିନ୍ତାମଣି ରଣା ସହଯୋଗ କରିଥିଲେ। ମୁଖ୍ୟ ବକ୍ତା ପ୍ରଧାନ ସମ୍ବଲପୁରୀ ରଙ୍ଗବତୀ କିପରି ବିଶ୍ୱ ପ୍ରସିଦ୍ଧ ହୋଇଥିଲା ତାର ଅବତାରଣା କରି ଏହି ଲୋକ ସଂସ୍କୃତି ଓ ଭାଷା କିପରି ମାନ୍ୟତା ପାଇବ ସେ ଦିଗରେ ଚେଷ୍ଟିତ ହେବାକୁ କହିଥିଲେ। ଅଧକ୍ଷା ସୋରେଙ୍ଗ କହିଥିଲେ, ସମ୍ବଲପୁରୀ ଗୀତ ଶୁଣିଲେ ମନ ଉଲ୍ଲସିତ ହୋଇଉଠେ। ସମ୍ବଲପୁରୀ ଭାଷା, ପୋଷାକ,ନାଚ ଓ ଗୀତ କିପରି ସର୍ବତ୍ର ହେବ ସେଥିପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଅତିଥିମାନେ ଭାଷା ସଂସ୍କୃତିର ବିକାଶ ଉପରେ ଆଲୋଚନା କରିଥିଲେ। ପଶ୍ଚିମ ଓଡିଶାର ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ସାରା ପଶ୍ଚିମାଞ୍ଚଳରେ ସମ୍ବଲପୁରୀ ଦିନଭାବେ ପାଳନ କରୁଥିବା ବେଳେ ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନ ତରଫରୁ ମଧ ପାଳନ କାରଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ କଳାକାର ସମ୍ବଲପୁରୀ ନାଚ ଗୀତରେ ଯୋଗ ଦେଇଥିଲେ ଏବଂ କବିମାନେ ମଧ ନିଜର ସମ୍ବଲପୁରୀ କବିତା ପାଠ କରିଥିଲେ। କଳାକାରଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଛି। ଜୟ କୁମାରୀ ସା, ଆରୋଷୀ ପୁରାଲେ, ସୋମ୍ୟାଶ୍ରୀ ପଣ୍ଡା, ପାୟଲ, ମିକି, କଳ୍ପନା, ପୁନମ, କାଜଲ, ଲିଜା, ଅର୍ଜୁନ ତାଣ୍ଡିଆ, ରବିକାନ୍ତ ବୁଡା,ସମ୍ବଲପୁରୀ ନାଚ ଗୀତ ଓ କବିତା ପାଠରେ ଅଂଶଗ୍ରହଣ କରିଥିଲେ। ସୁନ୍ଦରଗଡ଼ ସୁନାଜୋର ଠାରେ ମଧ ଅନୁଷ୍ଠାନ ତରଫରୁ ଅନୁଷ୍ଠାନର କର୍ମକର୍ତ୍ତା ପ୍ରଦୀପ ଦାସଙ୍କ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସମ୍ମିଳନୀ

କୁତ୍ରା,୧୮(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରାଠାରେ ଥିବା ସର୍ଗୁ କିଶାନ ଉଚ୍ଚ ବିଦ୍ୟାଳୟରେ ଏକ ଦିବସୀୟ ବ୍ଲକ ସ୍ତରୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାର କାର୍ଯ୍ୟାଳୟ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ଆସପାୟର ମିଳିତ ଭାବେ ଆୟୋଜନ କରିଥିବା ଏହି ସମ୍ମିଳନୀକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ଲାକଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ବିଦ୍ୟାଳୟର ସୁପରିଚାଳନା ନିମନ୍ତେ ପ୍ରଧାନ ଶିକ୍ଷକଙ୍କ ରହିଥିବା ଗୁରୁ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ସହ ଏହି ସମ୍ମିଳନୀର ବିଷୟବସ୍ତୁ ଗଣିତ ଓ ବିଜ୍ଞାନ ପାଠ୍ୟକ୍ରମ ଶିକ୍ଷା କ୍ଷେତ୍ରରେ ରହିଥିବା ଗୁରୁତ୍ୱ ନେଇ ପ୍ରଶିକ୍ଷଣ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଏବିଇଓ ଲକ୍ଷଣ ଜାମୁଣ୍ଡା, ଆସପାୟର ବ୍ଲକ ସଂଯୋଜକ ଅଭିରାମ ମାଝୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏହି ବ୍ଲକ ଅନ୍ତର୍ଗତ ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଯୋଗ ଦେଇଥିଲେ। ସର୍ଗୁ କିଶାନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ ସାହୁ ସମସ୍ତଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ସିଆରସିସି, ଆସପାୟର ସଂସ୍ଥାର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଏସ୍‌ପି ଇସ୍ପାତର ପରିବେଶ ସମ୍ବନ୍ଧୀୟ ଜନଶୁଣାଣି

ଟେନ୍‌ସା,୧୮(ସମୀର କୁମାର ପାଢ଼ୀ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସୁନ୍ଦରଗଡ଼ ଜିଲା କୋଇଡା ତହସିଲ ଅନ୍ତର୍ଗତ ସୋଣୁଆ ଗ୍ରାମରେ ଥିବା ମେସର୍ସ ଏସପି ଇସ୍ପାତ ପ୍ରାଇଭେଟ ଲିମିଟେଡ କମ୍ପାନୀ ପ୍ରସ୍ତାବିତ ୧.୫ ଏମଟିପିଏ କ୍ଷମତା ବିଶିଷ୍ଟ ଲୁହାପଥର ବେନିଫିକେସନ ପ୍ଲାଣ୍ଟର ସ୍ଥାପନା ନିମନ୍ତେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣୀ ସୋଣୁଆ ଗ୍ରାମସ୍ଥିତ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣୀରେ ମୋଟ ୨୩ ଜଣ ସ୍ଥାନୀୟ ବାସିନ୍ଦା ପାରିପାର୍ଶିକ ଉନ୍ନତି ଦାବି ସହ ମତାମତ ରଖିଥିଲେ। ସୁନ୍ଦରଗଡ଼ ଜିଲା ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି,ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଆଞ୍ଚଳିକ ଅଧିକାରୀ ଅନୁପ କୁମାର ମଲ୍ଲିକ, ବଣାଇଁ ଉପଜିଲାପାଳ ସୁରଞ୍ଜନ ସାହୁ, କୋଇଡା ତହସିଲଦାର ଅନିଲ କୁମାର ଆଚାର୍ଯ୍ୟଙ୍କ ଉପସ୍ଥିତିରେ କୋଇଡ଼ା ବ୍ଲକ ଜନ ପ୍ରତିନିଧି, ଗ୍ରାମବାସୀମାନେ ଯୋଗଦେଇ ନିଜ ମତାମତ ଜଣାଇଥିଲେ। କମ୍ପାନୀ ପକ୍ଷରୁ ମୁଖ୍ୟ ପ୍ରବନ୍ଧକ ପ୍ରଦୀପ ପରିଜା ଉପସ୍ଥାପିତ ଦାବି ପ୍ରତି ଯତ୍ନବାନ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଜନଶୁଣାଣୀରେ ପାରିପାର୍ଶ୍ୱିକ ଅଞ୍ଚଳର ୫୦୦ରୁ ଉର୍ଦ୍ଧ୍ୱ ଲୋକେ ଯୋଗଦେଇଥିଲେ। କୋଇଡ଼ା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।




ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟରେ ସମ୍ବଲପୁରୀ ଦିନ ପାଳନ ଅବସରରେ ଅଧକ୍ଷା,ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ସମ୍ବଲପୁରୀ ହସ୍ତତନ୍ତ ବସ୍ତ୍ର ପରିଧାନ କରିଛନ୍ତି। **(ଫଟୋ: ଜୟ ନାରାୟଣ ମେଣ୍ଡୁଲି)**

## ବରିଷ୍ଠ ଆୟୁର୍ବେଦ ଚିକିତ୍ସକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ସୁନ୍ଦରଗଡ,୧୮(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବେଦବ୍ୟାସ ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ବରିଷ୍ଠ ଆୟୁର୍ବେଦ ଚିକିତ୍ସକ ଡାକ୍ତର ମନୋଜ କୁମାର ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡା. ଅନନ୍ତ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ବୁଧବାର ଏକ ସଭା ଆୟୋଜିତ ହୋଇଥିଲା। ବିଦାୟୀ ଚିକିତ୍ସକ ଡା. ନାୟକ ସଭାକାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ। ସଭାରେ ଜିଲାର ସମସ୍ତ ଆୟୁର୍ବେଦ ଚିକିତ୍ସକ ଯୋଗଦେଇଥିଲେ। ଡାକ୍ତର ଜୟନ୍ତ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

## ଜିନ୍ଦଲ କଲୋନିରେ ୬ ଘରୁ ଲୁଟ୍

ଟେନ୍‌ସା,୧୮(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ଟେନ୍‌ସା ଫାଣ୍ଡି ଅନ୍ତର୍ଗତ ଜିନ୍ଦଲ କଲୋନିରେ ବୁଧବାର ରାତିରେ ଦୁର୍ବୃତ୍ତମାନେ ୬ଟି ଘରର ତାଲା ଭାଙ୍ଗି ଟଙ୍କା, ସୁନା ଅଳଙ୍କାର ଲୁଟ କରି ନେଇଯାଇଛନ୍ତି। ଟେନ୍‌ସା ଫାଣ୍ଡି ଅଧିକାରୀ ଏସ. ଦେହୁରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ (ସନ୍ଧ୍ୟା ୭ଟା) କାହାର କ’ଣ ଚୋରି ହୋଇଛି ଜଣାପଡିନାହିଁ। ସୂଚନାଯୋଗ୍ୟ, କର୍ମଚାରୀମାନେ ଘରେ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବୁଧବାର ରାତିରେ ଘରେ ପଶି ଲୁଟପାଟ କରିଥିଲେ। ଉଲ୍ଲେଖଯୋଗ୍ୟ, କୋଇଡା ଓ ଟେନ୍‌ସା ଖଣି ଅଞ୍ଚଳରେ ବାରମ୍ବାର ଚୋରି ହେଉଛି। ହେଲେ ପୋଲିସ ଚୋର ଧରିବାରେ ବିଫଳ ହେଉଛି। ଦୁର୍ବୃତ୍ତମାନେ କମ୍ପାନୀ କଲୋନିକୁ ଟାର୍ଗେଟ କରୁଛନ୍ତି। କର୍ମଚାରୀମାନେ ରାତିରେ ଡ୍ୟୁଟି ଗଲା ପରେ ସେମାନଙ୍କ ଘରେ ପଶି ଲୁଟ କରୁଛନ୍ତି। ଗତ ୧୫ଦିନ ତଳେ କୋଇଡା ଥାନା ଅନ୍ତର୍ଗତ ସାନଇନ୍ଦୁପୁର ରୁଙ୍ଗଟା କଲୋନିରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ୧୫ଟି ଘରୁ ଲୁଟପାଟ କରିଥିଲେ। ପାଖାପାଖି ୪୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟି ନେଇଥିଲେ। ପୋଲିସ ତଦନ୍ତ ଜାରି ରଖିଛି।

# ବର୍ଷାକୁ ଚାହିଁ ବସିଛି ଚାଷୀ: ରୁଆ, ବିହୁଡ଼ା ଠପ୍

ଝାରସୁଗୁଡ଼ା,୧।୮ (ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲାର ଚାଷୀମାନଙ୍କୁ ପ୍ରତି ବର୍ଷ ଗୋଟିଏ ପରେ ଗୋଟିଏ ସମସ୍ୟା ମାଡ଼ି ଆସୁଛି। ଜିଲାରେ ଅନିୟମିତତା ବର୍ଷା ଚାଷୀଙ୍କୁ ସବୁବେଳେ ପ୍ରଭାବିତ କରୁଛି। ଗତବର୍ଷ ଖରିଫ ଚାଷ ଆରମ୍ଭରୁ ଅନୁକୂଳ ପାଗ ଥିବା ସତ୍ତ୍ୱେ ଅମଳ ପୂର୍ବରୁ ବର୍ଷା ନ ହେବାରୁ ଧାନ ନଷ୍ଟ ହୋଇ ଯାଇଥିଲା। ସେହିପରି ଚଳିତବର୍ଷ ଖରିଫ ଆରମ୍ଭରୁ ଅନିୟମିତତା ବର୍ଷା ଯୋଗୁ ଚାଷ କାର୍ଯ୍ୟକୁ ପ୍ରଭାବିତ କରୁଛି। ଅନେକେ ସ୍ଥାନରେ ମାଟି ଫାଟି ଆଁ କଲାଣି। ଜିଲାରେ ବୃହତ ଜଳ ସେଚନ ବ୍ୟବସ୍ଥା ନ ଥିବା ବେଳେ ସରକାରୀ ଭାବେ ୨୮.୩୫ ପ୍ରତିଶତ ଜଳ ସେଚନ ବ୍ୟବତା ରହିଛି। ଜିଲାରେ ମୋଟ ୨୩୧୬୨ ହେକ୍ଟର ଜମିକୁ ଜଳସେଚନ ହେଉଛି। ସେଥି ମଧ୍ୟରେ ୭୯ଟି କ୍ଷୁଦ୍ର ପ୍ରକଳ୍ପ ଜରିଆରେ ୯୮୭୦.୦୪ ହେକ୍ଟର ଜମିକୁ ଯାଉଛି।



ବର୍ଷା ଅଭାବରୁ ଚାଷଜମି ଶୁଖିଲା ପଡ଼ିଛି।

୧୯୭ଟି ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ୪୦୩୬ ହେକ୍ଟର ଜମିକୁ ଯାଉଛି। ୧୩ଟି ଓଲଆସି ଜରିଆରେ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ୨୬ ହେକ୍ଟର ୬ଟି କ୍ଲଷ୍ଟର ଜଳସେଚନ ମାଧ୍ୟମରେ ୧୪୪ ହେକ୍ଟର ଓ ଅନ୍ୟାନ୍ୟ ଜଳସେଚନର ଯୋଜନାରେ ୩୬୦୪ ହେକ୍ଟର ଜମିକୁ ଜଳସେଚନ ହେଉଛି। ବାକି ୭୨ ପ୍ରତିଶତ ବର୍ଷା ପାଣିରେ ଚାଷ କାମ ହେଉଛି। ଠିକ ସମୟରେ ବର୍ଷା ନ ହେବା ସହିତ ସାର୍ ବିହନ ଔଷଧ ସମେତ କୃଷି କାମ ଉପକରଣ ଠିକ ସମୟରେ ନ ମିଳୁଥିବାରୁ ଚାଷ କାମ ବାଧାପ୍ରାତ ହେଉଛି। ଚଳିତବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ୪୦ ପ୍ରତିଶତରୁ କମ ବର୍ଷା ହୋଇଥିବା ବେଳେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ଗତ ଦୁଇଦିନ ତଳେ ବିଧାନସଭାରେ ମରୁଡ଼ି ଆଶଙ୍କୁ ନେଇ ପ୍ରଶ୍ନ ଉଠାଇଥିଲେ। ଶ୍ରାବଣ ମାସ ଦଶ ଦିନରୁ ଉର୍ଦ୍ଧ୍ୱ ଦିନ ହେବ ଜିଲାର ଜମିରେ ଯଥେଷ୍ଟ ପାଣି ନ ଥିବାବେଳେ ଆଗାମୀ ଦିନରେ ଭଲ ବର୍ଷା ନ ହେଲେ ଚାଷ କାର୍ଯ୍ୟରେ ବାଧାପ୍ରାପ୍ତ ହେବା ସହିତ ଚାଷୀମାନେ ଉଚିତ୍ ପାରିଶ୍ରମିକ ପଇସା ପାଇପାରିନି। ପ୍ରଥମ ବର୍ଷା ହେବା ଯୋଗୁ ଚାଷୀ ଧାନ ବୁଣେ କିନ୍ତୁ ଜିଲାରେ ଆଜି ପର୍ଯ୍ୟନ୍ତ ଭଲ ବର୍ଷା ହୋଇ ନ ଥିବାର ସୂଚନା ମିଳୁଛି। ନିଅଣ୍ଟିଆ ବର୍ଷା ଯୋଗୁ ହାତିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବି ଶୁଖିଲା ପଡ଼ିଛି। ଜିଲାରେ ଧାନ ଚାଷ ସହ ଅନ୍ୟାନ୍ୟ ଚାଷରେ ମଧ୍ୟ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦୁଇ ତିନି ଦିନ ମଧ୍ୟରେ ବଡ ବର୍ଷା ନ ହେଲେ ବହୁ କ୍ଷତି ହେବା ସମ୍ଭାବନା ରହିଛି। ଜଳସେଚନର ସୁବ୍ୟବସ୍ଥା କରିବା ପାଇଁ ଚାଷୀ ମହଲରେ ଦୀର୍ଘ ଦିନରୁ ଦାବି ହେଉଥିବା ବେଳେ ଜିଲା ପ୍ରଶାସନ ଓ ନୂଆ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### କେନ୍ଦ୍ରୀୟ ବିଦ୍ୟାଳୟ ଜାତୀୟ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଶ୍ରେୟାଂଶ

ଦେବଗଡ଼,୧।୮
(ଶଶାଙ୍କ ଶେଖର ଝାଙ୍କର)

କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ରିଜିୟନ ଆନୁକୂଲ୍ୟରେ ବଲାଙ୍ଗୀରଠାରେ ଆୟୋଜିତ ୫୩ତମ ରିଜିଓନାଲ



ଆଥଲେଟିକ ମିଟ, କ୍ରିକେଟ ପ୍ରତିଯୋଗିତାରେ ସଫଳତା ହାସଲ କରି ଜାତୀୟସ୍ତର କ୍ରିକେଟ ପ୍ରତିଯୋଗିତା(୧୭ ବର୍ଷରୁ କମ) ପାଇଁ ମନୋନୀତ ହୋଇଛନ୍ତି ଶ୍ରେୟାଂଶ ଆଚାର୍ଯ୍ୟ। ଉପରୋକ୍ତ କ୍ରିକେଟ ପ୍ରତିଯୋଗିତାରେ ଦେବଗଡ କେନ୍ଦ୍ରୀୟ ବିଦ୍ୟାଳୟ ସମେତ ରାଜ୍ୟର ଅନେକ କେନ୍ଦ୍ରୀୟ ବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲେ। ଏଥିରେ ଦେବଗଡ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାଦଶ ଶ୍ରେଣୀର ଛାତ୍ର ଶ୍ରେୟାଂଶ ଆଚାର୍ଯ୍ୟ ସଫଳତା ହାସଲ କରି କେନ୍ଦ୍ରୀୟ ବିଦ୍ୟାଳୟ ଜାତୀୟ ଟିମ (୧୭ ବର୍ଷରୁ କମ)ରେ ସ୍ଥାନ ପାଇଛନ୍ତି। ଆଚାର୍ଯ୍ୟ ରାଜ୍ୟ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଅଂଶଗ୍ରହଣ କରି କେନ୍ଦ୍ରୀୟ ବିଦ୍ୟାଳୟ, ଜାତୀୟ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଦେବଗଡ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛିଞ୍। ସଫଳ କ୍ରିକେଟ ଖେଳାଳି ଶ୍ରେୟାଂଶ ଦେବଗଡ ପୌରାଞ୍ଚଳର ମନୋଜ କୁମାର ଆଚାର୍ଯ୍ୟ ଏବଂ ରଞ୍ଜିତା ମିଶ୍ରଙ୍କ ସୁପୁତ୍ର ବୋଲି ଜଣାପଡିଛି। ଏହି ସଫଳତା ପାଇଁ ଶ୍ରେୟାଂଶଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷ ଭଗବାନ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

### ବ୍ରଜରାଜନଗର ମହାବିଦ୍ୟାଳୟରେ କୋଚିଂ ସେଣ୍ଟର ଉଦ୍‌ଘାଟିତ

ବ୍ରଜରାଜନଗର,୧।୮ (ବିଜୟ ବରାଡ଼)

ଝାରସୁଗୁଡା ଜିଲା ଛାତ୍ରୀଛାତ୍ରମାନଙ୍କ ଉଜ୍ଜଳ ଭବିଷ୍ୟତ ଉଦ୍ଦେଶ୍ୟରେ ବ୍ରଜରାଜନଗର ମହାବିଦ୍ୟାଳୟରେ ଜିଲା ପ୍ରଶାସନ ଓ ମହାନଦୀ କୋଲ ଇଣ୍ଡିଆ ଆନୁକୂଲ୍ୟରେ କୋଚିଂ ସେଣ୍ଟର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଅନ୍ୟତମ ଅତିଥି ଭାବେ ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ସ୍ମିଥ ପି ପରମାର ପ୍ରମୁଖ ଯୋଗଦେଇ ଝାରସୁଗୁଡା ଜିଲାରେ ଆଗାମୀ ଦିନରେ ଛାତ୍ରୀଛାତ୍ରମାନେ ଆଇଏସ ଓ ଆଇପିଏସ ପାଆନ୍ତୁ ବୋଲି ପ୍ରକାଶ କରିଥିଲେ। ଉଭୟ ଜିଲାପାଳ ଓ ଏସପି ତାଙ୍କ ଛାତ୍ର ଜୀବନର ଅଭିଜ୍ଞାତା ଓ ୟୁପିଏସସି ପ୍ରସ୍ତୁତି ପାଇଁ କିପରି ପ୍ରସ୍ତୁତ ହେବାକୁ ପଡେ ସେ ସମ୍ବନ୍ଧରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଜିଲାରେ ୨ଟି ସେଣ୍ଟର ଉଦଘାଟନ କରାଯାଇଛି। ଲଖନପୁର ଅଞ୍ଚଳରୁ ମଧ୍ୟ ଛାତ୍ରୀଛାତ୍ରମାନେ ଆସି ପାଠପଢି ଉପକୃତ ହୋଇ ପାରିବେ। ଆଗାମୀ ଦିନରେ ୟୁପିଏସସି ପରୀକ୍ଷା ଦେଇ ଝାରସୁଗୁଡା ଜିଲାରୁ ସଫଳତା ପାଇଲେ ଏ କୋଚିଂ ସେଣ୍ଟର ଲକ୍ଷ୍ୟ ପୂରଣ ହୋଇ ପାରିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଶେଷରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# ଆଦର୍ଶ ମହାବିଦ୍ୟାଳୟରେ ପ୍ରବେଶିକା କାର୍ଯ୍ୟକ୍ରମ




ଦେବଗଡ଼,୧।୮
(ଶଶାଙ୍କ ଶେଖର ଝାଙ୍କର)

ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ସେମିନାର କକ୍ଷରେ ଯୁକ୍ତ ୩ପ୍ରଥମ ବର୍ଷର ବିଦ୍ୟାର୍ଥୀମାନଙ୍କ ପାଇଁ ପ୍ରବେଶିକା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡାକ୍ତର ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମହାରଣା ମହାବିଦ୍ୟାଳୟର ଐତିହ୍ୟ ସମ୍ପର୍କରେ କହିବା ସହିତ ବିଦ୍ୟାର୍ଥୀମାନଙ୍କୁ ନିୟମିତ କ୍ଲାସ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାର୍ଥୀମାନେ ଶୃଙ୍ଖଳିତ ହୋଇ ଅଧ୍ୟନ କଲେ ଭବିଷ୍ୟତରେ ଜୀବନର ଲକ୍ଷ୍ୟ ହାସଲ କରିବେ ବୋଲି କହିଥିଲେ। ବିଦ୍ୟାର୍ଥୀମାନେ ନିଜ ପରିଚୟ ଓ ନିଜର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପ୍ରତ୍ୟେକ ବିଭାଗ ଅଧ୍ୟାପକ, ଅଧ୍ୟାପିକା, ଡାକ୍ତର ପ୍ରଦୀପ କୁମାର ମିଶ୍ର, ଦିଲୀପ କୁମାର ବେହେରା, ଦାମୋଦର ନାଏକ, ସତରୁପା ମିଶ୍ର, ବୀଣାପାଣି ନାଏକ, କର୍ମଚାରୀ ଓ ନୂତନ ବିଦ୍ୟାର୍ଥୀମାନେ ଯୋଗକ୍‌ଦେଇଥିଲେ।

# କେରଳ ପୀଡ଼ିତ ପରିବାର ଲୋକଙ୍କୁ ଭେଟିଲେ ବିଧାୟକ, ଜିଲାପାଳ, ଏସ୍‌ପି

ଝାରସୁଗୁଡ଼ା,୧।୮ (ସଞ୍ଜୟ ମାଲି)

କେରଳର ୱାୟନାଡ୍‌ରେ ଲଗାଣ ବର୍ଷାଜନିତ ଭୂସ୍ଖଳନରେ ଆହତ ହୋଇ ଚିକିତ୍ସିତ ହେଉଥିବା ଝାରସୁଗୁଡା ସହରସ୍ଥିତ ବେହେରାମାଲ ଅଞ୍ଚଳ ଯୁବତୀ ଡ଼. ଶ୍ରୀକୃତି ମହାପାତ୍ରଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ସ୍ମିଥ ପି ପରମାର। ଗୁରୁବାର ସନ୍ଧ୍ୟା ୬.୩୦ ମିନିଟରେ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇ ବିଧାୟକ କହିଛନ୍ତି ଯେ, ଏହା ଏକ ପ୍ରାକୃତିକ ବିପର୍ଯ୍ୟୟ। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା, ସ୍ଥାନୀୟ ଅନେକ ଲୋକ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ମଧ୍ୟ ହୋଇଛନ୍ତି। ଆମେ ଯେତେ ଶୀଘ୍ର ହେବ ଆହତ ଲୋକଙ୍କୁ ଫେରାଇ ଆଣିବୁ। ଏବଂ ଯାହା ବି ସରକାରୀ ସହାୟତା ହେବ ତାହା ଯୋଗାଇ ଦିଆଯିବ ବୋଲି ବିଧାୟକ ଓ ଜିଲାପାଳ ପରିବାର ଲୋକଙ୍କୁ



ପୀଡ଼ିତା ପରିବାର ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ, ଜିଲାପାଳ, ଏସପି ଏବଂ ଉପସ୍ଥିତ ଅଛନ୍ତି ଦଳୀୟ ଅନ୍ୟ କର୍ମୀ।

ଆଶ୍ୱସନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଭାଜପା ଜିଲା ସଭାପତି ସୁନିଲ ପଣ୍ଡା, ବିମଳେନ୍ଦୁ ଭୋଲ ଏବଂ ଦଳୀୟ ଅନ୍ୟ କର୍ମୀ।

ସୂଚନା ଅନୁସାରେ ସୋମବାର ରାତି ୨ଟା ଏବଂ ଭୋର ୪ଟା ୩୦ ମିନିଟରେ କେରଳର ୱାୟନାଡ୍‌ରେ ହୋଇଥିବା ଭୁସ୍କଳନରେ ଆହତ ହୋଇ ଚିକିତ୍ସିତ ଅବସ୍ଥାରେ ଫସି ରହିଛନ୍ତି ବେହେରାମାଲ ଅଞ୍ଚଳର ଯୁବତୀ ଡ଼. ଶ୍ରୀକୃତି ମହାପାତ୍ର।

# ସମଲେଶ୍ୱରୀ ସାହିତ୍ୟ ସଂସଦ ପାଳନ କଲା ସମ୍ବଲପୁରୀ ଦିନ୍

କୋଲାବିରା,୧।୮
(ଚିନ୍ମୟ କୁମାର ବହିଦାର)

କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ପାଳିତ ହୋଇଯାଇଛି ସମ୍ବଲପୁରୀ ଦିନ୍। ସଂସଦ ସଭାପତି ଶୋଭାଚନ୍ଦ୍ର ନାଏକଙ୍କ ଆହ୍ୱାନକ୍ରମେ ଅଞ୍ଚଳର ବହୁ ବ୍ୟକ୍ତି ସମାରୋହରେ ଯୋଗଦେଇଥିଲେ। ସମ୍ବଲପୁରୀ ଭାଷା, ସମ୍ବଲପୁରୀ କଳା ସଂସ୍କୃତିର ସମ୍ମାନ ଓ ମର୍ଯ୍ୟାଦାବୃଦ୍ଧି ପାଇଁ ଅଗଷ୍ଟ ୧ ତାରିଖକୁ ସମ୍ବଲପୁରୀ ଦିବସ ଭାବେ ପାଳନ କରାଯାଉଛି। ସଂସଦ ପକ୍ଷରୁ ପାଳିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିବା ବେଳେ ଦିନ ତମାମ ସମ୍ବଲପୁରୀ ନାଚ ଗୀତରେ ମସଗୁଲ ରହିଥିଲେ। ସମସ୍ତେ କାର୍ଯ୍ୟକ୍ରମ ମନଭରି ଉପଭୋଗ କରିବା ସହ ସମ୍ବଲପୁରୀ ସଂସ୍କୃତିର ଜୟଗାନ କରିଥିଲେ। ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ଅତିଥି ଭାବେ ଯୋଗଦେଇ ସ୍ୱରଚିତ ସମ୍ବଲପୁରୀ କବିତା ଆବୃତିକରୁ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୀରେନ୍ଦ୍ର ମହାପାତ୍ର, ପ୍ରଶିକ୍ଷକ ଶଚିନ୍ଦ୍ର ପଟେଲ, ତୁଳାରାମ ସେନାପତି, କରୁଣାକର ସେଟ୍, ସୁଶିଲ କୁମାର ଦାସ, ବୀର ଅମରେନ୍ଦ୍ର ପ୍ରତାପ ସିଂହ, ସୁରେନ୍ଦ୍ର ଟଣକାର, ଭିଷ୍ଣଦେବ ପଟେଲ ପ୍ରମୁଖ ସମ୍ବଲପୁରୀ ଭାଷା ଏବଂ ସଂସ୍କୃତିକୁ ନେଇ ମତବ୍ୟକ୍ତ କରିଥିଲେ। ଏଇ ଅବସରରେ ସୁଆଁଲି ପିଠା, ମଣ୍ଡା ଆଦି ସମ୍ବଲପୁରୀ ଭୋଜନର ମଧ୍ୟ ଆୟୋଜନ କରାଯାଇଥିଲା। କର୍ଯ୍ୟକ୍ରମରେ ସମ୍ବଲପୁରୀ ବସ୍ତ୍ର ପିନ୍ଧି ବହୁ କବି, କଳାକାର, ଲେଖକ, ସାହିତ୍ୟିକ ଓ ସାମାଜିକ କର୍ମୀ ସାମିଲ ହୋଇଥିଲେ।

# ବିଭିନ୍ନ ଯୋଜନାର ସମୀକ୍ଷା କଲେ ମନ୍ତ୍ରୀ ରବି ନାଏକ



ଦେବଗଡ଼,୧।୮ (ଶଶାଙ୍କ ଶେଖର ଝାଙ୍କର)

ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଦେବଗଡ ଜଲାର ତିଲେଇବଣି ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ନାୟକ ପ୍ରଥମେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହିତ ପରିଚିତ ହେବା ପରେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପଗୁଡିକର ସମୀକ୍ଷା କରିଥିଲେ। ଏଥିସହ ଗ୍ରାମାଞ୍ଚଳରେ ଯେଭଳି ସମସ୍ତ ଉନ୍ନତି ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ସେଥିନେଇ ଯତ୍ନବାନ ହେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପ ଜିଲାପାଳ ପରକ୍ଷୀତ ସାହୁ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀଙ୍କ ସମେତ ବହୁ ଯନ୍ତ୍ରୀ ଏବଂ ଅଧିକାରୀ ଉପସ୍ଥିତ ଥିଲେ।

# ମାଉଣ୍ଟ ଏଲ୍‌ବ୍ରସ୍ ଆରୋହଣ କରିବେ ଦେବଗଡ଼ ଜିଲାର ଯୁବ ପର୍ବାତାରୋହୀ




ପର୍ବାତରୋହୀ ଶଶିଭୂଷଣ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦେବଗଡ଼,୧।୮
(ଶଶାଙ୍କ ଶେଖର ଝାଙ୍କର)

ୟୁରୋପର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଲ୍‌ବ୍ରସ ଚଢିବେ ଦେବଗଡ ଜିଲାର ଆନ୍ତର୍ଯ୍ୟାତୀୟ ଖ୍ୟାତିସମ୍ପନ୍ନ ପର୍ବାତାରୋହୀ ଶଶିଭୂଷଣ ମାଝି। ଆସନ୍ତା ୬ ତାରିଖରେ ସେ ଯାତ୍ରା ଆରମ୍ଭ କରିବା କାର୍ଯ୍ୟକ୍ରମ ରହିଥିବା ବେଳେ ଏଥିପାଇଁ ସମ୍ବଲପୁର ଲୋକ ସଭା ସଦସ୍ୟ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେ ପରେ ଏମ୍‌ସିଏଲ (ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ) ପକ୍ଷରୁ ତାଙ୍କୁ ୨ଲକ୍ଷ ଟଙ୍କାର ଅର୍ଥିକ ସହାୟତା ପ୍ରଦାନ କରାଯାଇଛି। ୫୬୪୨ ମିଟର(୧୮୫୧୦ଫୁଟ) ଉଚ୍ଚତା ବିଶିଷ୍ଟ ୟୁରୋପ ମହାଦେଶର ଏହି ପର୍ବତ ଶୃଙ୍ଗକୁ ଚଢିବା ପାଇଁ ଶଶିଭୂଷଣ ଦୀର୍ଘବର୍ଷ ହେଲା ପ୍ରସ୍ତୁତି ଚଳାଇଥିବା ବେଳେ ଅଳ୍ପ ଦିନ ମଧ୍ୟରେ ତାଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଏଣୁ ସେ ବହୁତ ଖୁସି ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଗୁରୁବାର ସ୍ଥାନୀୟ ସର୍କୀଟ ହାଉସରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ତାଙ୍କୁ ପୁଷ୍ପଗୁଚ୍ଛ ଓ ଜାତୀୟ ପତାକା ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସଫଳତା ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ଉପ ନଗରପାଳ ପ୍ରଜିତ କୁମାର ଭୋଜ, ଇଂ ସୁଜିତ କୁମାର ପ୍ରଧାନ, ରୋହିତ ଗଙ୍ଗଦେବ, କ୍ଷୀରୋଦ ବିହାରୀ ପ୍ରଧାନ, ସୁଧିର କୁମାର ବ୍ରହ୍ମା, ମନୋଜ କୁମାର ନାୟକଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ମାଝି ପୂର୍ବରୁ ଉତ୍ତରାଖଣ୍ଡର କେଦାରଗଣ୍ଡା ଓ ତାଞ୍ଜାନିଆରେ ଥିବା ମାଉଣ୍ଟ କିଲିମାଞ୍ଜାରୋ ପର୍ବତ ଆରୋହଣ କରିଥିଲେ।

# ପ୍ରଜ୍ଞା ପାରମିତା ପାଇଲେ ସ୍ୱର୍ଣ୍ଣ ପଦକ



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଦେବଗଡ଼,୧।୮ (ଶଶାଙ୍କ ଶେଖର ଝାଙ୍କର)

ତାଳଚେର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଚଳିତ ଶିକ୍ଷାବର୍ଷରେ ୧୬ଟି ବିଭାଗରେ ଶୀର୍ଷ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛତ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ଏହି ମଧ୍ୟରୁ ଦେବଗଡ ସହରର ପ୍ରଫୁଲ୍ଲ କୁମାର ନାୟକ ଓ ସୁଜାତା ଦଳବେହେରାଙ୍କ ଝିଅ ପ୍ରଜ୍ଞା ପାରମିତା ନାୟକ ଶିକ୍ଷା ବିଷୟରେ କୃତୀ ହୋଇ ସ୍ୱର୍ଣ୍ଣ ପଦକ ପାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଅଧ୍ୟକ୍ଷ ଡ. ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଲୋକ ସଭା ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏବଂ ପୌର ନଗରପାଳ ପବିତ୍ର ଭୂତିଆ ଯୋଗ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ବିରଞ୍ଚି ନାରାୟଣ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେରେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଏହି ଉତ୍ସବ ସଂଯୋଜନା କରିଥିଲେ ନୃତତ୍ତ୍ୱ ବିଭାଗ ଅଧ୍ୟାପକ ଶଶାଙ୍କ କୁମାର ପ୍ରଧାନ। ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗଦେଇଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୧।୮ (ସଞ୍ଜୟ ମାଲି)

ଝାରସୁଗୁଡ଼ା ସହର ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୯୭ରୁ କାର୍ଯ୍ୟରତ କ୍ରୀଡ଼ା ଶିକ୍ଷକ ମୁକ୍ତିପ୍ରକାଶ କେରକେଟା (ପିଇଟି)ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପ୍ରଧାନ ଶିକ୍ଷକ ତନ୍ମୟୀ ଶୁଭଶ୍ରୀ ପିଙ୍ଗ, କୋଲାବିରା ବିଇଓ ସତ୍ୟବ୍ରତ ସାହୁ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡି, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିରୋଜ ପଟେଲ, ଜି.ଏଲ. ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ବେହେରାଙ୍କ ସହ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସଭାରେ ଅତିଥିଗଣ ବିଦ୍ୟାଳୟ ପ୍ରତି ତାଙ୍କ ଅତୁଳନୀୟ ଅବଦାନ ଯୋଗୁ ପ୍ରଶଂସା କରିଥିଲେ। ବିଦ୍ୟାଳୟ ପରିବେଶକୁ ସବୁଜ ସୁନ୍ଦର ରଖିବାରେ ତାଙ୍କର ଅକ୍ଲାନ୍ତ ପରିଶ୍ରମ ପ୍ରଶଂସାର ଯୋଗ୍ୟ । ରାଜ୍ୟସ୍ତରୀୟ କ୍ରୀଡ଼ା କ୍ଷେତ୍ରରେ ତାଙ୍କର ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଭଲ ପ୍ରଦର୍ଶନ କରି ବିଦ୍ୟାଳୟ ତଥା ଜିଲା ପାଇଁ ଗୌରବ ଆଣିଛନ୍ତି। ବରିଷ୍ଠ ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ଦାଶ ତାଙ୍କର ଅବସର ଜୀବନ ସୁଖମୟ ହେଉ ଓ ସେ ସ୍ୱାସ୍ଥ୍ୟବାନ ରୁହନ୍ତୁ ବୋଲି କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରିଚାଳନାରେ ଚିନ୍ମୟୀ ନାୟକ, ପ୍ରସ୍ତୁତିରେ ଅଳକା ପଟେଲ, ସାରିକା ତ୍ରିପାଠୀ,ବୈଭବ ମେହେର, ମଧୁସ୍ମିତା ମିଶ୍ର, ରେଶମା ହୋରୋ, ନମିତା ସାହୁ, ଅଞ୍ଜନା ଦୁଆଁ, ପ୍ରଭାକର ମଲ୍ଲିକ, ସୁଶାନ୍ତ ନେପାକ, ଶାଶତୀ ତ୍ରିପାଠୀ ଶିକ୍ଷକ ଶିକ୍ଷୟିତ୍ରୀ ତଥା ପିଅନ ଗୋପାଳ ବୁଡ଼ାଙ୍କର ସହଯୋଗ କରିଥିଲେ।




ମଞ୍ଚରେ ଶିକ୍ଷକ, ଶିକ୍ଷୟିତ୍ରୀ ସହ ଯୋଗଦେଇଛନ୍ତି ସ୍କୁଲ ଛାତ୍ରଛାତ୍ରୀ।

# ସାଂସ୍କୃତିକ ଶୋଭାଯାତ୍ରାରେ ପାଳନ ହେଲା ସମ୍ବଲପୁରୀ ଦିନ୍

ଝାରସୁଗୁଡ଼ା,୧।୮ (ସଞ୍ଜୟ ମାଲି)

ଝାରସୁଗୁଡ଼ା ସହରର ୨ଟି ପୃଥକ ସ୍ଥାନରେ ଆଡମ୍ବର ସହିତ ସାଂସ୍କୃତିକ ପରିବେଷଣରେ ପାଳିତ ହୋଇଯାଇଛି ସମ୍ବଲପୁରୀ ଦିନ। ଗୁରୁବାର ସକାଳୁ ସହର ତଥା ଆଖପାଖ ଅଞ୍ଚଳ ଗ୍ରାମବାସୀ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଏହି ଉତ୍ସବ ପାଳନ କରିଛନ୍ତି। ଦୀର୍ଘ ବର୍ଷରୁ ସମ୍ବଲପୁରୀ ଭାଷାକୁ ମାନ୍ୟତା ଦେବା ପାଇଁ ଗୁରୁ ସତ୍ୟନାରାୟଣ ବୋହିଦାରଙ୍କ ସଂଘର୍ଷ ଥିଲା। ସେହି ସଂଘର୍ଷ ମନେ ପକାଇ ଅଗଷ୍ଟ ୧ରେ ତାଙ୍କର ଜନ୍ମ ଦିନକୁ ସମ୍ବଲପୁରୀ ଦିନ ରୂପେ ପାଳନ କରାଯାଇଥାଏ। ପୂର୍ବାହ୍ନ ୧୧ଟାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଝାରସୁଗୁଡ଼ା ପୂର୍ବତନ ବିଧାୟିକା ଦୀପାଲି ଦାସଙ୍କ ନେତୃତ୍ୱରେ ବେହେରାମାଲ ଦୁର୍ଗା ମନ୍ଦିରରୁ ନବ ଦାସ ଓଡିଟରିୟମ ଏବଂ ଅପରାହ୍ନ ୩.୩୦ ମିନିଟରେ ଭାଷା ସାହିତ୍ୟ ସଂସ୍କୃତି ମଞ୍ଚ ପକ୍ଷରୁ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ସହରସ୍ଥିତ ଷ୍ଟେଶନ ଛକ କନକ ଦୁର୍ଗା ମନ୍ଦିରରୁ ସତସଙ୍ଗ ଭବନ ପର୍ଯ୍ୟନ୍ତ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ପ୍ରଥମେ ଗୁରୁଶ୍ରୀ ସତ୍ୟନାରାୟଣ ବୋହିଦାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଙ୍ଗେ ସଙ୍ଗେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସହର ଅନେକ ସ୍କୁଲ ଛାତ୍ରୀଛାତ୍ର, ସାମାଜିକ ସଙ୍ଗଠନ, ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ସାଂସ୍କୃତିକ ନାଚଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ସହର ତଥା ଆଖପାଖ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ନବ ଦାସ ଓଡିଟରିୟମରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥି ଭାବେ ପର୍ବତନ ବିଧାୟିକା ଦିପାଳୀ ଦାସ, ଡ଼. ଶଙ୍କର ରାମଚନ୍ଦାନି, ବେଲପାହାଡ ପୌରାଧକ୍ଷ ବୁଲୁ ପଣ୍ଡା ଯୋଗଦେଇଥିଲେ। ମୁଖ୍ୟ ଆକର୍ଷଣ ଥିଲେ ଦିବ୍ୟାଙ୍ଗ ଲକ୍ଷ୍ମଣ ଲୁହା, ଯିଏ ଜନ୍ମରୁ ତାଙ୍କ ଦୁଇ ଗୋଡ଼ ନ ଥିବା ସତ୍ତ୍ୱେ ସେ ସ୍ୱେଚ୍ଛାକୃତ ଭାବେ ୨୭ଥର ରକ୍ତ ଦାନ କରି ସାରିଛନ୍ତି। ସେହିପରି ସତସଙ୍ଗ ଭବନରେ ହେଉଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ଓ ତାଙ୍କର ପୁଅ ପୁରୁଷୋତ୍ତମ ମହାନ୍ତି ଯୋଗଦେଇଥିଲେ। ସମ୍ବଲପୁରୀ ଭାଷା ଚଳ ପ୍ରଚଳନ ବିଷୟ ଓ ସମ୍ବଲପୁରୀ ଗୀତ ରଙ୍ଗବତି ସାରା ବିଶ୍ୱରେ ପହଞ୍ଚି ସାରିଛି ଏବଂ ଏଥିପାଇଁ ସାରା ପଶ୍ଚିମ ଓଡ଼ିଶା ଗର୍ବିତ ବୋଲି ଉଭୟ କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ। ଶେଷରେ ସମସ୍ତ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କାର ପବ୍ଲିକ ସ୍କୁଲ ଛୋଟ ଛୋଟ ପିଲାମାନେ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୋହିନେଇଥିଲା।



ସମ୍ବଲପୁର ଦିନ୍ କାର୍ଯ୍ୟକ୍ରମରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ସ୍ୱୟଂଶାସିତ କଲେଜରେ ପାଠପଢ଼ା ଆରମ୍ଭ

**ଖଡ଼ିଆଳ,୧।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ ଓ ଯୁକ୍ତ ୩ ଶିକ୍ଷାବର୍ଷର ପାଠପଢ଼ା ଗୁରୁବାରଠାରୁ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଯୁକ୍ତ ୨ ଅଧକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ଅଧ୍ୟାପକ ଡ. ରଣବୀ ସିଂ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ନୀତିନିୟମ, ଶୃଙ୍ଖଳା ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁନୀଲ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଗୁଣବନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ୧୫ଦିନରେ ୪୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଅଭିଯୋଗ

**ଥୁଆମୂଳ ରାମପୁର,୧।୮ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଅଡ୍ରୀ ଗ୍ରାମରେ ୧୫ଦିନରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏ ନେଇ ଥୁଆମୂଳ ରାମପୁର ବ୍ଲକ ପ୍ରାଣୀ ସମ୍ପଦ ବିଭାଗରେ ଅଭିଯୋଗ କରିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଲଗାଣ ବର୍ଷାରେ ଖାଦ୍ୟାଭାବ ସହିତ ପାଟି ଓ ନାକରୁ ଫେଣ ବାହାରି ଗୋରୁଙ୍କ ମୃତ୍ୟୁ ଘଟିଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଅଡ୍ରୀ, ଗୋପୀନାଥପୁର, ମାଳିଗାଁ, ପୋଡ଼ାପଦର ଓ ତଳନାଗୀ ପଞ୍ଚାୟତ ପାଇଁ ଗୋପୀନାଥପୁରଠାରେ ପ୍ରାଣୀ ଚିକିତ୍ସା ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। କିନ୍ତୁ ସେଠାରେ କେହି ଅଧିକାରୀ ରହୁ ନ ଥିବାରୁ ଏହି ଗ୍ରାମ ପଞ୍ଚାୟତର ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷାରେ ଅବହେଳା ହେଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଛବିଳ ମାଝୀଙ୍କୁ ପଚାରିବାରୁ ସେ କହିଥିଲେ, ଆମେ ଯେଉଁଆଡୁ ଖବର ପାଉଛୁ ସେ ଗାଁକୁ ଯାଇ ଭ୍ୟାକସିନ କିମ୍ବା ଔଷଧ ଦେଇ ଆସୁଛୁ। ଗତ ୧୫ ତାରିଖରେ ଏହିସବୁ ଅଞ୍ଚଳ ବୁଲି ଦେଖିଥିଲୁ। ହେଲେ ଗୋରୁ ମୃତ୍ୟୁ ଖବର ଶୁଣି ନାହୁଁ କି ଦେଖି ନାହୁଁ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କୋକସରା,୧।୮ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସଙ୍କ ଅସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବନମାଳୀ ମାଝିଙ୍କ ସଭାପତିତ୍ୱରେ ବ୍ଲକ ଉପାଧକ୍ଷା ରିତା ଅଗ୍ରୱାଲ ମୁଖ୍ୟ ଅତିଥି, ଜବାହାର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା ଓ ବିଇଓ କଲମପୁର ବ୍ଲକ ମଧୁସ୍ମିତା ନାୟକ, ଏବିଇଓ ତୋଫାନ ମାଝି, ଓଷ୍ଟା ସମ୍ପାଦକ ଶିକ୍ଷକ ସାମନ୍ତ ପାଟ୍ଟଯୋଷୀ, ସମାଜସେବୀ ଦୁର୍ଗା ପ୍ରସାଦ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସମ୍ବର୍ଦ୍ଧନା ଦେବା ସହ ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ବରିଷ୍ଠ ଶିକ୍ଷକ ବୁଦ୍ଧିରାମ ନାଏକ ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ରେଣୁକା ସାହୁ ଧନ୍ୟବାଦ ଦେଇଥିଲେ।

### ସାର୍ବଜନୀନ ଶ୍ମଶାନର ଉନ୍ନତୀକରଣ ଆରମ୍ଭ

**ଖଡ଼ିଆଳ,୧।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସହର ତଥା ଗଡ୍ରାମୁଣ୍ଡା ଗ୍ରାମପଞ୍ଚାୟତକୁ ଲାଗିଥିବା ସାର୍ବଜନୀନ ଶ୍ମଶାନ ଉନ୍ନତୀକରଣ ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ପଞ୍ଚାୟତ ପକ୍ଷରୁ ସରପଞ୍ଚ ବୃନ୍ଦାବନ ବାଗ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ମଶାନରେ ସଫେଇ, ପାଚେରି ନିର୍ମାଣ, ରାସ୍ତା, ଆଲୋକୀକରଣ, ନଳକୂପ, ଡ୍ରେନ୍ ଆଦି ବ୍ୟବସ୍ଥା କରାଯିବାକୁ ଯୋଜନା ରହିଥିବା କୁହାଯାଇଛି। ପ୍ରାଥମିକ ଭାବେ ପଞ୍ଚାୟତ ପାଣ୍ଠିରେ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଉନ୍ନୟନ କାର୍ଯ୍ୟ ହେବ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡିଛି।

# ଜୁନାଗଡ଼ ଏନ୍‌ଏସି ଅନାସ୍ଥା ଭୋଟ ସ୍ଥଗିତ

### ଆସିଲେନି ଅତିରିକ୍ତ ଜିଲାପାଳ

**ଭବାନୀପାଟଣା/ଜୁନାଗଡ଼,୧।୮ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍‌ଏସିରେ ଅନାସ୍ଥା ଭୋଟ ସ୍ଥଗିତ ରହିଛି। ଏନ୍‌ଏସି ଅଧକ୍ଷ ମୁକେଶ ଅଗ୍ରୱାଲଙ୍କ ବିରୋଧରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଅନାସ୍ଥା ଭୋଟ ଗ୍ରହଣ କରାଯିବାର ରହିଥିଲା। ମାତ୍ର ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ନ ଆସିବାରୁ ଏହାକୁ ସ୍ଥଗିତ ରଖାଯାଇଛି। ଅନାସ୍ଥା ଭୋଟ କେବେ ହେବ ସେ ନେଇ ଜିଲାପାଳ ତାରିଖ ଘୋଷଣା କରିବେ। ପ୍ରାପ୍ତ ପ୍ରକାଶ ଯେ, ଏନ୍‌ଏସି ଅଧକ୍ଷ ଭାଜପାର ମୁକେଶଙ୍କ ବିରୋଧରେ ବିଜେଡିର ୯ ଜଣ କାଉନସିଲର ଓ ଉପାଧକ୍ଷା ଅନାସ୍ଥା ପ୍ରସ୍ତାବ ଆଣି ଗତ ୧୬ ତାରିଖରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ଏହାପରେ ଜିଲାପାଳ ପତ୍ର ସଂଖ୍ୟା ୧୩୨୭/ତା୨୫।୭।୨୪ ରିଖ ଅନୁଯାୟୀ ଅଗଷ୍ଟ ୧ରେ ଜୁନାଗଡ଼ ଏନ୍‌ଏସିରେ ଏକ ସ୍ୱତନ୍ତ୍ର ବୈଠକ ପାଇଁ ସ୍ଥିର କରିଥିଲେ। ଏନ୍‌ଏସିର ମୋଟ କାଉନସିଲରଙ୍କ ସଂଖ୍ୟା ୧୨ ଥିବା ବେଳେ ସେମାନଙ୍କ ଭିତରୁ ବିଜେଡିର ୧୦ ଓ ଭାଜପାର ମାତ୍ର ୨ଜଣ କାଉନସିଲର ରହିଛନ୍ତି। ବିଜେଡି କାଉନସିଲରଙ୍କ ସଂଖ୍ୟା ଅଧିକ ରହିଥିବାରୁ ସିଧାସଳଖ ନିର୍ବାଚିତ ହୋଇଥିବା ମୁକେଶଙ୍କ ବିପକ୍ଷରେ ଭୋଟ ଯିବାର ଆଶଙ୍କା ରହିଥିଲା। ହେଲେ ସ୍ୱାସ୍ଥ୍ୟଗତ କାରଣରୁ ଅତିରିକ୍ତ ଜିଲାପାଳ ଏନ୍‌ଏସିକୁ ଆସିପାରି ନ ଥିବା ସ୍ଥାନୀୟ ଇଓ ପ୍ରମୋଦ କୁମାର ଖିଲୋ ପ୍ରକାଶ କରିଥିଲେ। ଫଳରେ ଅନାସ୍ଥା ଭୋଟ ସ୍ଥଗିତ ରଖାଯାଇଛି। ଅନ୍ୟପକ୍ଷରେ ଏହାକୁ ନେଇ ବିଜେଡି କାଉନସିଲରଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।


ଅନାସ୍ଥା ବୈଠକରେ ଯୋଗଦେଇଥିବା ବିଜେଡି କାଉନସିଲର।

## ରାଜପୁର ଗ୍ରାମରେ ସଶସ୍ତ୍ର ଡକାୟତି

**ଜୁନାଗଡ଼,୧।୮ (ଅଂଶୁମାନ ଯୋଶୀ)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ରାଜପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତ୍ରିରେ ଏକ ବଡ଼ଧରଣର ସଶସ୍ତ୍ର ଡକାୟତି ହୋଇଛି। ଗ୍ରାମର ବ୍ୟବସାୟୀ ବୈଶାନର ନାଏକ ପରିବାର ସହ ଶୋଇଥିବାବେଳେ ରାତ୍ରିରେ ୧୦ରୁ ଊର୍ଦ୍ଧ୍ୱ ଡକାୟତ ଘରେ ପଶି ମାରଣାସ୍ତ୍ର ଦେଖାଇ ୪ ଲକ୍ଷ ଟଙ୍କା ଓ ୧୪ ଭରି ସୁନା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଡ଼କାୟତମାନେ ବୈଶାନରଙ୍କ ଶାଶୁଙ୍କୁ ଛୁରିରେ ଆକ୍ରମଣ କରିଥିବା ଜଣାପଡ଼ିଛି। ଖବର ପାଇ ଗୁରୁବାର ସକାଳେ ଘଟଣାସ୍ଥଳରେ ଚିଲିଗୁଡା ଫାଣ୍ଡି ଅଧିକାରୀ, ଜୁନାଗଡ଼ ଥାନା ଅଧିକାରୀ, ଧର୍ମଗଡ଼ ଏସ୍‌ଡିପିଓ ସାଇଣ୍ଟିଫିକ ଟିମ ସହିତ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଖୁବ ଶୀଘ୍ର ଡକାୟତଙ୍କୁ ଧରାଯିବ ବୋଲି ଜୁନାଗଡ଼ ଥାନାଧିକାରୀ ଉଲ୍ଲାସ ରାଉତ କହିଛନ୍ତି। ସୂଚନାଯୋଗ୍ୟ ଗତ ମଙ୍ଗଳବାର ଚିଟୈଗୁଡା ପିଡଣ୍ଡିଡି ରାସ୍ତାରେ ସୁଦୀପ ପୂଜାରୀ ନାମକ ଜଣେ ଆଇନଜୀବୀଙ୍କଠାରୁ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ସୁନା ଚେନ ଓ ପର୍ସ ଛଡାଇ ନେଇଥିଲେ।

## ଖଡ଼ିଆଳ ବସ୍‌ଷ୍ଟାଣ୍ଡ ରାସ୍ତା କାଦୁଅ ପଚ ପଚ


ବସ୍‌ଷ୍ଟାଣ୍ଡ ରାସ୍ତା କାଦୁଅ ହୋଇଛି।

**ଖଡ଼ିଆଳ,୧।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲାର ଖଡ଼ିଆଳ ବସ୍‌ଷ୍ଟାଣ୍ଡ ରାସ୍ତା କାଦୁଅ ପଚପଚ ହୋଇଯାଇଥିବାରୁ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖଡ଼ିଆଳ ସହର ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ହୋଇଥିବାରୁ ଏଠାକୁ ବେପାର କରିବାକୁ ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ଗାଡ଼ିମୋଟର ଯୋଗେ ଆସିଥାନ୍ତି। ଶତାଧିକ ଯାତ୍ରୀ ମଧ୍ୟ ଖଡ଼ିଆଳ ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରିଥାନ୍ତି। ପ୍ରଥମେ ଖଡ଼ିଆଳ ଘରୋଇ ବସ୍ ମାଲିକ ସଂଘ ଦାୟିତ୍ୱ ନେଇ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ କରିଆସୁଥିଲା। ହେଲେ କିଛିବର୍ଷ ହେଲା ଏହାର ଦାୟିତ୍ୱ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ହାତକୁ ନେଇ ପ୍ରତ୍ୟେକ ଦିନ ଦୋକାନୀଙ୍କଠାରୁ ୧୦ରୁ ୨୦ଟଙ୍କା କର ବାବଦରେ ନେଉଛି। ବର୍ତ୍ତମାନ ବର୍ଷା ଲାଗି ରହିଥିବାରୁ ବସ୍‌ଷ୍ଟାଣ୍ଡ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ସହରକୁ ଆସୁଥିବା ଯାତ୍ରୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଏନ୍‌ଏସି କର୍ତ୍ତୃପକ୍ଷ ଏହାର ଉନ୍ନତୀକରଣ ପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି। ନଚେତ୍ ଆଗାମୀ ଦିନରେ କର ଦେବା ବନ୍ଦ ସହ ଆନ୍ଦୋଳନ କରିବାକୁ ଦୋକାନୀ ତଥା ଅଟୋ ସଂଘ ସଦସ୍ୟ ଅର୍ଜ୍ଜୁନ ପ୍ରଧାନୀ, ଅଶୋକ ଯୋଶୀ, ସଞ୍ଜୟ ମେହେର, ଅର୍ଜ୍ଜୁନ ମେହେର, ପଞ୍ଚାନନ ଠେଲା, ପଦ୍ମଲୋଚନ ପଟେଲ, ହସ୍ତତାଲୁ ପୋଡ଼, ଡୁଲାରାମ ମେହେର ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଖଡ଼ିଆଳ ଏନ୍‌ଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତାଙ୍କୁ ପଚାରିବାରୁ ଲଘୁଚାପ ଜନିତ ବର୍ଷାରେ କାଦୁଅ ହୋଇଛି, ବର୍ଷା ଛାଡ଼ିବା ପରେ ଶୀଘ୍ର ଏହାର ମରାମତି କରାଯିବ ବୋଲି କହିଥିଲେ।

## ବିକାଶ ଆବାସିକ ବିଦ୍ୟାଳୟରେ ‘ସମ୍ବଲପୁରୀ ଦିନ୍’ ପାଳିତ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣ।

**ଭବାନୀପାଟଣା,୧।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବାନ୍ଦୋପଲା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ଉଇଜ୍‌ଡମ ପାର୍କ ପରିସରରେ ଗୁରୁବାର ‘ସମ୍ବଲପୁରୀ ଦିନ୍’ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଅଧକ୍ଷ ଡ. ଅଜୟ କୁମାର ମିଶ୍ର ମୁଖ୍ୟ ଅତିଥି ଓ ଅଧ୍ୟାପକ ତଥା ଓଡ଼ିଆ ବିଭାଗୀୟ ମୁଖ୍ୟ ଭବାନୀପାଟଣା ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ ଡ. ପରମେଶ୍ୱର ମୁଣ୍ଡ, ଅଧ୍ୟାପକ ଭବାନୀପାଟଣା ପ୍ରତିଭା ଅନୁଷ୍ଠାନର ପ୍ରତିଷ୍ଠାତା ଧାନନନ୍ଦ ପଣ୍ଡା, ସମ୍ବଲପୁରୀ ନୃତ୍ୟଗୁରୁ ଭୀମସେନ ସାହୁ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାସ, ଭବାନୀପାଟଣା ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ଆରତୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅତିଥି ଗଣ ନିଜ ବକ୍ତବ୍ୟରେ ସମ୍ବଲପୁରୀ ଭାଷା, ସଂସ୍କୃତି, ପରମ୍ପରା, ନୃତ୍ୟ, ସଙ୍ଗୀତର ରକ୍ଷଣ ତଥା ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପରେ ବିକାଶ ଆବାସିକ ବିଦ୍ୟାଳୟର ପ୍ରାୟ ତିନିଶହ ପଚାଶରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ସାମୁହିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା ଅଧକ୍ଷା ଆରତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

**କୋକସରା,୧।୮ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମାଝିଗୁଡା ଗ୍ରାମରେ ଏକୁଟିଆ ରହୁଥିବା ବିଧବା ମହିଳା କାଳିନ୍ଦ୍ରୀ ତାଣ୍ଡି (୫୫)ଙ୍କୁ ତାଙ୍କ ପଡୋଶୀ ଶ୍ରୀକର ପୁଞ୍ଜି ପୂର୍ବ ଶତ୍ରୁତାରୁ ବୁଧବାର ଆକ୍ରମଣ କରିଥିଲେ। କାଳିନ୍ଦ୍ରୀ ଗାଁ ପୋଖରୀରୁ ଗାଧୋଇ ଫେରିବା ସମୟରେ ପୂର୍ବରୁ ଘର ନିକଟରେ ଛକି ରହିଥିବା ଶ୍ରୀକର ତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ନେଇ ମହିଳାଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ କୋକସରା ପୋଲିସ ଏକ ମାମଲା (ନଂ.୧୬୦/୨୪) ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତଦନ୍ତ ପରେ ପୋଲିସ ଅଭିଯୁକ୍ତ ଶ୍ରୀକର ପୁଞ୍ଜିଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି।

### ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଳ,୧।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପ୍ରହାସିନୀ ପାଢୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତା ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଯୋଗଦେଇ ଶିକ୍ଷୟିତ୍ରୀ ପାଢୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ଏକାଧାରରେ ଜଣେ ସୁସାହିତ୍ୟିକା ଓ ବକ୍ତା ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବରେ ମଧ୍ୟ ସୁନାମ ଅର୍ଜନ କରିଛନ୍ତି।

## ଡେପୁଟେଶନରେ ଥିବା ପ୍ରଧାନ ଶିକ୍ଷକଙ୍କୁ ଫେରାଇ ଆଣିବାକୁ ଦାବି

**କେସିଙ୍ଗା,୧।୮ (ଡୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲାର ଯେଉଁ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକଙ୍କୁ ଡେପୁଟେଶନରେ ଅନ୍ୟ ସ୍କୁଲକୁ ପଠାଯାଇଛି ୩ଦିନ ମଧ୍ୟରେ ସେମାନଙ୍କୁ ନିଜସ୍ୱ ସ୍କୁଲକୁ ଫେରାଇ ଆଣିବାକୁ ଜିଲାପାଳ ଡିଇଓ, ବିଇଓ, ସିଆର୍‌ସିଙ୍କୁ ଚିଠି (ନଂ.୧୨୯୩/୨୩।୭।୨୪) କରି ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷରେ କେସିଙ୍ଗା ବ୍ଲକ ବାଲସି ଗ୍ରାମ ପଞ୍ଚାୟତର ଜବାହର ଉଚ୍ଚ ବିଦ୍ୟାପୀଠ (କ) ପ୍ରଧାନ ଶିକ୍ଷକ ବଂଶୀଧର ରାଉତଙ୍କୁ ୩ବର୍ଷ ହେଲା ଡେପୁଟେଶନରେ କନ୍ତେଶିର ଗ୍ରାମର କପିଳେଶ୍ୱର ହାଇସ୍କୁଲକୁ ପଠା ଯାଇଛି। ଡେପୁଟେଶନ ବାତିଲ କରି ତାଙ୍କୁ ଫେରାଇ ଆଣିବା ପାଇଁ ଅଞ୍ଚଳବାସୀ ତଥା ଶିକ୍ଷା କମିଟିର ସଭ୍ୟ, ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଅଭିଭାବକ ଜିଲାପାଳ, ଗଣଶିକ୍ଷା ମନ୍ତ୍ରୀ, କଳାହାଣ୍ଡି ସାଂସଦଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଉକ୍ତ ସ୍କୁଲରେ ୨ ଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ ଜଣେ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ତେଣୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଦର୍ଶାଇ ଗ୍ରାମବାସୀ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଜିଲାପାଳଙ୍କ ନିର୍ଦ୍ଦେଶ ଆଧାରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ସ୍କୁଲକୁ ଯାଇ ତଦନ୍ତ କରିଥିଲେ। ତାଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ଡିଇଓଙ୍କୁ ଦେବା ପାଇଁ ପ୍ରସ୍ତୁତ ହୋଇସାରିଛି ବୋଲି ପ୍ରକାଶ କରିଥିଲେ।

## ମତ୍ସ୍ୟ ଚାଷ ଉପରେ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**ଭବାନୀପାଟଣା,୧।୮ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ଓୟୁଏଟି ସଭାଗୃହରେ ଗୁରୁବାର ମାଛ ଚାଷ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ତ୍ତବ୍ୟ ଓ ଦାପ୍ତା ଦ୍ୱାରା ଅନୁଷ୍ଠିତ କର୍ମଶାଳାରେ ରିଲାଏନ୍ସ ଫାଉଣ୍ଡେଶନର ରାଜ୍ୟ ପ୍ରକଳ୍ପ ପରିଚାଳକ ରାଜେନ୍ଦ୍ର ସିଂ ଅଧକ୍ଷତା କରିଥିବା ବେଳେ ମତ୍ସ୍ୟ ବିଭାଗର ଉପନିର୍ଦ୍ଦେଶକ ଅରୁଣ କୁମାର ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଆର୍‌ଆର୍‌ଟିଟିଏସ୍‌ର ସହନିର୍ଦ୍ଦେଶକ ଭବାନୀ ଶଙ୍କର ନାୟକ, ଜିଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଶାନ୍ତି ନାୟକ, କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ, ମତ୍ସ୍ୟଚାଷ ଉଦ୍ୟୋଗୀ ନେତ୍ରାନନ୍ଦ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ମତ୍ସ୍ୟ ଚାଷର ବିଭିନ୍ନ ପ୍ରଣାଳୀ, ସମସ୍ୟା, ସମାଧାନ ଓ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ମାଛ ଚାଷ ଯୋଜନା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାରମ୍ଭରେ କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦାପ୍ତାର ବିଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଧର୍ମଗଡ, ଗୋଲାମୁଣ୍ଡା, ଭବାନୀପାଟଣା ଆଦି ବ୍ଲକର ୭ ସ୍ୱୟଂ ସହାୟକ ଗୋଷ୍ଠୀରୁ ୨୫ ମହିଳା ମତ୍ସ୍ୟ ଚାଷୀ ଓ ଏକ ଉତ୍ପାଦକ ଗୋଷ୍ଠୀର ୫ ଜଣ ମତ୍ସ୍ୟଚାଷୀ ଉପସ୍ଥିତ ଥିଲେ। ରିଲାଏନ୍ସ ଫାଉଣ୍ଡେଶନର ଦେବେନ୍ଦ୍ର ପଟେଲ, ସୁଶିଲ ବେହେରା, କର୍ତ୍ତବ୍ୟର ନିରାକାର ଦଣ୍ଡସେନା କର୍ମଶାଳା ପରିଚାଳନାରେ ସହାୟତା କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ରୁପ୍ରାରୋଡ,୧।୮ (ସଞ୍ଜୀବ ଦାସ)**

କଳାହାଣ୍ଡି ଜିଲା ରୁପ୍ରାରୋଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଲା ବ୍ଲକ ଭାରପ୍ରାପ୍ତ ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ବର୍ଷ ଯୁକ୍ତ ୨ କଳା ପ୍ରଥମ ବର୍ଷରେ ମୋଟ ୧୨୦ ଗୋଟି ସିଟ ପୂରଣ



ହୋଇଯାଇଛି। ଉତ୍ସବରେ ପ୍ରଥମ ବର୍ଷର ସମସ୍ତ ଛାତ୍ରୀଛାତ୍ର ଅବିଭାବକଙ୍କୁ ସ୍ୱାଗତ କରାଯାଇଥିଲା। ଏହାସହ ଯୁକ୍ତ ୨ କଳାରେ ଶିକ୍ଷାଦାନ କରିବା ପାଇଁ ଚୟନ ହୋଇଥିବା ୬ଜଣ ନୂତନ ଅଧ୍ୟାପକ ଅଧ୍ୟାପିକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ ଗଡ଼ତିଆଙ୍କ ତତ୍ତ୍ୱାବଧାନରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଧର୍ମଗଡ ମହିଳା ମହାବିଦ୍ୟାଳୟରେ ଦୀକ୍ଷାରମ୍ଭ ସମାରୋହ

**ବେହେରା,୧।୮ (ଭୂପେଶ ତିୱାରୀ)**

ଧର୍ମଗଡ଼ ସ୍ନାତକ ମହିଳା ମହାବିଦ୍ୟାଳୟଠାରେ ନୂତନ ଭାବେ ଆଡ୍‌ମିଶନ ନେଇଥିବା ଯୁକ୍ତ ୩ ପ୍ରଥମବର୍ଷ ଛାତ୍ରୀଙ୍କ ଦୀକ୍ଷାରମ୍ଭ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରଥମବର୍ଷ ଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟରେ ସ୍ୱଶୈକ୍ଷିକ ବାତାବରଣ ସୃଷ୍ଟି ସହ ବିଦ୍ୟାଧ୍ୟୟନରେ ବ୍ରତୀ ରହିବା ପାଇଁ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମାରୋହରେ ଅଧ୍ୟାପକ ସରୋଜ କୁମାର ମେହେର, ଅଧ୍ୟାପିକା ଜୟନ୍ତୀ କୁମାରୀ ମୁଦୁଲି, ପଦ୍ମାଳୟା ଦଣ୍ଡସେନା, ସୁଜାତା ମହାନ୍ତି, ଅର୍ଚ୍ଚନା ଗୁଛିପ୍ରମୁଖ ଉପସ୍ଥିତ ଥିଲେ।



ସମାରୋହରେ ଉପସ୍ଥିତ ଅତିଥିମାନେ।

# ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର

**ନୂଆପଡ଼ା/କୋମନା,୧।୮ (ମକାରୁ ବେମାଲ/ସୋବିନ ଛତ୍ରିଆ)**

ନୂଆପଡା ଜିଲାର ବୃନ୍ଦିକୋମନା-୬ ସୁନ୍ଦର ନାଳାରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କାରାଯାଉଛି । ଅବଧି ଶେଷ ହୋଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପୂର୍ବରୁ ଫାଉଣ୍ଡେଶନ ଫାଟି ଆଁ କଲାଣି। କିଛିଦିନ ଭିତରେ ପମ୍ପହାଉସ ପଡ଼ିଯିବା ସମ୍ଭାବନା ରହିଛି। ସିମେଣ୍ଟ, ବାଲି ଠିକ୍ ଭାବେ ଦିଆ ନ ଯାଇ ନିମ୍ନମାନର କାର୍ଯ୍ୟ ଯୋଗୁ ଫାଉଣ୍ଡେଶନ ଫାଟି ଗଲାଣି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ କୋମନା ବ୍ଲକ ଅନ୍ତର୍ଗତ ବୃନ୍ଦିକୋମନା-ଡୋଙ୍ଗରିପାଲି ଗାଁ ଦେଇ ଯାଇଥିବା ସୁନ୍ଦର ନାଳାରେ ଓଡିଶା ଉଠା ଜଳସେଚନ କର୍ପୋରେଶନ ଲିଃ ନୂଆପଡ଼ା ତରଫରୁ ଉଠାଜଳସେଚନ ପ୍ରକଳ୍ପ ବୃନ୍ଦିକୋମନା-୬ ନିର୍ମାଣ ହେଉଛି। ପ୍ରକଳ୍ପ ଅଟକଳ ମୂଲ୍ୟ ୩୫୯୧୦୦୦ ରହିଥିବା ବେଳେ ନାବାର୍ଡ ଲୋନ ୩୪୧୧୪୫୦ ଟଙ୍କା ନାମ ଫଳକରେ ଉଲ୍ଲେଖ ରହିଛି । ଏହି କାର୍ଯ୍ୟକୁ ଖଡିଆଳର ଜଣେ ଠିକାଦାର ନିର୍ମାଣ କରୁଛନ୍ତି। ଏହି ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ବୃନ୍ଦିକୋମନା ଓ ଜଳମକଟା ଗାଁର ଚାଷୀ ଉପକୃତ ହେବେ। କାର୍ଯ୍ୟ ଆରମ୍ଭ ୨୦୨୪ ଜାନୁଆରୀ ୨୪ ଓ କାର୍ଯ୍ୟ ଶେଷ ୨୦୨୪ ଏପ୍ରିଲ ୨୨ ନାମ ଫଳକରେ ଉଲ୍ଲେଖ ରହିଛି । ଅବଧି ସରିଯାଇଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇ ନାହିଁ। ନିମ୍ନମାନର କାମ ଯୋଗୁ ଫାଉଣ୍ଡେଶନ ତଳକୁ ଦବିବାରେ ଲାଗିଛି । ଏ ସଂକ୍ରାନ୍ତରେ ଜେଇ ଯଶୋବନ୍ତ କୁମ୍ଭାରଙ୍କୁ ପଚାରିବାରୁ ମିସ୍ତ୍ରୀ ଅଭାବରୁ ଗ୍ରାମାଞ୍ଚଳ ମିସ୍ତ୍ରୀ କାମ କରୁଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ ସ୍ଥାନ ଫାଟିଯାଇଛି ସେଠାରେ ପୁଣି ପ୍ଲାଷ୍ଟର କରାଯିବ ବୋଲି କହିଥିଲେ। ନିର୍ବାହୀ ଯନ୍ତ୍ରୀ ଶିରିଶ ଚନ୍ଦ୍ର ମୁଣ୍ଡା ନୂଆପଡାଙ୍କୁ ପଚାରିବାରୁ ଲଘୁଚାପ ଜନିତ ଲଗାଣ ବର୍ଷାରେ ତଳକୁ ଦବି ଯାଇଥିବ। କୋମନା ଜେଇଙ୍କୁ ନିର୍ମାଣସ୍ଥଳକୁ ଯାଇ ଦେଖିବା ପାଇଁ ପଠାଇବି । କଣ ହୋଇଛି ରିପୋର୍ଟ ଦେଲା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।


ପ୍ରକଳ୍ପରେ ଫାଟିଥିବା ଫାଉଣ୍ଡେଶନ।

## ସଂକ୍ଷେପରେ

### ଭୁଣ୍ଡୁବାହାଲରେ ବାବାଡୁଙ୍ଗରି ଯାତ୍ରା

ଗାଇସିଲେଟ,୧।୮(ଦୁର୍ଗା ପ୍ରସାଦ ତ୍ରିବେଦୀ): ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଚାଣ୍ଟିପାଲି ପଞ୍ଚାୟତ ଭୁଣ୍ଡୁବାହାଲ ଗ୍ରାମରେ ଥିବା ଡୁଙ୍ଗରୀରେ ପ୍ରତିବର୍ଷ ପରିଚଳିତ ବର୍ଷ ମଧ୍ୟ ଡୁଙ୍ଗରିବାବା ମହୋତ୍ସବ ପାଳିତ ହୋଇଯାଇଛି। ଡୁଙ୍ଗରି ଆଖପାଖ ସାତଗୋଟି ଗ୍ରାମବାସୀଙ୍କ ଦ୍ୱାରା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ପାରମ୍ପାରିକ ଭାବେ ମେଣ୍ଢା ଲଢ଼େଇ ଓ କୁକୁଡା ଲଢ଼େଇ ହୋଇଥାଏ। ଗାତିକା ବନ୍ଦିତା ନାଏକ ପାରାୟଣ ତଥା କୁର୍ମି ଗ୍ରାମର ମହିଳା କିର୍ତ୍ତନ ବେଶ ଉପଭୋଗ ହୋଇଥିଲା।

### ବିଜୁ ଏକ୍ସପ୍ରେସ୍ ୱେ ସାଜିଛି ମରଣଯନ୍ତା



ପାଇକମାଳ,୧।୮(ବଡ ଶତପଥୀ): ବରଗଡ ଜିଲା ପାଇକମାଳରୁ ନୂଆପଡ଼ା ଯାଇଥିବା ବିଜୁ ଏକ୍ସପ୍ରେସୱେ ଜାମସେଠ ଓ ମାଣ୍ଡୋସିଲ ମଧ୍ୟରେ ଥିବା ରାସ୍ତା ଲୋକଙ୍କ ପାଇଁ ସାଜିଛି ମରଣଯନ୍ତା। ଏ ନେଇ ପିଡ୍ଲ୍ୟୁଡି ବିଭାଗର ନଜର ନାହିଁ। ଜାମସେଠରୁ ମାଣ୍ଡୋସିଲ ବିଜୁ ଏକ୍ସପ୍ରେସୱେରେ ମଝିରେ ସ୍ଥାନେ ସ୍ଥାନେ ଛୋଟବଡ ଖାଲ ସୃଷ୍ଟି ହୋଇଛି। ଏପଟେ ଲଗାତର ଲଘୁଚାପ ବର୍ଷା ଯୋଗୁ ଛୋଟବଡ ଖାଲଗୁଡିକରେ ପାଣି ଭର୍ତ୍ତି ହୋଇ ରହୁଛି। ଫଳରେ ରାସ୍ତାରେ ପାଣି ଯାଉଥିବାରୁ ଯାତ୍ରୀମାନେ ଖାଲ ଅଛି ବୋଲି ଜାଣି ନ ପାରି ଭ୍ରମିତ ହୋଇ ସେହି ରାସ୍ତାରେ ଦୁର୍ଘଟଣା ଶିକାର ହେଉଛନ୍ତି। ଏ ନେଇ ପିଡ୍ଲ୍ୟୁଡି ବିଭାଗ ନଜର ଦେଇ ଶୀଘ୍ର ମରାମତି କରିବାକୁ ଦାବି ହୋଇଛି।

### ଶ୍ରାବଣ ମାସରେ ଶିବ ପୁରାଣ ପାରାୟଣ

ଗାଇସିଲେଟ,୧।୮(ଦୁର୍ଗା ପ୍ରସାଦ ତ୍ରିବେଦୀ): ଗାଇସିଲେଟ ପବିତ୍ର ଶ୍ରାବଣ ମାସ ସକାଶେ ଦେବଦେବ ମହାଦେବଙ୍କ ସନ୍ତୁଷ୍ଟି ସକାଶେ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ସପ୍ତାହବ୍ୟାପି ଶିବ ପୁରାଣ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୃଥ୍ୱିରାଜ ପଣ୍ଡାସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରସିଦ୍ଧ ଗାହକ ପଣ୍ଡିତ ଇପସିତ ମିଶ୍ର ବ୍ୟାସ ତଥା ପାଲିଆସୁମନ୍ତ କୁମାର ସାହୁ, ବାଦ୍ୟଯନ୍ତ୍ରରେ ଆଲୋକ ମିଶ୍ର, ହାଡିବନ୍ଧୁ ମନହିରା ଓ କିଷନ ସାହୁ ସହଯୋଗ କରିଥିଲେ। ଜଗନ୍ନାଥ ମନ୍ଦିର ପୂଜକ ଲଳିତ କୁମାର ପଣ୍ଡା ପୂଜକ ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ ଦିବସରେ ସମସ୍ତ ଭକ୍ତମାନଙ୍କୁ ମିଷ୍ଟାନ୍ନ ବିତରଣ କରାଯାଇଥିଲା।



କ୍ରିଷ୍ଣା ବିକାଶ ଗ୍ରୁପ୍ ପକ୍ଷରୁ ଆୟୋଜିତ ସମ୍ବଲପୁରୀ ଦିନ ପାଳନରେ ଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ।



ବିକାଶ ଫାଷ୍ଟଷ୍ଟେପ୍ ସ୍କୁଲରେ ସମ୍ବଲପୁରୀ ଦିନ ପାଳନ।

# ସମ୍ବଲପୁରୀ ଅସ୍ମିତା ବଜାୟ ରଖିବାକୁ ଆହ୍ୱାନ

ବରଗଡ଼,୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ଅବସରରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଶିଶୁ ସାହିତ୍ୟିକ ପ୍ରଦୀପ୍ତଭାନୁ ମହାନ୍ତି ଅତିଥି ଭାବେ ଯୋଗଦେଇଲେ। ଅନ୍ୟ ଭାଷା, ସାହିତ୍ୟ, ସଂସ୍କୃତିଠାରୁ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଭିନ୍ନ ଏବଂ ସୁସମୃଦ୍ଧ ବୋଲି ସେ କହିଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ନିଲିମା ପ୍ରଧାନ, ଜ୍ୟୋତ୍ସ୍ନା ତ୍ରିପାଠୀ, ଜ୍ୟୋତି ବେହେରା, ବବିତା ନାଏକ, ତପସ୍ୱିନୀ ତ୍ରିପାଠୀ, ଦୀପିକା କୁଲୁ, ନନ୍ଦିତା ସାହୁ, ସଂଜ୍ଞା ପ୍ରଧାନ, ସୁରେଖା ମହାନନ୍ଦ ଏବଂ ଡାକ୍ତର ଭୋଇ ପ୍ରମୁଖ ସମ୍ବଲପୁରୀ ପୋଷାକ ପରିଧାନ କରି ସମ୍ବଲପୁରୀ ଦିନ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

ବିକାଶ ଫାଷ୍ଟଷ୍ଟେପ୍ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଶିକ୍ଷାନୁଷ୍ଠାନ ସମୂହର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁରୀ ଆମ ଅସ୍ମିତାର ପରିଚୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନୃତ୍ୟ ସଙ୍ଗୀତ ଶିକ୍ଷକ ସୁରଥ କୁଅଁର, ଶୈଳେଶ ସାମଲ, ମିଲିମା ନାଗଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ବରଗଡ଼ ଜିଲା ବରିଷ୍ଠ ନାଗରକ ସଂଘ କାର୍ଯ୍ୟାଳୟରେ ମଧ୍ୟ ସମ୍ବଲପୁରୀ ଦିନ ପାଳିତ ହୋଇଥିଲା। ବରଗଡ଼ ଜର୍ଜ ହାଇସ୍କୁଲ ୧୯୭୫ ମାଟ୍ରିକ ବ୍ୟାଚ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗୋବିନ୍ଦ ଦାଶ ସଭାପତିତ୍ୱ କରିଥିଲେ। ସତ୍ୟନାରାୟଣ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପାଳନ ଅବସରରେ ସମସ୍ତେ ସମ୍ବଲପୁରୀ ପୋଷାକ ପରିଧାନ କରିଥିଲେ। କାର୍ଯ୍ୟକ୍ରମ ପାଳନ ଅବସରରେ ୧୯୭୫ ମାଟ୍ରିକ ବ୍ୟାଚର ମୃତ ସହପାଠୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ନିର୍ମଳ କିଶୋର କର, ଅଭୟ କୁମାର ଭୋଇ, କୃଷ୍ଣଚନ୍ଦ୍ର ପଣ୍ଡା, ଗୋପାଳ ଦାଶ, କୁନୁ ବଢ଼େଇ, ଦେବୀ ପଟ୍ଟନାୟକ, ସୁନୀଲ ଦାଶ, ଅଶୋକ ପ୍ରଧାନ, ବାଳମୁକୁନ୍ଦ ଦାଶ, ଲଳିତ ଦିଶ୍ରୀ, ଫେଲୁ ସାମଲ, ଶତ୍ରୁଘ୍ନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତୁଳସୀ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

କ୍ରିଷ୍ଣା ବିକଶ ଗ୍ରୁପ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ହସ୍ତତନ୍ତ ଉଦ୍ୟୋଗୀ ରାମକୃଷ୍ଣ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି, ସମ୍ବଲପୁରୀ ଶାଢ଼ି ଓ ଖାଦ୍ୟ ସାରାବିଶ୍ୱରେ ଆଦୃତ ଲାଭ କରି ପାରିଛି ବୋଲି ମୁଖ୍ୟଅତିଥି ମେହେର କହିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲି କ୍ରିଷ୍ଣା ବକ୍ତବ୍ୟରେ ପଶ୍ଚିମ ଓଡ଼ିଶାର ବୀରପୁତ୍ର, ବୀରମାଟିର ଗୁଣଗାନ କରିବା ସହିତ ଅଞ୍ଚଳର ପ୍ରଥା, ପରମ୍ପରାକୁ ବଜାୟ ରଖିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ପ୍ରମୁଖ ଉପସ୍ଥିତ ରହି ସମ୍ବଲପୁରୀ ଅସ୍ମିତା ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମସ୍ତେ ସମ୍ବଲପୁରୀ ପୋଷାକ ପରିଧାନ କରିଥିବାବେଳେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବିକାଶ ହାୟର ଏଜୁକ୍ୟାଶନାଲ ଇନଷ୍ଟିଚ୍ୟୁଶନ୍ସ କ୍ୟାମ୍ପସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଇନ୍ଦ୍ରଧନୁ ପରିବେଷିତ ହୋଇଥିଲା। ବିକାଶ ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର, ବିକାଶ ବୈଷୟିକ ବିଦ୍ୟାଳୟର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ଡ. କ୍ଷୀରୋଦ ପ୍ରଧାନ, ଡ. ବିକ୍ରମ ଦାଶ ପ୍ରମୁଖ ସମ୍ବଲପୁରୀ ଦିନ ଉପରେ ବକ୍ତବ୍ୟ ରଖିଥିଲେ। ଉପାଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର, ଆର.ଏସ.ଭି କ୍ରିଷ୍ଣାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ପଦ୍ମପୁର ଅଞ୍ଚଳ କଲେଜରେ ସମ୍ବଲପୁରୀ ଦିବସ ଉପଲକ୍ଷେ ଆଲୋଚନାଚକ୍ର।

## ସମ୍ବଲପୁରୀ ଦିବସରେ ଆଲୋଚନାଚକ୍ର

ପଦ୍ମପୁର,୧।୮(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ 'ସମ୍ବଲପୁରୀ ଗ୍ରୀ ଆର୍ ଆମର ସଂସ୍କୃତି' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଆଲୋଚନାଚକ୍ରରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ବିଭୂତିଭୂଷଣ ପଟ୍ଟନାୟକ, ଦୁଃଖୀଶ୍ୟାମ ତ୍ରିପାଠୀ ଏବଂ ଡ. ଅକ୍ଷୟ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧ୍ୟାପକ ଖଗେଶ୍ୱର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ. ସରୋଜ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟକ୍ଷ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ ଜଣାଇ ସମ୍ବଲପୁରୀ ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ସମ୍ବଲପୁରୀ ଭାଷାର ଉତ୍ପତ୍ତି ଏବଂ ସମ୍ବଲପୁରୀ ଦିବସ ପାଳନର କାରଣ ଉପରେ ଆଲୋକପାତ କରି କେତେକ ପ୍ରସିଦ୍ଧ ସମ୍ବଲପୁରୀ ଗୀତ ଗାନ କରି ଛାତ୍ରୀଛାତ୍ରଙ୍କୁ କବି ହେବା ପାଇଁ ଉତ୍ସାହିତ କରିଥିଲେ। ଗୌନ୍ତିଆ ଅଞ୍ଚଳ ମହାବିଦ୍ୟାଳୟ ପାଠାଗାରକୁ ନିଜର ୨ଟି ପୁସ୍ତକ 'ମିତ୍ରଭାନୁ ଗ୍ରନ୍ଥାବଳୀ' ଓ 'ତାଗେ ସୂତା ମାଲେ ଫୁଲ' ଦାନ କରିଥିଲେ। ଏହା ପରେ ବିଭୂତି ପଟ୍ଟନାୟକ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ସମ୍ବଲପୁରୀ ଗୀତ ଗାନ କରିଥିଲେ। ଦୁଃଖୀଶ୍ୟାମ ତ୍ରିପାଠୀ ସମ୍ବଲପୁରୀ ଭାଷାର ଲୋକପ୍ରିୟତା ଉପରେ ଆଲୋକପାତ କରି ଓଡ଼ିଆ ଏବଂ ସମ୍ବଲପୁରୀ ଗୀତ ଗାନ କରିଥିଲେ। ଡ. ଅକ୍ଷୟ କୁମାର ପଣ୍ଡା ସମ୍ବଲପୁରୀ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରି ସମ୍ବଲପୁରୀ କବିମାନଙ୍କ ଅବଦାନ ଉପରେ ଟିପ୍ପଣୀ ପ୍ରଦାନ କରିଥିଲେ। ଏହି ଦିବସ ଉପଲକ୍ଷେ ଅଧ୍ୟାପକ ସନ୍ତୋଷ କୁମାର ମିଶ୍ରଙ୍କ ଲିଖିତ ପୁସ୍ତକ 'କଥା ସରି ସାଗର'ର ଉନ୍ମୋଚନ ହୋଇଥିଲା। ଅଞ୍ଚଳ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ସମ୍ବଲପୁରୀ ଦିବସ ଉପଲକ୍ଷେ ନିଜର ଅଭିଭାଷଣ ଦେଇଥିଲେ। ପ୍ରାଧ୍ୟାପକ ଡ. ବିରଞ୍ଚି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭାତ କୁମାର ମହାପାତ୍ର, ନବକୃଷ୍ଣ ମିଶ୍ର, ତାରାପ୍ରସାଦ ଶତପଥୀ, ପ୍ରମୋଦ କୁମାର ତ୍ରିପାଠୀ, ସନ୍ତୋଷ କୁମାର ମିଶ୍ର, ଡ. ତୁଷାରକାନ୍ତ ସାହୁ, ପ୍ରମୋଦ କୁମାର ପାଣିଗ୍ରାହୀ, ଜୟ କୁମାର ଭୁଏ, ପଦ୍ମିନୀ ଦୋରା, ଝୁନୁ ପରିଡ଼ା, ତାପିନୀ ପଣ୍ଡା, ଶର୍ମିଳା ପଣ୍ଡା ଏବଂ ଅନ୍ୟାନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସାମାଜିକ କର୍ମୀ ସୁବାସ ପ୍ରଧାନଙ୍କ ପରଲୋକ

### ପରିବାର ଲୋକେ ମୃତ ଶରୀର ମେଡିକାଲ କଲେଜକୁ ଦାନକଲେ

ସୋହେଲା,୧।୮(ଅଶ୍ୱିନୀ କୁମାର ପାତ୍ର)

ବରଗଡ ଜିଲା ସୋହେଲା ନିକଟସ୍ଥ ଧୁସରବାହାଲ ଗ୍ରାମର ସାମାଜିକ କର୍ମୀ ସୁବାସ ପ୍ରଧାନ (୬୯)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାଇ ଖେଳି ଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ, ତିନି ପୁଅ, ବୋହୂ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ପୁଅ ଚତୁରାନନ୍ଦ ପ୍ରଧାନ ଓ ହୃଦାନନ୍ଦ ପ୍ରଧାନ ତାଙ୍କ ବାପାଙ୍କ ମର ଶରୀର ବୁର୍ଲା ମେଡିକାଲକୁ ଏନେଟୋମି ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଗବେଷଣା ନିମନ୍ତେ ବିଭାଗକୁ ଦାନ କରିଛନ୍ତି। ୧୯୫୪ରେ ଧୁସରବାହାଲରେ ଜନ୍ମିତ ସୁବାସ ଯୁବାବସ୍ଥାରୁ ପ୍ରଭାତ ରଞ୍ଜନ ସରକାରଙ୍କ ଆନନ୍ଦମାର୍ଗରେ ଦୀକ୍ଷିତ ହୋଇ ମୂର୍ତ୍ତି ପୂଜା ଅପେକ୍ଷା ଦାରିଦ୍ୟ ନାରାୟଣ ସେବାରେ ବ୍ରତୀ ଥିଲେ। ଫଳସ୍ୱରୂପ ନିଜ ଉଦ୍ୟମରେ ସେ ପିଏମ ଏସଏ ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଗଢି ଅନେକ ସାମାଜିକ ସଂସ୍କାର ଓ ରଚନାତ୍ମକ କାର୍ଯ୍ୟ କରୁଥିଲେ। ଧୁସରବାହାଲ ଓ ଆଖପାଖ ଅଞ୍ଚଳର ଯୁବକମାନଙ୍କୁ ନେଇ ଡାକ୍ତରଖାନା ସଫେଇ, ରାସ୍ତାରେ ବୃକ୍ଷରୋପଣ, ରୋଗୀ ସେବା ଆଦି ନିଜ ଉଦ୍ୟମରେ କରୁଥିଲେ। ନିଜ ଗ୍ରାମ ତଥା ଅନେକ ଅଞ୍ଚଳର ସ୍ୱେଚ୍ଛାସେବୀଙ୍କୁ ନେଇ ଗରିବ, ଅବହେଳିତ ବ୍ୟକ୍ତିଙ୍କୁ ବସ୍ତ୍ର, ରାଶନ, ଔଷଧ ଇତ୍ୟାଦି ପ୍ରଦାନ କରୁଥିଲେ। କୋଶଳ ଆନ୍ଦୋଳନ ତଥା କୃଷକ ଆନ୍ଦୋଳନର ସେ ଜଣେ ଆଗଧା ନେତା ଥିଲେ। ନିଜ ଉଦ୍ୟମରେ ଗ୍ରାମରେ କୋଶଲ ବିଦ୍ୟାପୀଠ ନାମରେ ଏକ ବିଦ୍ୟାଳୟ ସ୍ଥାପନ କରିଥିଲେ।

## ସମ୍ବଲପୁରୀ ଦିନ୍‌ର ସ୍ମୃତିରେ ବୃକ୍ଷରୋପଣ

ପଦ୍ମପୁର,୧।୮(ପ୍ରଦୀପ୍ତ ଦାଶ)

ସମଲପୁରୀ ଦିନକୁ ସବୁଦିନ ମନେ ରଖିବା ପାଇଁ ପଦ୍ମପୁର ବଡ଼ବନ୍ଧ ହିଡ଼ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚହ୍ୱାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଏନ୍‌ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ଡିସିବି ପରିଚାଳକ ଏମ ରାଜେଶ, ସାମାଜିକ କର୍ମୀ ନିରୋଜ ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଅନ୍ୟମାନଙ୍କ ସହ ପ୍ରାୟ ଏକ ଶହ ଚାରାରୋପଣ କରିଥିଲେ। ଡିସିବିର ସମସ୍ତ କର୍ମଚାରୀ, ଏନଏସି କାର୍ଯ୍ୟକର୍ତ୍ତା, କାଉନସିଲର ବୃନ୍ଦ, ସ୍ୱଚ୍ଛ ସାଥି ଯୋଗଦାନ କରି ବୃକ୍ଷରୋପଣ କରିଥିଲେ।

## ପଞ୍ଚାୟତ କଲେଜରେ ପ୍ରବେଶ ଉତ୍ସବ



ପ୍ରବେଶ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ରବୃନ୍ଦ।

ବରଗଡ଼,୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ କଲେଜରେ ଗୁରୁବାର ଯୁକ୍ତ୨ ଏବଂ ସ୍ନାତକ ଶ୍ରେଣୀରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ସହକାରୀ ପ୍ରଫେସର ନକୁଳ ସେଠ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କଲେଜର ବିଭିନ୍ନ ବିଭାଗ ଉପରେ ସୂଚନା ଦେବା ସହିତ ଭଲ ଭାବେ ପରିଶ୍ରମ କରି ପଢ଼ିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଯୁକ୍ତ୨ସ୍ତରୀୟ ସମୂହ ଦାୟିତ୍ୱରେ ଥିବା ଅଫିସର ଡ. ଶଶିଭୂଷଣ ସେଠ କଲେଜରରେ କାର୍ଯ୍ୟରତ ଅଧ୍ୟାପିକା, ଅଧ୍ୟାପକଙ୍କ ପ୍ରତିଛବି ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶନ କରିବା ସହିତ ପରିଚିତ କରାଇଥିଲେ। ପ୍ରଶାସନିକ ଅଧିକାରୀ ଡ. ଉମେଶ ଚନ୍ଦ୍ର ମହାପାତ୍ର କଲେଜର ଆଇନ ଶୃଙ୍ଖଳା ଉପରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡଃ ସ୍ମିତା ପାଣିଗ୍ରାହୀ, ଶ୍ରୀକାନ୍ତ ଖମାରୀ, ଡଃ ପ୍ରଜ୍ଞା ପାରମିତା ନାଏକ, ମୃତ୍ୟୁଞ୍ଜୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ନାମଲେଖା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜର ଉପ ପ୍ରଶାସନିକ ଅଧିକାରୀ ସୂର୍ଯ୍ୟକାନ୍ତୀ ସିକନ୍ଦର, ଏକାଡ଼େମିକ ଅଫିସର ଡ. ବିଦ୍ୟୁତପ୍ରଭା ମହାନ୍ତି, ସିଭିଲ ଅଫିସର ସୁବଳ ମେହେର, ବିଭିନ୍ନ ବିଭାଗର ମୁଖ୍ୟଙ୍କ ସମେତ ଅଧ୍ୟାପିକା, ଅଧ୍ୟପକ ପ୍ରମୁଖ ଉପସ୍ଥିତ ଥିଲେ। ନବାଗତ ଛାତ୍ରୀଛାତ୍ର ସେମାନଙ୍କ ଅନୁଭୂତି କହିଥିଲେ।

## ବିଧାନସଭାରେ ଡାକ୍ତର, ବିଦ୍ୟୁତ୍ ସମସ୍ୟା ଉପସ୍ଥାପନ କଲେ ବିଧାୟିକା

ପଦ୍ମପୁର,୧।୮(ପ୍ରଦୀପ୍ତ ଦାଶ): ବିଧାନସଭା ମୌସୁମୀ ଅଧିବେଶନରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ସମସ୍ୟା ଉପରେ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ନିଜ ନିର୍ବାଚନମଣ୍ଡଳୀ ଅଧୀନ ଦଶଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଟିଏ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭାବ ଥିବା ଡାକ୍ତର ଓ ନର୍ସିଂ ଷ୍ଟାଫ କେବେ ପୂରଣ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗସ୍‌ଙ୍କୁ ପ୍ରଶ୍ନ କରିଥିଲେ। ପରେ ପଦ୍ମପୁର ବିଦ୍ୟୁତ୍ ବିଭାଗର ଡିଭିଜନ କେବଳ କାଗଜପତ୍ରରେ ହୋଇଥିବା ବେଳେ ତାହା ସଦର ମହକୁମା ବରଗଡରେ କାର୍ଯ୍ୟ କରୁଛି, ତାହା ପଦ୍ମପୁରରେ କେବେ କାର୍ଯ୍ୟକ୍ଷମ ହେବ ବୋଲି ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି।

## ରାଜ୍ୟସ୍ତରୀୟ ଗଙ୍ଗାଧର ଜୟନ୍ତୀ ନିମନ୍ତେ ପ୍ରସ୍ତୁତି ବୈଠକ

ବରପାଲି,୩୧।୭(ଚିତ୍ତରଞ୍ଜନ ସାହୁ)



ବରଗଡ଼ ଜିଲା ବରପାଲି ଜନ୍ମ ପୀଠରେ ଗଙ୍ଗାଧର କ୍ଲବ ପରିସରରେ ଗଙ୍ଗାଧର କ୍ଲବ ସଭାପତି ଡ.ଘନଶ୍ୟାମ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ରାଜ୍ୟସ୍ତରୀୟ ଗଙ୍ଗାଧର ଜୟନ୍ତୀ ଉତ୍ସବ ଓଡ଼ିଆ ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର କ୍ଲବ ମିଳିତ ଆନୁକୂଲ୍ୟରେ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆସନ୍ତା ଅଗଷ୍ଟ ୧୯ ତାରିଖରେ ସଭା କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ବହୁ ଆଡମ୍ବର ସହିତ ପାଳିତ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିସହିତ ଜୟନ୍ତୀ ଉତ୍ସବରେ ଅତିଥି ଓ ବକ୍ତା ନିମନ୍ତ୍ରଣ ସହ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଅନୁଷ୍ଠାନ ଉପସଭାପତି ନରେନ୍ଦ୍ର ହୋତା, ସମ୍ପାଦକ ଆନନ୍ଦ ମେହେର, ସହ ସମ୍ପାଦକ ବାଲକିଶୋର ଖାଡଙ୍ଗା, ସାଂସ୍କୃତିକ ସମ୍ପାଦକ ପଦ୍ମଲୋଚନ ସାହୁ, ଉପଦେଷ୍ଟା ହୃଷିକେଶ ମେହେର, ଧ୍ରୁବ ମେହେର, ଅଶୋକ ଦାଶ, ବାସୁଦେବ ପତି, ପରିଚଳନା କମିଟି ସଭ୍ୟ ଚିତ୍ତ ରଞ୍ଜନ ସାହୁ, ମହେନ୍ଦ୍ର ଗହୀର ସହ ବିଭୁତି ମିଶ୍ର, ଦାମୋଦର ପଣ୍ଡା, ବନ୍ତରାମ ସେଠ, ଗଣେଶ ଚନ୍ଦ୍ର ମେହେର, ରାଜରାମ ମେହେର ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ରହିଥିଲେ।

## ପଞ୍ଚାୟତ ଅଫିସରେ ସାମାଜିକ ସମୀକ୍ଷା ବୈଠକ

### ପରିମଳ ପାଇଁ ବ୍ୟାଟେରୀ ଚାଳିତ ଯାନର ଶୁଭାରମ୍ଭ

ବରଗଡ଼,୧।୮(ପ୍ରେମାନନ୍ଦ ଖମାରୀ)



ଗୋବିନ୍ଦପୁର ପଞ୍ଚାୟତରେ ଅନୁଷ୍ଠିତ ସାମାଜିକ ସମୀକ୍ଷା ବୈଠକ।

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତର ଜବ୍‌କାର୍ଡ଼ଧାରୀଙ୍କ ସମେତ ଅନେକ ଲୋକ ଉପସ୍ଥିତ ଥିଲେ। ସେମାନଙ୍କ ବିଭିନ୍ନ ଅଭିଯୋଗ ଏବଂ ତାର ସମାଧାନ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ଗ୍ରାମ ପଞ୍ଚାୟତକୁ ଏକ ବ୍ୟବସ୍ଥିତ ନିରବଚ୍ଛିନ୍ନ ପରିମଳ ସେବା ଯୋଗାଇ ଦେବା ପାଇଁ ପଞ୍ଚାୟତ ପକ୍ଷରୁ ଏକ ବ୍ୟାଟେରୀ ଚାଳିତ ଯାନର ଶୁଭାରମ୍ଭ କରାଯାଇଥିଲା। ଉକ୍ତ ଯାନ ପ୍ରତି ସପ୍ତାହରେ ଥରେ ପଞ୍ଚାୟତର ସବୁ ଗ୍ରାମର ଘରକୁ ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ କରିବ ଏବଂ ଏହାଦ୍ୱାରା ପଞ୍ଚାୟତରେ ପରିମଳ ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ଡୋଲାମଣି ପ୍ରଧାନ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ଚିରଞ୍ଜୀବି ନାଥ, ସମିତିସଭ୍ୟ ଜ୍ଞାନଚନ୍ଦ୍ର ବିଶ୍ୱାଳ, ନାଏବ ସରପଞ୍ଚ ଲୋକେଶ୍ୱରୀ ସାହୁ, ଗ୍ରାମ ରୋଜଗାର ସେବକ କିରଣ ପ୍ରଧାନ, ସଞ୍ଜୟ ପ୍ରଧାନ, ଗୁଣାକର ବାରିକ, ୱାର୍ଡ଼ସଭ୍ୟ ଚନ୍ଦ୍ରଭାନୁ ହିଆଲ, ସନ୍ତୋଷିନୀ କୁଅଁର, କସ୍ତୁରୀ ଭୁଏ, ଚିନ୍ତାମଣି ବାରିକ, ଲୋକନାଥ ଗୁଆଲ ପ୍ରମୁଖ ଉପସ୍ଥିତ ଥିଲେ। ନାଏବ ସରପଞ୍ଚ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଚିକିତ୍ସାଧୀନ ଅଜଣା ମହିଳା ମୃତ

ରାଉରକେଲା,୧।୮(ଦିନେଶ ମିଶ୍ର): ରାଉରକେଲା ସରକାରୀ ଡାକ୍ତରଖାନାରେ ଜଣେ ମହିଳା ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ମହିଳାଙ୍କ ବୟସ ପାଖାପାଖି ୬୦) ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ (ରାତି ୮ଟା) ମୃତ ମହିଳାଙ୍କ ପରିଚୟ ମିଳିନାହିଁ। ପୋଲିସ କହିବା ଅନୁଯାୟୀ, ବଣେଇ ମୁଖ୍ୟ ଛକ ରାସ୍ତାକଡରେ ଉକ୍ତ ମହିଳା ଗୁରୁତର ଅବସ୍ଥାରେ ପଡିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ଲାଗି ବଣେଇ ସରକାରୀ ଡାକ୍ତରଖାନାରେ ବୁଧବାର ଭର୍ତ୍ତି କରିଥିଲେ। ଉକ୍ତ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆରଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ରଘୁନାଥପାଲ୍ଲୀ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯୦/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଶିବାନନ୍ଦ ଆଶ୍ରମରେ ଆରାଧନା ଦିବସ ପାଳିତ

ରାଉରକେଲା,୧।୮(ଦିନେଶ ମିଶ୍ର): ଦିବ୍ୟ ଜୀବନ ସଂଘ ରାଉରକେଲା ଶାଖା ଆନୁକୂଲ୍ୟରେ ଛେଣ୍ଡସ୍ଥିତ ଶିବାନନ୍ଦ ଆଶ୍ରମରେ ଗୁରୁବାର ସ୍ୱାମୀ ଶିବାନନ୍ଦ ସଂଘର ୬୧ତମ ପୁଣ୍ୟତିଥିକୁ ଆରାଧନା ଦିବସ ଭାବେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାମୀ ବ୍ରହ୍ମସାକ୍ଷାତକାରାନନ୍ଦ ମହାରାଜ ମୁଖ୍ୟ ପ୍ରବଚକ ଭାବେ ଯୋଗଦେଇ କହିଥିଲେ, ସ୍ୱାମୀ ଶିବାନନ୍ଦ ଜଣେ ସଦ୍‌ଗୁରୁ ଓ ଶ୍ରେଷ୍ଠ ସାଧକ ଥିଲେ। ସ୍ୱାମୀ ଶିବାନନ୍ଦଙ୍କୁ ଆଜି ପୃଥିବୀର ବହୁ ଅନୁଗାମୀ ଶ୍ରେଷ୍ଠ ଗୁରୁ ଭାବେ ପୂଜା ଆରାଧନା କରୁଛନ୍ତି। ସଂଘ ସଭାପତି ସୁଶୀଲ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧନା ବଳରେ ଶିବାନନ୍ଦ ହିମାଳୟଠାରେ ଦିବ୍ୟଜ୍ଞାନ ଲାଭ କରିଥିଲେ। ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ଈଶ୍ୱର ସାକ୍ଷାତ୍‌କାର ହିଁ ଦିବ୍ୟ ଜୀବନ ସଂଘ ବୋଲି ଶିବାନନ୍ଦ କହୁଥିଲେ ବୋଲି ସଭାପତି ମିଶ୍ର ମତପ୍ରକାଶ କରିଥିଲେ। କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର କୁମାର ପାଣ୍ଡବ ସ୍ୱାଗତ ଭାଷଣ ପ୍ରଦାନ କରି ସ୍ୱାମିଜୀଙ୍କ ଲିଖିତ କେତେକ ପୁସ୍ତକ ଉପରେ ଆଲୋଚନା କରିଥିଲେ। ସଂଘର ସଦସ୍ୟ କବିବର ସାହୁ, ବିଜୟ ବେହେରା, ସର୍ବେଶ୍ୱର ମାନସିଂହ, ପି. କେ ପଣ୍ଡା, ଏସ୍. ଏନ୍ ବେହେରା, କାର୍ତ୍ତିକ ବରାଳ, ଏନ୍. ସି ମହାନ୍ତି, ଚିନ୍ମୟ ଦାସ, ଆର.ଏନ୍ ହୋତା, କାର୍ତ୍ତିକ ପାଣ୍ଡବ, ବାଳକୃଷ୍ଣ ମହାରଣା, ଜି. ବି ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶେଷରେ ସଭାପତି ପାଣ୍ଡବ ଧନ୍ୟବାଦ ଅର୍ପଣ କରିଥିଲେ।

# କାୟା ବିସ୍ତାରିଲାଣି ଡେଙ୍ଗୁ, ମ୍ୟାଲେରିଆ

ରାଉରକେଲା,୧।୮(ଦିନେଶ ମିଶ୍ର)



ସେକ୍ଟର ୧୪ ଅଞ୍ଚଳରେ ଗୋରୁ ଗୁହାଳ ଯୋଗୁ ଦୂଷିତ ପରିବେଶ।





ଆରଜିଏଚ୍‌ର ସ୍ୱତନ୍ତ୍ର ଡେଙ୍ଗୁ କକ୍ଷ।

- ଆରଜିଏଚ୍‌ରେ ସ୍ୱତନ୍ତ୍ର କକ୍ଷ, ୨ ଡାକ୍ତର ନିୟୋଜିତ
- ଆର୍‌ଏମ୍‌ସି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜାରି

ରାଉରକେଲାରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି। ସହରରେ ଏହି ରୋଗ ଧୀରେ ଧୀରେ କାୟା ବିସ୍ତାର କରୁଛି। ଇସ୍ପାତ ସହରାଞ୍ଚଳର ହରିପୁର ବସ୍ତି, ଡିଏଭି ବସ୍ତି, ଶୀତଳପଡା, ରେଲୱେ ସାଇଡିଙ୍ଗ ଆଦି ବସ୍ତି ଅଞ୍ଚଳରେ ଡେଙ୍ଗୁ ଓ ମ୍ୟାଲେରିଆର ପ୍ରଭାବ ବେଶି ଦେଖିବାକୁ ମିଳିଛି। ତେବେ ପ୍ରଶାସନ ପକ୍ଷରୁ ରୋଗ ନିୟନ୍ତ୍ରଣ ପାଇଁ ଉଦ୍ୟମ ଜାରି ରହିଥିବା ସୂଚନା ଦିଆଯାଇଛି।

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ର ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଜାନୁଆରୀରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ୧୧୬୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୮୧ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। କେବଳ ଜୁଲାଇ ମାସରେ ଆରଜିଏଚ୍ ଡେଙ୍ଗୁ ୱାର୍ଡରେ ୪୬ ଜଣ ରୋଗୀ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୨ ଜଣ ସୁସ୍ଥ ହୋଇଛନ୍ତି। ମାତ୍ର ୧୪ ଜଣ ରୋଗୀ ଏହି ବିଭାଗରେ ବର୍ତ୍ତମାନ ସୁଦ୍ଧା ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ସେହିପରି ୩୫୦୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୨୨୦ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ଚଳିତ ଜୁଲାଇ ମାସରେ ଆରଜିଏଚ୍‌ର ମେଡିସିନ୍ ୱାର୍ଡରେ ୭୦ ରୋଗୀଙ୍କ ମଧ୍ୟରୁ ୫୪ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୧୬ ଜଣ ଚିକିତ୍ସିତ ହେଉଛନ୍ତି। ଆରଜିଏଚ୍‌ରେ ମାଲଗୋଦାମ ଅଞ୍ଚଳରୁ ୭ ଜଣ ରୋଗୀଙ୍କ ମଧ୍ୟରୁ ୪ ମ୍ୟାଲେରିଆ ରୋଗୀ ଓ ୩ ଡେଙ୍ଗୁ ରୋଗୀ ଚିକିତ୍ସିତ ହୋଇ ଫେରିଥିବା ଜଣାପଡିଛି। ଡେଙ୍ଗୁ ୱାର୍ଡରେ ସେକ୍ଟର-୧୩ ଅଞ୍ଚଳର ଜାମିନ ପରିଡା, ସେକ୍ଟର-୧୬ ଅଞ୍ଚଳର ପ୍ରଦ୍ୟୁମ୍ନ ସାହୁ, ସେକ୍ଟର-୧୫ ବି' ବ୍ଲକର ଭବାନି ପାତ୍ର, ସେକ୍ଟର-୭ ମୁଣ୍ଡାରୀ ବସ୍ତିର ରମେଶ ଏକ୍କା, ଡିଏଭି ବସ୍ତିର ସୋନୁ ବିଭୋର ଚିକିତ୍ସିତ ହେଉଛନ୍ତି। ସେହିପରି ମ୍ୟାଲେରିଆ ୱାର୍ଡରେ ୧୬ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି।

ରାଉରକେଲା ସହରର ସେକ୍ଟର-୧୩, ୧୪, ୧୫, ୧୬ ଓ ୨୦ ନମ୍ବର ସମେତ ଇସ୍ପାତ ସହରାଞ୍ଚଳର ମାଲଗୋଦାମ, ରେଲୱେ କଲୋନୀ, ହରିପୁର ବସ୍ତି, ଡିଏଭି ବସ୍ତି, ଶୀତଳପଡା, ରେଲୱେ ସାଇଡିଂ ବସ୍ତି ଆଦି ଅଞ୍ଚଳରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହିସବୁ ଅଞ୍ଚଳରେ ଗାଈ ଓ ମଇଁଷି ଖଟାଲ ରହିବା ସହ ବିଭିନ୍ନ ସ୍ଥାନରେ ମୁକୁଳା ଡ୍ରେନମାନ ରହିଛି। ବର୍ଷାଦିନ ହୋଇଥିବାରୁ ଏହି ଡ୍ରେନ ଓ ଗାଈ ମଇଁଷି ଖଟାଲରୁ ବାହାରୁଥିବା ମଳ, ମୂତ୍ର ଉକ୍ତ ସ୍ଥାନମାନଙ୍କରେ ମାସ ମାସ ଧରି ଜମି ରହୁଛି। ଫଳରେ ସେଠାରେ ଦୂଷିତ ପରିବେଶ ପାଇଁ ମଶା, ମାଛି ବଂଶ ବିସ୍ତାର ହେଉଛି। ଏହାଦ୍ୱାରା ବିଭିନ୍ନ ଅଞ୍ଚଳକୁ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପୁଥିବା ଅଭିଯୋଗ ହୋଇଛି। ସେହିପରି ସହରର ବିଭିନ୍ନ ତଳି ବସ୍ତି ଅଞ୍ଚଳରେ ବର୍ଷାପାଣି ପାଣି ଜମି ରହୁଥିବା ସ୍ଥାନରେ ଅନାବନା ଘାସ ଓ ଜଙ୍ଗଲିଗଛ ଯୋଗୁ ମଶା, ମାଛି ବଂଶ ବଢୁଛି।

ସହରରେ ଡେଙ୍ଗୁ ଓ ମ୍ୟାଲେରିଆ ପ୍ରଭାବକୁ ଦୃଷ୍ଟିରେ ରଖି ଆରଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଇଛି। ମଶା ନିୟନ୍ତ୍ରଣ ପାଇଁ ବିଭିନ୍ନ ଅଞ୍ଚଳରେ ଗାଡି ଯୋଗେ ଧୂଆଁ ଦିଆଯିବା ସହ ସ୍ଥାନୀୟ ଲୋକମାନଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଥିବା ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀ ସୂଚନା ଦେଇଛନ୍ତି। ସେହିପରି ଆରଜିଏଚ୍ ନିର୍ଦ୍ଦେଶକ ଡାକ୍ତର ଗଣେଶ ପ୍ରସାଦ ଦାଶ କହିଛନ୍ତି, ସହରରେ ଡେଙ୍ଗୁ ଓ ମ୍ୟାଲେରିଆର ମୁକାବିଲା ପାଇଁ ଆରଜିଏଚ୍ ପ୍ରସ୍ତୁତ ରହିଛି। ମ୍ୟାଲେରିଆ ଓ ଡେଙ୍ଗୁ ରୋଗୀ ଡାକ୍ତରଖାନାକୁ ଆସିଲେ ସେମାନଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ ବ୍ୟବସ୍ଥା ସାଙ୍ଗକୁ ୫୦ରୁ ଊର୍ଦ୍ଧ୍ୱ ଶଯ୍ୟା ବ୍ୟବସ୍ଥା କରାଯାଇଛି। ଏଥିସହ ୨ଜଣ ସ୍ୱତନ୍ତ୍ର ଡାକ୍ତର ନିୟୋଜିତ ହୋଇଛନ୍ତି। ଜରୁରିକାଳୀନ ପରିସ୍ଥିତି ପାଇଁ ଡାକ୍ତର ଓ ଷ୍ଟାଫନର୍ସ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ଆରଜିଏଚ୍‌ରେ ଭର୍ତ୍ତି ହୋଇଥିବା ଏକାଧିକ ଡେଙ୍ଗୁ ଓ ମ୍ୟାଲେରିଆ ରୋଗୀ ସୁସ୍ଥ ହୋଇଛନ୍ତି। ଅନ୍ତ ବିଭାଗରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ପାଇଁ ନିଃଶୁଳ୍କରେ ରକ୍ତନମୁନା ପରୀକ୍ଷା କରାଯାଉଛି। କୌଣସି ରୋଗୀଙ୍କଠାରେ ଉକ୍ତ ରୋଗର ଲକ୍ଷଣ ଦେଖାଗଲେ ଡାକ୍ତରଖାନା ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଡକ୍ଟର ଦାଶ କହିଛନ୍ତି।

### ବିଳମ୍ବରେ ଚାଲୁଛି ଯାତ୍ରୀବାହୀ ଟ୍ରେନ୍

ରାଉରକେଲା, ୧।୮(ସଙ୍ଗୀତା ଜେନା)

ଓଡ଼ିଶା ଝାଡଖଣ୍ଡ ସୀମାନ୍ତ ବାଡାବାମ୍ବୋ ଅଞ୍ଚଳରେ ହୋଇଥିବା ହାୱଡା- ମୁମ୍ବାଇ ମେଲ୍ ଦୁର୍ଘଟଣା ଯୋଗୁ ରେଳ ଚଳାଚଳ ପ୍ରଭାବିତ ହୋଇଛି। ବୁଧବାର ରାତିରେ ଏହି ରୁଟ୍‌ରେ ଗୋଟିଏ ଲାଇନ୍ ଖୋଲା ଯାଇଛି। ଯାହାଫଳରେ କିଛି ଯାତ୍ରୀବାହୀ ଏବଂ ମାଲବାହୀ ଟ୍ରେନ ଚଳାଚଳ ହେଉଛି। ଗୁରୁବାର ଇସ୍ପାତ ଏକ୍ସପ୍ରେସ୍ ଟ୍ରେନ ବାତିଲ କରାଯାଇଛି। ସେହିପରି ଗୀତାଞ୍ଜଳି ଏକ୍ସପ୍ରେସ୍, ଅହମ୍ମଦାବାଦ ସୁପରଫାଷ୍ଟ ଭଳି ଯାତ୍ରୀବାହୀ ଟ୍ରେନ ଗୁଡ଼ିକ ୩ରୁ୪ଘଣ୍ଟା ବିଳମ୍ବରେ ପହଞ୍ଚିଥିଲା। ଆସନ୍ତା ୨ ଦିନ ମଧ୍ୟରେ ଏହି ରୁଟ୍‌ର ଆଉ ୨ ଟି ଲାଇନ୍‌କୁ ଖୋଲାଯିବ। ଲାଇନ୍ ଗୁଡ଼ିକର ମରାମତି ଯୁଦ୍ଧକାଳୀନ ଭିତିରେ କରାଯାଉଛି। ଯାହା ଫଳରେ ରେଳ ଚଳାଚଳ ସ୍ୱାଭାବିକ ହେବ ବୋଲି ରାଉରକେଲା ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାସ ସୂଚନା ପ୍ରଦାନ କରିଛନ୍ତି। ସେହିପରି ଅପ୍ ଓ ଡାଉନ୍‌ଲାଇନ୍‌ରେ ଅନେକ ମାଲବାହୀ ଟ୍ରେନ ଗୁଡ଼ିକ ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡା ହୋଇରହିଥିଲା। ଅପରପକ୍ଷରେ ଉକ୍ତ ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏଥିରେ ଷ୍ଟେଶନ ମ୍ୟାନେଜର, ଟ୍ରେନ ମ୍ୟାନେଜର, ଲୋକୋ ପାଇଲଟ୍, ଆସିଷ୍ଟାଣ୍ଟ ଲୋକେ ପାଇଲଟ୍, ଗାର୍ଡ ମାନଙ୍କୁ ଏହି ତଦନ୍ତରେ ପରିସରଭୁକ୍ତ କରାଯାଇଛି ବୋଲି କୁହାଯାଇଛି।





ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳା।

## ମହିଳାଙ୍କୁ ସଶକ୍ତ କରିବ ସାୱନ କୁଇନ୍ ପ୍ରତିଯୋଗିତା

ରାଉରକେଲା,୧।୮(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୬ ସ୍ଥିତ ସରୋବର ଉଦ୍ୟାନ ପରିସରରେ ସାମାଜିକ ଅନୁଷ୍ଠାନ ଲେଡି ଲାୟନ ପକ୍ଷରୁ ସ୍ୱାୱନ କ୍ୱୀନ୍ ପ୍ରତିଯୋଗିତା ସଭାପତି ବନ୍ଦିତା ମହନ୍ତଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଦସ୍ୟା ପ୍ରିୟା ଯାଦବଙ୍କ ସଂଯୋଜନାରେ ଆୟୋଜିତ ସଭାରେ ରୋଟାରିଆନ ଜିତେନ୍ଦ୍ର ପ୍ରସାଦ, କବି କୁଞ୍ଜ ବିହାରୀ ରାଉତ, ଅମ୍ରିତା ନିଲମ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହା ମହିଳାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ସେମାନଙ୍କୁ ସଶକ୍ତ କରିବାରେ ସହାୟକ ହେବ ବୋଲି ମତ ରଖିଥିଲେ। ଏହି ଅବସରରେ ପ୍ରତିଯୋଗୀଙ୍କ ମଧ୍ୟରେ ମଡେଲିଂ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ନୃତ୍ୟରେ ସୋନିୟା ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସ୍ୱାଗତିକା ସାହୁ ଦ୍ୱିତୀୟ ଓ ମଡେଲିଂ ପ୍ରତିଯୋଗିତାରେ ଶୁଭଶ୍ରୀ ସେଠୀ ପ୍ରଥମ ଓ ଖୁସବୁ ମଣ୍ଡଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ବିଷ୍ଣୁପ୍ରିୟା ଦାଶ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରତିଯୋଗିତାରେ ଗୋବିନ୍ଦ ଲାଖୁଆ ଓ ଲୀନା ବିଶ୍ୱାଳ ବିଚାରକ ଦାୟିତ୍ୱ ତୁଲାଇଥିଲେ। କମାନ୍ତୀ ମହନ୍ତ, ନୀତାଞ୍ଜଳି ପରିଡା, ଗ୍ରେସୀ ଡାଭିଡ୍, ଅନୁପମା ଦାସ, ବସୁମତୀ ପ୍ରସାଦଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଆର୍‌ଏସ୍‌ପି ଜନସ୍ୱାସ୍ଥ୍ୟ ଅଧିକାରୀ ପରିଦର୍ଶନ କଲେ ସେକ୍ଟର ଅଞ୍ଚଳ

ରାଉରକେଲା,୧।୮(ସଙ୍ଗୀତା ଜେନା)

**ଇସ୍ପାତ ସହରରେ ଡେଙ୍ଗୁ ପ୍ରକୋପ**

ଇସ୍ପାତ ସହରରେ ଡେଙ୍ଗୁ ସଂକ୍ରମଣ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଉଭୟ ଶିଳ୍ପାଞ୍ଚଳ ଏବଂ ଆର୍‌ଏମ୍‌ସି ଅଞ୍ଚଳରେ ଏହି ଜ୍ୱରର ପ୍ରାର୍ଦୁଭାବ ରହିଛି। ଶିଳ୍ପାଞ୍ଚଳରେ ଶତାଧିକ ଲୋକ ସଂକ୍ରମିତ ହୋଇଥିବା ବେଳେ ଉଭୟ ଆର୍‌ଏସ୍‌ପି ଏବଂ ଆର୍‌ଏମ୍‌ସି ପ୍ରଶାସନ ତତ୍ପର ହୋଇଉଠିଛି। କିଛି ଦିନରୁ ଶିଳ୍ପାଞ୍ଚଳରେ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଏହିକ୍ରମରେ ଶିଳ୍ପାଞ୍ଚଳ ସେକ୍ଟର-୧୬ ଓ ଅନ୍ୟ ସଂକ୍ରମଣ ସ୍ଥାନ ଗୁଡ଼ିକୁ ଆର୍‌ଏସପି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିଦର୍ଶନ କରାଯାଇଛି। ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଡେପୁଟି ହେଲ୍‌ଥ ଅଫିସର ଡା. ଦୀପା ଲବଙ୍ଗାରେଙ୍କ ନେତୃତ୍ୱରେ ଏକ ଟିମ୍ ଏହି ପରିଦର୍ଶନ କରିଥିଲେ। ଏହି ଅବସରରେ ଡା. ଲବଙ୍ଗାରେ କହିଛନ୍ତି, କିଛି ଦିନରୁ ଆର୍‌ଏସ୍‌ପି ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲୁରହିଛି। ପୂର୍ବରୁ ପ୍ରାୟ ୧୦୦ ଜଣିଆ ଟିମ୍ ସହରରେ ବଣବୁଦା ସଫା କରିବା, ଆଣ୍ଟି ଲାର୍ଭା ସ୍ପ୍ରେ ସହିତ ସଂକ୍ରମିତଙ୍କ ଘର ଓ ଆଖପାଖର ଘରଗୁଡ଼ିକ ବୁଲି ଔଷଧ ସ୍ପ୍ରେ କରୁଛନ୍ତି। ଘର ଘର ସର୍ଭେ କରାଯାଉଛି। ଏଥିପାଇଁ ୬୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଛି। ୧୪ଟି ଟିମ୍‌ରେ କାରଖାନାର ବିଭିନ୍ନ ବିଭାଗର ୫୦ ଜଣ ଓ ଅନ୍ୟ ବିଭାଗର ୧୦ ଜଣ ଏଥିରେ ରହିଛନ୍ତି। ଏମାନେ ଘର ଘର ବୁଲି ସର୍ଭେ କରିବା ସହ ଲୋକଙ୍କୁ ସଚେତନତା କରୁଛନ୍ତି। ଡେଙ୍ଗୁର ଲାର୍ଭା ଗୁଡ଼ିକୁ ନଷ୍ଟ କରିବା ଓ ମାରାତ୍ମକ ରୋଗରୁ ବର୍ତ୍ତିବା ପାଇଁ ପରାମର୍ଶ ଦିଆଯାଉଛି। କୌଣସି ସଂକ୍ରମଣ ସନ୍ଦେହ ହେଲେ ରୋଗୀଙ୍କୁ ରକ୍ତ ପରୀକ୍ଷା ପାଇଁ କୁହାଯାଉଛି। ଉକ୍ତ ଚିକିତ୍ସା ପାଇଁ ଆଇଜିଏଚ୍‌ରେ ସମସ୍ତ ସୁବିଧା ରହିଛି ବୋଲି ଡା. ଲବଙ୍ଗାରେ କହିଥିଲେ।

### ଡିଭାଇଡର ଉପରେ ଚଢ଼ିଗଲା ସ୍କୁଲ ବସ୍

ରାଉରକେଲା,୧।୮(ସଙ୍ଗୀତା ଜେନା): ରାଉରକେଲା ବିର୍ସାଛକ ନିକଟରେ ଗୁରୁବାର ସକାଳେ ଏକ ଘରୋଇ ସ୍କୁଲ ବସ ଭାରସାମ୍ୟ ହୋଇ ଡିଭାଇଡର୍ ଉପରେ ଚଢ଼ିଯାଇଥିଲା। ଏହି ଦୁର୍ଘଟଣାରେ କେହି ଆହତ ହୋଇନାହାଁନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବ୍ରାହ୍ମଣୀତରଙ୍ଗ ଅଞ୍ଚଳର ଉକ୍ତ ଘରୋଇ ସ୍କୁଲ ବସ୍ (ନଂ.ଓଡ଼ି୧୪ଏ ୨୧୮୪) ସକାଳେ ଛାତ୍ରୀଛାତ୍ରଙ୍କୁ ଆଣିବା ପାଇଁ ସେକ୍ଟର ଓ ଅନ୍ୟ ଅଞ୍ଚଳକୁ ରିଂରୋଡ଼ ଦେଇ ଯାଉଥିଲା। କୌଣସି କାରଣ ଯୋଗୁ ବସ ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ିଯାଇଥିଲା। ଏଥିରେ କେବଳ ଚାଳକ ଓ କଣ୍ଡକ୍ଟର ଥିଲେ। ସୌଭାଗ୍ୟବଶତଃ ସମ୍ମୁଖରୁ କୌଣସି ଯାନବାହାନ ଆସୁ ନ ଥିଲା।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାଉରକେଲା,୧।୮(ଦିନେଶ ମିଶ୍ର)

କ୍ୟାଥୋଲିକ୍ ମିଶନ ପରିଚାଳିତ ସଂଖ୍ୟାଲଘୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପାତ୍ରଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଫାଦର କାମିଲ ଟେଟେ ସଭାପତିତ୍ୱ କରିଥିଲେ। କ୍ୟାଥୋଲିକ୍ ବୋର୍ଡର ସମ୍ପାଦକ ଫାଦର ଭାଲେରିଆ ଡୁଙ୍ଗଡୁଙ୍ଗ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଶନ ଶିକ୍ଷକଙ୍କ ଶିକ୍ଷାପ୍ରଦାନ ପଦ୍ଧତି ଯୋଗୁ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲାରେ ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇ ଆସୁଛନ୍ତି ବୋଲି ମତପ୍ରକାଶ କରିଥିଲେ। କ୍ୟାଥୋଲିକ୍ ମିଶନ ସଂଘ ସଭାପତି ସୁନିଲ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଆରସିସି ଜ୍ୟୋତିର୍ମୟୀ ନାୟକ, ଶିକ୍ଷକ ସରୋଜ ଦାସ, ବେଦବ୍ୟାସ ସାହୁ, ରମାକାନ୍ତ ନାୟକ, ବିଷ୍ଣୁଚରଣ ମହାକୁଡ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଦକ୍ଷତା, କର୍ମନିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଶିକ୍ଷକ ପାତ୍ରଙ୍କୁ ସଂଘ ପକ୍ଷରୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।





ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ରାଉରକେଲା ସେକ୍ଟର -୨୦ ଠାରେ ସମ୍ବଲପୁରୀ ଦିନ୍ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

### ହମ୍ ନିଶାଦ୍ ପକ୍ଷରୁ ସାମ୍ -ଏ- ରଫି

ରାଉରକେଲା,୧।୮(ସଙ୍ଗୀତା ଜେନା)



ବଲିଉଡ୍‌ର ଖ୍ୟାତିନାମା ପାର୍ଶ୍ୱକଳାକାର, କଣ୍ଠଶିଳ୍ପୀ ମହମ୍ମଦ ରଫିଙ୍କ ୪୪ତମ ପୂଣ୍ୟତିଥି ଅବସରରେ ରାଉରକେଲାର ସଙ୍ଗୀତ ଅନୁଷ୍ଠାନ ହମ୍ ନିଶାଦ୍ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସାମ୍ -ଏ- ରଫି' ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୨୦ ରାଉରକେଲା କ୍ଲବରେ ଆୟୋଜିତ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଗ୍ରାଣ୍ଡ ମ୍ୟୁଜିକାଲ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏମ୍‌ଡି କାଶୀମ୍, ଅତୀଶ ସରକାର, ଅର୍ଚ୍ଚନା ଶତପଥୀ, ଡା. ଜୟନ୍ତ ଆଚାର୍ଯ୍ୟ, ବଳଜିତ୍ ସିଂହ, ଆକାଂକ୍ଷା ନାୟକ, ହମ୍ ନିଶାଦ୍‌ର ଛାତ୍ର ସୋମି ପଟ୍ଟନାୟକ, ସୁସ୍ମିତା କୁଜୁର, ଅସୀମ ବାହାଲା, ସିବେଶ ସାହା, ଏମଡି ଆୟାନ୍, ବିତିଶ ନାୟକ ପ୍ରମୁଖ ସଙ୍ଗୀତ ମାଧ୍ୟମରେ ରଫିଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆର୍‌ଏସ୍‌ପି ଡିଆଇସି ଅତନୁ ଭୌମିକ, ସମ୍ମାନିତ ଅତିଥିଭାବେ ଇଡି(ୱାର୍କସ) ଏସ୍ ଆର୍ ସୂର୍ଯ୍ୟବଂଶୀ, ଦୀପିକା ମହିଳା ସଂହତିର ଉପାଧ୍ୟକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ଇଡି(ଏଚ୍‌ଆର୍) ତରୁଣ ମିଶ୍ର, ପ୍ରଭାତି ମିଶ୍ର, ଇଡି( ମାଇନ୍ସ) ଆଲୋକ ବର୍ମା, ନମ୍ରା ବର୍ମା, ଇଡି(ଏଫ୍ ଆଣ୍ଡ ଏ) ଏସ କେ ବେଉରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଦର୍ଦେ ଦିଲ୍ ଦର୍ଦେ ଜିଗର.., ଅକେଲେ ଅକେଲେ କାହାଁ ଯାହା ରହେ ହୋ.., ମୟୁରୀ ଗୋ ତୁମ ଆକାଶେ...., ଡଫଲିୱାଲେ..., ସାଥିଆ ନହିଁ ଯାନା ଭଳି ବହୁ ହିଟ୍ ଓ ସଦାବାହାର ଗୀତ ପ୍ରସ୍ତୁତ କରିଥିଲେ କଳାକାରମାନେ। ଅନୁଷ୍ଠାନର ନିର୍ଦ୍ଦେଶିକା ଡ. ସଂଚିତା ଚୌଧୁରୀ ଆଭାସୀ ଜରିଆରେ ସ୍ୱାଗତ ଭାଷଣ ଦେଇଥିଲେ। ମହମ୍ମଦ କାଶୀମ୍ ଧନ୍ୟବାଦ ଅର୍ପଣ କରିଥିଲେ। ସାଗର କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହରର ସଙ୍ଗୀତ ତଥା କଳାପ୍ରେମୀ ଉପସ୍ଥିତ ଥିଲେ।

### ନୂତନ ଲାଇବ୍ରେରି ଗୃହ ଉଦ୍‌ଘାଟିତ

ରାଉରକେଲା,୧।୮(ଦିନେଶ ମିଶ୍ର)



ସେକ୍ଟର-୩ସ୍ଥିତ ରାଉରକେଲା କଲେଜ ପରିସରରେ ଗୁରୁବାର କମ୍ପ୍ୟୁଟରଯୁକ୍ତ ମୁକ୍ତ ବିତରଣ ବ୍ୟବସ୍ଥା ଲାଇବ୍ରେରୀର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଲାଇବ୍ରେରୀ ଇନ୍‌ଚାର୍ଜ ପ୍ରଫେସର ତପସ୍ୱିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ରବୀନ୍ଦ୍ର କୁମାର ଜେନା ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଲାଇବ୍ରେରୀ କଲେଜର ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ହେବ ବୋଲି ଅଧ୍ୟକ୍ଷ ଜେନା କହିଥିଲେ। ଏଥିସହ ଗ୍ରନ୍ଥାଗାର ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଜ୍ଞାନ ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ସେ ମତପ୍ରକାଶ କରିଥିଲେ। ଏହି ନୂତନ ଲାଇବ୍ରେରୀରେ ୨୭ ହଜାର ୭ଶହ ୧୧ ଖଣ୍ଡ ପୁସ୍ତକ ରହିଛି। କଳା, ବାଣିଜ୍ୟ ଓ ବିଜ୍ଞାନ ସମେତ ବହୁ ଗଳ୍ପ, ସାହିତ୍ୟ, ବିଭିନ୍ନ ପ୍ରକାର ପୁସ୍ତକକୁ କମ୍ପ୍ୟୁଟର ମାଧ୍ୟମରେ ଖୋଜିବାର ସୁବିଧା ସମସ୍ତ ବିଦ୍ୟାର୍ଥୀଙ୍କ ପାଇଁ ଉପଲବ୍ଧ ରହିଛି। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା ରଶ୍ମିପ୍ରଭା ମଥାନ, ରଞ୍ଜିତ ପ୍ରଧାନ, ରଶ୍ମି ରଞ୍ଜନ ରାଉତ, ଲାଇବ୍ରେରିଆନ ରାମଦାସ ଗୁଡ୍ଡୁ, ଗଗନ ବିହାରୀ ବେହେରା, ଅର୍ପିତା ବେହୁରିଆ, ଅଧ୍ୟାପକ କରୁଣାକର ପାଟଶାଣୀ, ଭାରତୀ ବରୁଆ, ବନ୍ଦନା ସୋରେନ୍, ମନୋଜ ଦଳେଇ, ଅନୁପ ଏକ୍କା, ତାରିଣୀ ନାୟକ, ବୈଜୟନ୍ତୀ ବାରିକଙ୍କ ସମେତ କଲେଜର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପ୍ଲେସ୍‌ମେଣ୍ଟ ପାଇଁ ଆସିଲେ ୩୪୨ କମ୍ପାନୀ: ୧୩୨୦ ପାଇଲେ ନିଯୁକ୍ତି

ରାଉରକେଲା,୧।୮(ସଙ୍ଗୀତା ଜେନା)

**ଏନ୍‌ଆଇଟି ରାଉରକେଲାର ସଫଳତା**

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା ୨୦୨୩-୨୪ ବର୍ଷରେ ପ୍ଲେସମେଣ୍ଟ ବା ଛାତ୍ରୀଛାତ୍ରଙ୍କ ନିଯୁକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଶିକ୍ଷାନୁଷ୍ଠାନର ମୋଟ ୧୩୨୦ ଜଣଙ୍କୁ ୬ ମାସିକିଆ ପ୍ରଶିକ୍ଷଣ ସହ ନିଯୁକ୍ତି ମିଳିଛି। ସମସ୍ତ ପାଠ୍ୟକ୍ରମରେ ହାରାହାରି ୧୨.୮୯ ଏଲପିଏ ଥିବାବେଳେ ବିଟେକ୍ ପାଠ୍ୟକ୍ରମରେ ହାରାହାରି ୧୪.୦୫ ଏଲପିଏ ରହିଛି। ଏଥିସହିତ ୫୩ ଛାତ୍ରୀଛାତ୍ରଙ୍କୁ ୩୦ଲକ୍ଷରୁ ଊର୍ଦ୍ଧ୍ୱ ବେତନ ଚାକିରୀ ମିଳିଛି। ୩ଜଣଙ୍କୁ ବାର୍ଷିକ ୮୦ଲକ୍ଷ ୧ କୋଟି ୨୦ ଲକ୍ଷ ଟଙ୍କା ବେତନରେ ନିୟୋଜିତ କରାଯାଇଛି। ଉକ୍ତ ଶିକ୍ଷାବର୍ଷରେ ୩୪୨ ଟି କମ୍ପାନୀ ନିଯୁକ୍ତି ପାଇଁ ଆସିଥିଲା। ତନ୍ମଧ୍ୟରୁ ୪୦ପ୍ରତିଶତ ନୂତନକମ୍ପାନୀ ଥିଲା। ଇଲେକ୍ଟ୍ରିକାଲ ଆଣ୍ଡ ଇନଷ୍ଟ୍ରୁମେଣ୍ଟସନ୍ ଇଞ୍ଜିନିୟରିଂ ବିଭାଗ ସର୍ବାଧିକ ୧୯.୦୮ ଏଲପିଏ ପାଇବାରେ ସକ୍ଷମ ହୋଇଛି। ସେହିପରି କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ୧୮.୩୧ ଏଲପିଏ ଓ ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଇଞ୍ଜିନିୟରିଂ ବିଭାଗ ୧୮ ଏଲପିଏ ହାସଲ କରି ଶୀର୍ଷରେ ରହିଛି। ଉକ୍ତ ପ୍ଲେସମେଣ୍ଟ ଅଭିଯାନ ସମ୍ପର୍କରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ର. କେ ଉମା ମହେଶ୍ୱର ରାଓ କହିଛନ୍ତି ଆମ ଅନୁଷ୍ଠାନର ପ୍ରତିଭା ପ୍ରତିପୋଷଣ, ନବସୃଜନକୁ ପ୍ରେତ୍ସାହନ ଓ ଉଦ୍ୟୋଗିତା ପ୍ରତି ପ୍ରତିବଦ୍ଧତା। ଏହିପରି ଉଲ୍ଲେଖନୀୟ ସଫଳତା ପଛରେ ଗୁରୁତ୍ୱପର୍ଣ୍ଣ ଭୂମିକା ବହନ କରିଛି ବୋଲି ରାଓ କହିଥିଲେ। ସେହିପରି କ୍ୟାରିଅର ଡେଭଲେପମେଣ୍ଟ କେନ୍ଦ୍ର ମୁଖ୍ୟ ପ୍ରଫେସର ବିଭୂତି ବି ନାୟକ ଓ ଅନ୍ୟମାନେ ପ୍ଲେସମେଣ୍ଟ କମିଟିର ସଂଯୋଜକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ବିଟେକ୍ ପାଠ୍ୟକ୍ରମରେ ୮୨.୩ ପ୍ରତିଶତ ନିଯୁକ୍ତି ହାସଲ କରିଛି। ସେରାମିକ୍ ଇଞ୍ଜିନିୟରିଂରେ ଶତପ୍ରତିଶତ, ମାଇନିଂ ବିଭାଗରେ ୯୫ପ୍ରତିଶତ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ ଆଣ୍ଡ ଇନଷ୍ଟ୍ରୁମେଣ୍ଟଶନ ଇଞ୍ଜିନିୟରିଂ ବିଭାଗ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ୍ ଇଞ୍ଜିନିୟରିଂ ବିଭାଗ, ମେକାନିକାଲ ଇଞ୍ଜିନିୟରିଂ, କେମିକାଲ୍ ଇଞ୍ଜିନିୟରିଂ, ମେଟାଲର୍ଜିକାଲ ଆଣ୍ଡ ମାଟାରିଆଲ୍ସ ଇଞ୍ଜିନିୟରିଂ ଆଦି ବିଭାଗରେ ୯୦ ପ୍ରତିଶତ ନିଯୁକ୍ତି ସୁଯୋଗ ମିଳିଛି। ସେହିପରି ଇଣ୍ଟିଗ୍ରେଟେଡ୍ ଏମଏସସି ଏବଂ ଏମ୍‌ଏସ୍‌ସି ଛାତ୍ରଙ୍କ ହାରାହାରି ନିଯୁକ୍ତି ୫୦ପ୍ରତିଶତ ବୃଦ୍ଧି ପାଇ ୧୨.୮ ଏଲପିଏରେ ପହଞ୍ଚିଛି। ସମସ୍ତ ବିଭାଗରେ ସାମଗ୍ରିକ ନିଯୁକ୍ତି ହାର ୭୦ ପ୍ରତିଶତ ରହିଛି। ଚଳିତ ଥର ଜିନ୍ଦଲ ସାଉଥ୍ ୱେଷ୍ଟ, ଚୈତନ୍ୟ ଏଜୁକେସନାଲ ଇନଷ୍ଟିଚ୍ୟୁଟ, ବେଦାନ୍ତ, ଆଦିତ୍ୟବିର୍ଲା ଗ୍ରୁପ୍, ଏଲ୍ ଆଣ୍ଡ ଟି, ଜନ୍ ଡିଅର୍, ବାର୍କଲେଜ୍ ସମେତ ୩୪୨ କମ୍ପାନୀ ଏଥିରେ ଆସିଥିଲେ।

## ସଂକ୍ଷେପରେ

### ଭାଷା, ସଂସ୍କୃତିକୁ ନେଇ ଗର୍ବ ଅନୁଭବ କରିବା

ପଡିଆବାହାଲ, ୧।୮ (ରାଧାମୋହନ ଷଡ଼ଙ୍ଗୀ ): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତ ସନାତନପାଲିଠାରେ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଶୀତଳ ଭଣ୍ଡାରରେ ସମ୍ବଲପୁର ଦିନ ପାଳିତ ହୋଇଯାଇଛି। ନିର୍ଦ୍ଦେଶକ ମନବୋଧ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସରପଞ୍ଚ ଜଗଦୀଶ ମିର୍ଦ୍ଧା ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ବଲପୁରୀ ଭାଷା ଓ ସଂସ୍କୃତିକୁ ଗୁରୁତ୍ୱ ଦେଇ ନିଜକୁ ସମ୍ବଲପୁରିଆ ହିସାବରେ ଗର୍ବ ଅନୁଭବ କରିବା ବୋଲି କହିଥିଲେ। ଦିବସକୁ ଏକ ସ୍ମୃତିଭାବେ ବିବେଚନା କରିବା ଉଦ୍ଦେଶ୍ୟରେ ଫଳ ଚାରା ରୋପଣ କରାଯାଇଥିଲା। ଉପନିର୍ଦ୍ଦେଶକ ବିରୂପାକ୍ଷ ପଧାନ, ନିର୍ମଳ ପଧାନ, ଶଙ୍ଖଜିନି ପ୍ରଧାନ, ଗୁରୁଚରଣ ପଧାନ, ଅଙ୍କିତା ବେଶନଚୋର, ଶ୍ୟାମଲାଲ ସାହୁ ଉପସ୍ଥିତ ଥିଲେ। ଜୟଦୁର୍ଗା ପାଠାଗାରଠାରେ ବାହାମ ସରପଞ୍ଚ ସରସ୍ୱତୀ ଭୁସାଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ପଣ୍ଡା, ସୁବୋଧ କୁମାର ବେହେରା, ଦେବାନନ୍ଦ ଭୁସାଗର, ଡା. ରାଜାରାମ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଜୟଦୁର୍ଗା କନିଷ୍ଠ ମହାବିଦ୍ୟାଳୟ, ଦୟାନନ୍ଦ ପବ୍ଲିକ ସ୍କୁଲରେ ସମ୍ବଲପୁରୀ ଦିନକୁ ଦିବସକୁ ପାଳନ କରାଯାଇଛି। ମାନେଶର ବ୍ଲକ ନୂଆତିହୁରା ପଞ୍ଚାୟତ ଡିପିଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁରାରେ ଅଧକ୍ଷ ନାରାୟଣ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜୟନାରାୟଣ ବିଶ୍ୱାଳ, ଦେବେନ୍ଦ୍ର ମିଶ୍ର, ପ୍ରୀତିଲତା ପଧାନ, ମମତା ପଧାନ ବକ୍ତବ୍ୟ ରଖିଥିଲେ।

### ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

**ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଲେ ରୋହିତ**

ସମ୍ବଲପୁର, ୧।୮ (ପ୍ରମୋଦ ବହିଦାର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)କୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଛନ୍ତି ପୂର୍ବତନ ବିଧାୟକ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ। ଏଥିରେ ସେ ଲେଖିଛନ୍ତି ଉଭୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଭିସୁଟ୍ ଓଡ଼ିଶାର ଅନ୍ୟତମ ସର୍ବପୁରାତନ ବିଶ୍ୱବିଦ୍ୟାଳୟ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏହାର ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ପାଇଁ ନାକ ପକ୍ଷରୁ ଗ୍ରେଡ-ଇ ମାନ୍ୟତା ପାଇଛି। ଏଥିସହ ଗବେଷଣାତ୍ମକ କାର୍ଯ୍ୟ ପାଇଁ ବିଶ୍ୱବିଦ୍ୟାଳୟର ଅନେକ ବିଭାଗ ଉତ୍କର୍ଷ କେନ୍ଦ୍ରର ମାନ୍ୟତା ପାଇଛି। ତେଣୁ ଯଥାଶୀଘ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟଳୟର ମାନ୍ୟତା ସହିତ ଭିସୁଟକୁ ଆଇଆଇଟି ରୁର୍କି ଓ ବନରସ ହିନ୍ଦୁ ବିଶ୍ୱବିଦ୍ୟାଳୟ(ବିଏଚ୍ୟୁ) ସ୍ତରୀୟ ସ୍ୱୀକୃତି ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଇଂ. ପୂଜାରୀ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି।

### ସୁଭାଷ ବୋଷ ମହାବିଦ୍ୟାଳୟରେ ସମ୍ବଲପୁରୀ ଦିନ୍

ସମ୍ବଲପୁର, ୧।୮ (ପ୍ରମୋଦ ବହିଦାର)

ସ୍ଥାନୀୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ପରିସରରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ୟାମ ଭୋଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ବୀରସେନ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଅଧ୍ୟକ୍ଷ ଶ୍ରୀ ଭୋଇ ସର୍ବପ୍ରଥମେ ସମ୍ବଲପୁରୀ ଦିବସ ପାଳନର ମହତ୍ତ୍ୱ ଓ ସମ୍ବଲପୁରୀ ଭାଷାର ଲୋକପ୍ରିୟତା ଉପରେ ଆଲୋକପାତ କରିଥିଲେ। ଇତିହାସ ବିଭାଗମୁଖ୍ୟ ପ୍ରଫେସର ଦୁଲ୍ଲଭ କୁମାର ସା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଅନନ୍ୟ କୃତୀ ଉପରେ ଆଲୋଚନା କରିଥିଲେ। ଅତିଥିମାନେ ସମ୍ବଲପୁରୀ କଳା ସଂସ୍କୃତିର ଇତହାସ ଉପରେ ଆଲୋକପାତ କରିଥିଲେ। ଡ. ରଘୁମଣି ନାଏକ, ଅଧ୍ୟାପକ ସତ୍ୟ ପ୍ରକାଶ ଗୁରୁ, ଅଧ୍ୟାପକ ହରିହର ମଲ୍ଲିକ ସମ୍ବଲପୁରୀ ଦିନ୍ ପାଳନର ଗୁରୁତ୍ୱ ଓ ସମ୍ବଲପୁରୀ ଅସ୍ମିତା ଉପରେ ଆଲୋକପାତ କରିଥିଲେ।




ଗୁରୁବାର ସମ୍ବଲପୁରୀ ଦିନ୍ ଉତ୍ସବରେ କଳାକାରମାନେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିରେ ପ୍ରଣିପାତ କରୁଛନ୍ତି(ବାମ), ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନରେ ଆୟୋଜିତ ସମ୍ବଲପୁରୀ ଦିନ୍ ଉତ୍ସବ ମଞ୍ଚରେ ଅତିଥିମାନେ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରୁଛନ୍ତି(ଡାହାଣ)।

# ସମ୍ବଲପୁରୀ ଦିନ୍‌ରେ ପୁରରୁ ସହର ଉତ୍ସବ ମୁଖରିତ

ସମ୍ବଲପୁର, ୧।୮ (ବି.ଶଙ୍କର)

ସମ୍ବଲପୁରୀ ଭାଷା ଓ ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତି ତଥା ସମ୍ବଲପୁରୀ ଦିନ ଗୁରୁବାର ପାଳିତ ହୋଇଯାଇଛି। ସମ୍ବଲପୁରୀ ଦିନରେ ପୁରରୁ ସହର ମୁଖରିତ ହୋଇଛି। ସମ୍ବଲପୁରୀ ଲୋକନୃତ୍ୟ, ଗୀତ ଓ ବାଦ୍ୟରେ ସୁସଜ୍ଜିତ ମଞ୍ଚ ଦୁଲୁକି ଉଠିଥିଲା। ଜନସାଧାରଣ ରଙ୍ଗବେରଙ୍ଗର ସମ୍ବଲପୁରୀ ବସ୍ତ୍ର ପରିଧାନ କରି ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗ୍ରାମ ଓ ସହର ସ୍ଥିତି ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକରୀ କାର୍ଯ୍ୟାଳୟଗୁଡିକରେ ମଧ୍ୟ ଅଧିକାରୀ ଓ କର୍ମଚାରୀମାନେ ସମ୍ବଲପୁରୀ ବସ୍ତ୍ର ପରିଧାନ ପୂର୍ବକ କାର୍ଯ୍ୟ କରି ସମ୍ବଲପୁରୀ ଦିନ ପାଳନ କରିଥିଲେ। ଏଥି ଅନେକ ଶିକ୍ଷାନୁଷ୍ଠାନରେ ଆଲୋଚନାଚକ୍ର, ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। ଗୁରୁବାର ସକାଳ ୮ଟାରେ ସମ୍ବଲପୁର ଜେଲ ଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ କବି, ଲେଖକ, ସାହିତ୍ୟିକ, ଶିକ୍ଷାବିତ, ରାଜନୈତିକ ଦଳର ନେତା ଓ କର୍ମୀ, କଳାକାର, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଜୟ ସମ୍ବଲପୁରୀ ଦିନ ଓ ଗୁରୁ ସତ୍ୟନାରାୟଣ ବହିଦାର ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସନ୍ଧ୍ୟା ୫ଟା ରୁ ରାତି ୧୦ ଟା ୩୦ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। **ପଶ୍ଚିମାଞ୍ଚଳ ଏକତା ମଞ୍ଚ:** ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜନରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ଉତ୍ସବ ସମ୍ବଲପୁର ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନରେ ହୋଇଯାଇଛି। ମଞ୍ଚ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ବଲପୁରୀ ଭାଷା ମଧୁ। ଏହି ଭାଷାରେ ବ୍ୟବହୃତ ପ୍ରତ୍ୟେକ ଶବ୍ଦର ଅର୍ଥ ରହିଛି। ଆମକୁ ଭାଷା କୋଷକୁ ବଢ଼ାଇବାକୁ ହେବ। ତେଣୁ ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ନାଏକ କହିଥିଲେ। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ,ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍‌ପି ମୁକେଶ ଭାମୁ, ମହାନଗର କମିଶନର ବେଦ ଭୂଷଣ, ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ମହଦେଓ ପ୍ରସାଦ ଜୈସୱାଲ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବରଗଡ଼ ଜିଲାର ସମ୍ବଲପୁରୀ ସାହିତ୍ୟକ ଏବଂ ପ୍ରଚାରକ ଶିବଶଙ୍କର ପୂଜାରୀଙ୍କୁ ଗୁରୁଶ୍ରୀ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ -୨୦୨୪ ପ୍ରଦାନ କରାଯାଇଥିଲା। ସେହିପରି କଳାହାଣ୍ଡି ଜିଲା ଖଇରପଦର ଗ୍ରାମର କାଠଶିଳ୍ପୀ ମୁରଲୀଧର ମହାରଣାଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ମାନପତ୍ର, ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଏଥିସହ ଚିତ୍ରାଙ୍କନ, ରଙ୍ଗୋଲି ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ତଥା ସଙ୍ଗୀତଜ୍ଞ ମୋତିଲାଲ ଦୋରାଙ୍କ ରଚିତ ପୁସ୍ତକ ସୁର ତାଳେ ଉନ୍ମୋଚିତ ହୋଇଥିଲା। ରେଙ୍ଗାଲିର ପୂର୍ବତନ ବିଧାୟକ ତଥା ଅନୁଷ୍ଠାନର ଉପଦେଷ୍ଟା ନାଉରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଓ ଜିଲା ବାହାରୁ ସାଂସ୍କୃତିକ ଦଳ ଅଂଶଗ୍ରହଣ କରି ନୃତ୍ୟ, ଗୀତ, ବାଦ୍ୟ ପରିବେଷଣ କରିଥିଲେ। ଭର୍ଣ୍ଣ କଳା ପରିଷଦ, ନଟରାଜ, ଟ୍ରିବାଲ ଆର୍ଟ ଫୋକ, ସୋନପୁରର ଘୁମକୁଝୁମାନା, ବଲାଙ୍ଗୀର ଡୁସରାର ସାନବଡ ଘୁଡକା, କହର, କଳା ଓ କଳାକାର, ସ୍ୱୟଂ ଏକାଡେମୀ ସମ୍ବଲପୁରୀ ନାଚ ପ୍ରଦର୍ଶନ କରିଥିଲେ। ସେହିପରି ବିଶିଷ୍ଟ ଲୋକ ଗାୟକ ଗୀତାଞ୍ଜଳି ପୋଡ଼ ମାମୁଁ ମୋତେ ଦେଇଥିଲେ ହଳଦୀ ଗିନା ଗୀତରେ ସମସ୍ତଙ୍କୁ ନଚେଇ ଥିବାବେଳେ ପଦ୍ମିନୀ ଦୋରା ଦଣ୍ଡ ଗୀତରେ ସମସ୍ତଙ୍କୁ ଝୁମେଇ ଦେଇଥିଲେ। ସୌମ୍ୟ ବଡ଼ପଣ୍ଡା, ମାନସ ଷଡ଼ଙ୍ଗୀ, ଶଶାଙ୍କ ଶେଖର ଦୁବେ, ଲିପିକା ବିଭାର ଗୀତ ଗାଇଥିଲେ। ପୂର୍ବାହ୍ନ ୧୦ଟାରେ ସମ୍ବଲପୁରୀ କବିତା ପାଠର ଆୟୋଜନ କରାଯାଇଥିଲା। ଡ.ସ୍ୱୟଂ ପ୍ରକାଶ ପଣ୍ଡା ଏଥିରେ ସଭାପତ୍ୱ କରିଥିଲେ। ବବଲୁ ବାଗ, ଅମିନ କୁମାର ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳର ୪୬ ଜଣ ନିମନ୍ତ୍ରିତ କବୟିତ୍ରୀ କବି ସାମିଲ ହୋଇ ସମ୍ବଲପୁରୀ କବିତା ପାଠ କରିଥିଲେ। ସାଂସ୍କୃତିକ ସଂଯୋଜକ ଦଶରଥ ମେହେର, ରାହୁଲ ଗୁପ୍ତା, ରାହୁଲ ମୋଦକ, ନିଶିକାନ୍ତ ବିଶ୍ୱାଳ, କିଶୋର ଧରେଇ, ସୁରେନ୍ଦ୍ର ବଗର୍ତ୍ତୀ, ନିଶିକାନ୍ତ ବିଶ୍ୱାଳ, ଶରତ ବହିଦାର, କ୍ଷିତୀଶ ବାଗ, ହିମାଂଶୁ ସାହୁ, କୃଷ୍ଣଚନ୍ଦ୍ର ବାଗ, ଶଙ୍କର ମେହେର, ରାଜେଶ ବେହେରା, ଆମନ ଚିରଗୁନ, ସୁସ୍ମିତ ପଣ୍ଡା, ଅନମୋଲ ଦାଶ, କାନ୍ତି ମେହେର, ପଙ୍କଜିନୀ ମେହେର, ଝୁନୁ ତ୍ରିପାଠୀ, ଜନନୀ ମିଶ୍ର, ସୁଜାତା ଗୁରୁ, ସୁଷମା ପ୍ରଧାନ, ସ୍ୱସ୍ତିକ ନାୟକ, ପଙ୍କଜିନୀ ବୈଠାରୁ, ନନ୍ଦିତା ପ୍ରଧାନ, ପ୍ରଜ୍ଞା ପ୍ରଧାନ, ସଂଘମିତ୍ରା ପଣ୍ଡା, ଅଞ୍ଜଳି ଦୀପ, ଛବି ପତି, ଅର୍ପିତା ବେହେରା, ସନ୍ଧ୍ୟା ସୁନା ପ୍ରମୁଖ ସାମିଲ ହୋଇ ଉତ୍ସବ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଉତ୍ସବରେ ନୃତ୍ୟ କରିବାକୁ ଜଣେ କଳାକାର ଯାଉଛନ୍ତି।



ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନରେ ଆୟୋଜିତ ସମ୍ବଲପୁରୀ ଦିନ୍ ଉତ୍ସବରେ ସମବେତ ଦର୍ଶକ।

**ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳିତ**

- **କବିତା ପାଠରେ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ**
- **ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ**



ଗୁରୁବାର ସମ୍ବଲପୁର ସ୍ଥିତ ଗଙ୍ଗାଧର ମୁକ୍ତ ମଣ୍ଡପରେ ସମ୍ବଲପୁରୀ ଦିନ୍ ଉତ୍ସବରେ କଳାକାରମାନେ ନୃତ୍ୟ କରୁଛନ୍ତି।



ସମ୍ବଲପୁରୀ ଦିନ୍ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ସର୍ବେଶ୍ୱର ଭୋଇଙ୍କ ଗୀତରେ ଝୁମିଲେ ଦର୍ଶକ

ସମ୍ବଲପୁର, ୧।୮ (ପ୍ରମୋଦ ବହିଦାର)

ହୀରାକୁଦ ମହୋତ୍ସବ କମିଟି ପକ୍ଷରୁ ଗୁରୁବାର ସମ୍ବଲପୁରୀ ଦିନ ପାଳନ କରାଯାଇଛି। ହୀରାକୁଦ ସ୍ଥାନୀୟ ସୁବାଷ ପଡିଆରେ ଆୟୋଜିତ ଉତ୍ସବରେ ସମ୍ବଲପୁରୀ ବାଦ୍ୟର ତାଳେତାଳେ ସୁନାମଧନ୍ୟ ସମ୍ବଲପୁରୀ କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇଙ୍କ ଗୀତରେ ଝୁମିଲେ ଦର୍ଶକ। ବର୍ଷା ବାଧକ ସମ୍ବଲପୁରୀ ଦିନ ପାଳନ ଉତ୍ସବରେ ହଜାର ହଜାର ସଂଖ୍ୟାରେ ଦର୍ଶକ ସୁବାଷ ପଡ଼ିଆରେ ଜମା ହୋଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ପ୍ରାତଃରେ ମହୋତ୍ସବ କମିଟି କର୍ମକର୍ତ୍ତା ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ମା'ଙ୍କ ଆଶୀର୍ବାଦ ଗ୍ରହଣ କରି ଉତ୍ସବ ପାଇଁ ପ୍ରସ୍ତୁତ ସୁବାଷ ପଡିଆରେ ମଞ୍ଚପୂଜା କରାଯାଇଥିଲା। ଅପରାହ୍ନ ୨ଟାରୁ ସ୍ଥାନୀୟ କଳାକାରମାନେ ସମ୍ବଲପୁରୀ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ସୁନାମଧନ୍ୟ ସମ୍ବଲପୁରୀ କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇଙ୍କ ଗୀତରେ ହୀରାକୁଦର ବିନାୟକ ନୃତ୍ୟ ଏକାଡେମୀ, ମା' କରମ୍‌ସାନି କଳା ପରିଷଦ, ଜିଗ୍-ଜାଗ୍ କ୍ଲବ, ଥିମ୍ କ୍ରିୟେସନ୍‌ର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ରିଙ୍କି ସାହୁ, ଭବାନୀ ନାଗ, ଅଭିଷେକ ଗୌଡ଼, ଶ୍ରୀମନ୍ତ ବେହେରା, ସୋନୁ ମହାନା, ସୁମି ମାହାନା, ରୋହିତ ତାଣ୍ଡି, ସମ୍ବଲପୁରୀ ଗୀତ ପରିବେଷଣ କରିଥିବା ବେଳେ ହାସ୍ୟ କଳାକାର ବୀରେନ୍ଦ୍ର ନାରାୟଣ ଜେନା 'ଷ୍ଟେଣ୍ଡ ଅପ୍ କମେଡି' ଶୀର୍ଷକ ହାସ୍ୟରାସାତ୍ମକ କାର୍ଯ୍ୟକ୍ରମ ଜରିଆରେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ମୁଖ୍ୟଅତିଥିଭାବେ ହିଣ୍ଡାଲକୋ ମୁଖ୍ୟ ଦେବାଶିଷ ମଲ୍ଲିକଙ୍କ ସହିତ ବିଶ୍ୱାସ ସିନ୍ଧେ, ଶିବ ମିଶ୍ର, ପ୍ରତାପ ସାହୁ, ପ୍ରାଞ୍ଜଳ ପାଠକ, ସତ୍ୟପ୍ରକାଶ ଦାସ, ସମୀର ମହାନ୍ତି, ସୁକାନ୍ତ ମହାପାତ୍ର, ଜିତେଶ ରଥ, ଆନନ୍ଦ ଚକ୍ରବର୍ତ୍ତୀ ଓ ଓପିସିଏଲ୍‌ର ଆରକେ ସିଂ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ମହୋତ୍ସବ କମିଟି ଉପସଭାପତି ସଚ୍ଚିକାନ୍ତ ମିଶ୍ର ସଭା ପରିଚାଳନା କରିଥିଲେ। ସମ୍ପାଦକ ଶାନ୍ତନୁ ବଡ଼ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସାଙ୍ଗଠନିକ ସମ୍ପାଦକ ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ସଂଯୋଜକ ସଞ୍ଜୀବ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦୁଲୁକିଲା ଗଙ୍ଗାଧର ମୁକ୍ତ ମଣ୍ଡପ



ବର୍ଣ୍ଣାଳୀ ହୋତା ଗୀତ ଗାନ କରୁଛନ୍ତି।

ସମ୍ବଲପୁର, ୧।୮ (ବି.ଶଙ୍କର)

- **କଣ୍ଠଶିଳ୍ପୀ ବର୍ଣ୍ଣାଳୀଙ୍କ ଗୀତରେ ଝୁମିଲେ ଦର୍ଶକ**
- **ନାଟ୍ୟକାର ବ୍ରଜେନ୍ଦ୍ର, ଗବେଷକ ତୁଳାରାମ, ବର୍ଣ୍ଣାଳୀଙ୍କୁ ସମ୍ବଲପୁରୀ ସମ୍ମାନ**

ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଭାଷା ଓ ସାହିତ୍ୟର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତି ତଥା ସମ୍ବଲପୁରୀ ଦିନ ଗୁରୁବାର ରାତିରେ ଗଙ୍ଗାଧର ମୁକ୍ତ ମଣ୍ଡପଠାରେ ପାଳିତ ହୋଇଯାଇଛି। କାଳାକାରମାନଙ୍କ ନୃତ୍ୟ, ଗୀତ ଓ ବାଦ୍ୟରେ ଦୁଲୁକି ଉଠିଛି ମଞ୍ଚ। ଭାରତ କେ ଅମୃତ କଳସ କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତାଙ୍କ ଗୀତରେ ଦର୍ଶକ ଝୁମି ଉଠିଥିଲେ। ଏହି ଅବସରରେ ବର୍ଣ୍ଣାଳୀ, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ ଓ ସଂସ୍କୃତି ଗବେଷକ ତୁଳାରାମ କଲେତଙ୍କୁ ସମ୍ବଲପୁରୀ ସମ୍ମାନ -୨୦୨୪ରେ ସମ୍ମାନିତ କରାଯାଇଥିଲା। ସମ୍ବଲପୁରୀ ଏକତା ମଞ୍ଚ ସଭାପତି ସମୀର ରଞ୍ଜନ ବାବୁ ପରିଚାଳନା ଓ ସଂଯୋଜକ ଡାକ୍ତର ସଞ୍ଜିବ ମିଶ୍ର ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସମଲେଶ୍ୱରୀଙ୍କ ମନ୍ତ୍ରପାଠରେ ଉତ୍ସବ ଶୁଭାରମ୍ଭ ହୋଇଥିଲା। ସମଲେଶ୍ୱରୀ ମନ୍ଦିର ମୁଖ୍ୟପୂଜକ ଅମ୍ବିକା ପ୍ରସାନ ରାୟ ଓ କମଲଲୋଚନ ପଣ୍ଡା ମନ୍ତ୍ରପାଠ କରିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ କଳାକାରମାନେ ସାମିଲ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମ୍ବଲପୁରୀ ଆଲବମ କଳାକାର ଅଙ୍କିତ ରାଜ, କମଲେଶ ଚକ୍ରବର୍ତ୍ତି, ସାଇସ୍ୱିତା ନାଏକ, ପ୍ରିୟର୍ଦାନୀ ନାଥ, ଅସଲେସା ମିଶ୍ର, ସୂର୍ଯ୍ୟପ୍ରକାଶ ଗୁରୁ, ଇଶ୍ୱରୀ ବେହେରା, ରାଜ କୁମାର ଜାଲ, ହମିଦ ରେହେମାନ, ମନସ୍ୱିନୀ ପଟ୍ଟନାୟକ ପ୍ରମୁଖ ଗୀତ ଗାନ କରିଥିଲେ। ଏଥିସହ ସମ୍ବଲପୁରୀ ଖାନା, ସମ୍ବଲପୁରୀ ପିନ୍ଧନ ପଟା ସମେତ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ, ସାଂସ୍କୃତିକ ସଂଗଠକ ଓ ଗବେଷକ, ସାହିତ୍ୟିକମାନେ ଅତିଥି ଭାବେ ଯୋଗଦେଇ ଥିଲେ। ସଂପାଦକ ଗୁରୁ ସୂର୍ଯ୍ୟ ପ୍ରକାଶ ଗୁରୁ, ଅରୁଣ ଦାଶ, ରାମଶଙ୍କର ମିଶ୍ର, ମୁନା ମିଶ୍ର, ଅମିନବ ପାଣିଗ୍ରାହୀ, ସନ୍ତୋଷ ସାମଲ କଳ୍ପନା ମିଶ୍ର, ଗୋପାଳ ଅଗ୍ରୱାଲ, ଶୈଳେନ୍ଦ୍ର ପୁରୋହିତ, ମୋହନ ଦାଶ , ରାମାଶିଷ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ହୀରାକୁଦ ବିସ୍ଥାପିତଙ୍କୁ ମିଳିଲା ଜମିପଟ୍ଟା

ସମ୍ବଲପୁର/ରେଙ୍ଗାଲି,୧୮ (ପ୍ରମୋଦ ବହିଦାର/ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲାହୀରାକୁଦ ଜଳଭଣ୍ଡାର ବିସ୍ଥାପିତଙ୍କୁ ପ୍ରଥମଥର ପାଇଁ ସ୍ଥାୟୀ ପଟ୍ଟା ବଣ୍ଟନ କରାଯାଇଛି। ଫଳରେ ଦୀର୍ଘ ୭ ବର୍ଷ ପରେ ବିସ୍ଥାପିତ ପରିବାରଙ୍କ ଆଶା ପୂରଣ ହୋଇଛି। ରେଙ୍ଗାଲି ତହସିଲ କୁର୍ଲା ଗ୍ରାମରେ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବିସ୍ଥାପିତ ପରିବାରଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ। ହୀରାକୁଦ ଜଳଭଣ୍ଡାରରେ ବିଲୀନ ହୋଇଥିବା ଗ୍ରାମଗୁଡ଼ିକର ପରିବାରବିସ୍ଥାପିତ ହୋଇ ରେଙ୍ଗାଲି ତହସିଲ ଅଧିନ ସାଲଡ ପଞ୍ଚାୟତ ଅନ୍ତର୍ଗତ କୁର୍ଲା ଓ ନିସାନଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ଠୁଁକିକରବଗା ଗ୍ରାମରେ ବସବାସ କରୁଥିଲେ। ୭୦ବର୍ଷ ଧରି ଏଠାରେ ରହି ଆସୁଥିଲେ ସୁଦ୍ଧା ସେମାନଙ୍କୁ ସ୍ଥାୟୀ ପଟ୍ଟା ମିଳି ନ ଥିଲା। ପରେ ଜଳସମ୍ପଦ ବିଭାଗ ଅଧିନରେ ଥିବା ଜମିରେ ଗଡ଼ି ଉଠିଥିବା ଉକ୍ତ ଗ୍ରାମଦ୍ୱୟକୁ ଜଳସମ୍ପଦ ବିଭାଗ ଗତ ଜୁଲାଇ ୨୫ ତାରିଖରେ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିଥିଲା। ଫଳରେ ତୁରନ୍ତ ଉକ୍ତ ଗ୍ରାମଦ୍ୱୟକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯାଇଥିଲା। ରାଜସ୍ୱମନ୍ତ୍ରୀ ପୂଜାରୀ ରେଙ୍ଗାଲି ଗସ୍ତ ଅବସରରେ ଗୁରୁବାର ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କୁର୍ଲା ଓ ଠୁଁକିକତରବଗା ଗ୍ରାମର ମୋଟ ୨୨୧ ବିସ୍ଥାପିତ ପରିବାରଙ୍କୁ ଘରଡିହ ଓ ଚାଷଜମି ପଟ୍ଟା ବଣ୍ଟନ କରିଥିଲେ। ଘର ଡିହ ପାଇଁ ପ୍ରତ୍ୟେକ ପରିବାରକୁ ସର୍ବାଧିକ ୧୦ ଡିସମିଲ ଓ ଚାଷ ପାଇଁ ସର୍ବାଧିକ ୨ ଏକର ଲେଖାଏ ଚାଷଜମିର ପଟ୍ଟା ପ୍ରଦାନ କରିଛନ୍ତି। ଏଥିରେ କୁର୍ଲା ଗ୍ରାମର ୧୬୮ ପରିବାରଙ୍କୁ ମୋଟ ୨୧୬.୦୬


ରେଙ୍ଗାଲିଠାରେ ବିସ୍ଥାପିତଙ୍କୁ ପଟ୍ଟା ବଣ୍ଟନ କରୁଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

■ ଆସନ୍ତା ୧ ବର୍ଷ ମଧ୍ୟରେ ସମସ୍ତ ବିସ୍ଥାପିତଙ୍କୁ ଜମିପଟ୍ଟା ମିଳିବ: ରାଜସ୍ୱ ମନ୍ତ୍ରୀ

■ ୨ଗାଁର ୨୨୧ ପରିବାର ପାଇଲେ ଜମିପଟ୍ଟା

ଏକର ଓ ଠୁଁକିକତରବଗା ଗ୍ରାମର ୫୩ପରିବାରକୁ ମୋଟ ୧୩୦.୪୫ ଏକର ଜମିର ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି।

ଜମିପଟ୍ଟା ପାଇବା ଫଳରେ ଦୀର୍ଘ ୭ ଦଶନ୍ଧି ପରେ ବିସ୍ଥାପିତଙ୍କ ତୃତୀୟ ପୀଢ଼ି ସେମାନଙ୍କ ଅଧିକାର ପାଇବାର ଆଶା ପୂରଣ ହୋଇଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଆଗକୁ ଏଠାରେ ବିସ୍ଥାପିତ ପରିବାର ପାଇଥିବା ଘରଡିହରେ ଆବାସ ଯୋଜନା ଜରିଆରେ ପକ୍କାଘର ନିର୍ମାଣ ସହିତ ବିଜୁଳି, ପାନୀୟ ଜଳ, ଶୌଚାଳୟ ଆଦି ନିର୍ମାଣ କରାଯାଇ ଅଞ୍ଚଳକୁ ଏକ ଉନ୍ନତମାନର ଆବାସିକ ଅଞ୍ଚଳରେ ପରିଣତ କରାଯିବ। ଯଦ୍ୱାରା ଏଠାରେ ବସବାସ କରୁଥିବା ଲୋକେ ଜୀବନ ଧାରଣର ଏକ ଉନ୍ନତ ଜୀବନଶୈଳୀରେ ରୂପାନ୍ତରିତ ହୋଇ ପାରିବ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଅନ୍ୟଅଞ୍ଚଳରେ ବସବାସ କରୁଥିବା ହୀରାକୁଦ ବିସ୍ଥାପିତଙ୍କୁ ମଧ୍ୟ ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବ। ଆଗାମୀ ୧ ବର୍ଷ ମଧ୍ୟରେ ଜିଲାର ସମସ୍ତ ହୀରାକୁଦ ବିସ୍ଥାପିତଙ୍କୁ ଜମିପଟ୍ଟା ପ୍ରଦାନ କରାଯିବ। ଏଥିପାଇଁ ଆବଶ୍ୟକ ପ୍ରକ୍ରିୟା ଜାରି ରହିଛି ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଛନ୍ତି। ପଟ୍ଟା ବଣ୍ଟନ ସମୟରେ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ରେଙ୍ଗାଲି ତହସିଲଦାର ସଦାକର କୁମ୍ଭାର, ଅତିରିକ୍ତ ତହସିଲଦାର ସୁଜିତ କୁମାର ଶତପଥୀ, ପୂର୍ବତନ ବିଧାୟକ ନାଉରୀ ନାୟକ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସାଲଡ୍ ସରପଞ୍ଚ ସରୋଜ କୁମାର ମେହେର ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର,୧୮ (ପ୍ରମୋଦ ବହିଦାର)

**ନାବାଳିକା ଅସଦାଚରଣ ମାମଲା**

ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ବିଚାରକରି ସମ୍ବଲପୁର ପୋକ୍‌ସୋ ଅଦାଲତ ଗୁରୁବାର ଅଭିଯୁକ୍ତ ଚିନ୍ମୟ ସୁନା(୨୨)ଙ୍କୁ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ଲେନ୍‌ରେ ପରିବାର ସହ ଏକ ଭଡ଼ାଘରେ ପୀଡ଼ିତା ନାବାଳିକା ରହୁଥିଲେ। ୨୦୨୨ ମେ ୩୧ରେ ଘଟଣା ଘଟିବା ଦିନ ଘରେ ତାଙ୍କ ମା' ଓ ଭାଇ ନ ଥିଲେ। ବାପା ବଜାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ପୂର୍ବାହ୍ନ ୧୦ଟାରେ ଅଭିଯୁକ୍ତ ନାବାଳିକାଙ୍କ ଘରକୁ ଯାଇ ଛପି ରହିଥିଲେ। ନାବାଳିକା ଶୌଚାଳୟକୁ ଯିବା ସମୟରେ ସେଠାର ପୂର୍ବରୁ ଘରେ ପଶି ଛକି ରହିଥିବା ଚିନ୍ମୟ ତାଙ୍କୁ ଅସଦାଚରଣ କରିଥିଲେ। ଏହି ସମୟରେ ତାଙ୍କ ବାପା ଘରକୁ ଆସି ଝିଅକୁ ଖୋଜିଥିଲେ। ଶୌଚାଳୟ ପଟୁ ଝିଅର ପାଟି ଶୁଭୁଥିବାରୁ ସେଠାକୁ ଯିବାରୁ ଅଭିଯୁକ୍ତ ଦୌଡ଼ି ପଳାଇଥିଲେ। ପରେ ଝିଅକୁ ନେଇ ପୀଡ଼ିତଙ୍କ ବାପା ସେହିଦିନ ଟାଉନ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଆଧାରକରି ଟାଉନ ଥାନାରେ ଦଫା ୩୫୪, ୩୫୪(ଏ) ଏବଂ ପୋକ୍‌ସୋ ଆଇନରେ ଏକ ମାମଲା (୧୯୫/୨୦୨୨) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ସ୍ୱତନ୍ତ୍ର ବିଚାରପତି ସେନାପତି ମୋଟ ୮ ଜଣ ସାକ୍ଷୀ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ଏହି ମାମଲାର ବିଚାରକରି ରାୟ ଶୁଣାଇଛନ୍ତି। ଉକ୍ତ ମାମଲା ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ପରିଚାଳନା କରୁଥିଲେ।

# ହୀରାକୁଦ ଜଳଭଣ୍ଡାରର ବନ୍ଦ ହେଲା ୮ ଗେଟ୍

ସମ୍ବଲପୁର,୧୮ (ପ୍ରମୋଦ ବହିଦାର)

**୬ଟି ସ୍ଲୁଇସ୍ ଗେଟ୍‌ରେ ନିଷ୍କାସିତ ହେଉଛି ବନ୍ୟାଜଳ**

ହୀରାକୁଦ ଜଳଭଣ୍ଡାରକୁ ମହାନଦୀର ବନ୍ୟାଜଳ ପ୍ରବେଶ ହ୍ରାସ ପାଇବାରେ ଲାଗିଛି। ଫଳରେ ଗୁରବାର ତିନିଟି ପର୍ଯ୍ୟାୟରେ ୮ଟି ଗେଟ୍‌କୁ ବନ୍ଦ କରାଯାଇ ଜଳଭଣ୍ଡାରରୁ ୬ଟି ସ୍ଲୁଇସ୍ ଗେଟ୍‌ରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟାକୁ ସୀମିତ ରଖାଯାଇଛି। ବର୍ତ୍ତମାନ ଜଳଭଣ୍ଡାରର ଡାହାଣ ପଟେ ୨ ଓ ବାମ ପଟେ ୪ଟି ସ୍ଲୁଇସ୍ ଗେଟ୍ ଯୋଗେ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଗୁରୁବାର ରାତି ସାଢ଼େ ୯ଟାରେ ହସ୍ତଗତ ହୋଇଥିବା ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୮.୪୫ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୪୮ହଜାର ୫୨୧ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୨୭ ହଜାର ୨୮୩ ଘନଫୁଟ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ୬ଟି ସ୍ଲୁଇସ୍ ଗେଟ୍ ମଧ୍ୟଦେଇ ୮୮ହଜାର ୪୧୬ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର କେନାଲରେ ୩୫ ହଜାର ୧୩୮ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୭୨୨ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୯୫ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ପାନୀୟ ଜଳଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ଶିଳ୍ପାନୁଷ୍ଠାନଗୁଡ଼ିକୁ ମିଶି ମୋଟ ୨୭୫ ଘନଫୁଟ ଜଳଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୨୨.୭୫ ମିଲିମିଟର ଓ ତଳମୁଣ୍ଡରେ ୧୭.୦୭ମିଲିମିଟର ବର୍ଷା ରେକର୍ଡ ହୋଇଥିବା ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନାରୁ ପ୍ରକାଶ।

## ସଂକ୍ଷେପରେ

# ଜିଏସ୍‌ଟି ଟିକସ ଫାଙ୍କି ଅଭିଯୋଗରେ ଚଢ଼ାଉ

ରାଉରକେଲା,୧୮ (ଦିନେଶ ମିଶ୍ର)

ଜିଏସ୍‌ଟି ଟିକସ ଫାଙ୍କି ଅଭିଯୋଗରେ ପ୍ରୋଭେଦା ମାର୍କେଟିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ କମ୍ପାନୀ ଉପରେ ଗୁରୁବାର ରାଉରକେଲା ବାଣିଜ୍ୟ କର ଓ ଦ୍ରବ୍ୟସେବା ଆଞ୍ଚଳିକ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି କମ୍ପାନୀ ବିଭିନ୍ନ ସମୟରେ ରାଉରକେଲାର ଥିବା ଡିସ୍‌ଟ୍ରିବ୍ୟୁଟରମାନଙ୍କ ଠାରୁ ଟଙ୍କା ନେଇ ସେମାନଙ୍କୁ ଜିନିଷ ପ୍ରଦାନ ନ କରିବା, ନିର୍ଦ୍ଧାରିତ ସମୟରେ ଜିଏସ୍‌ଟି ଟିକସ ପୈଠ ନ କରିବା, କମ୍ପାନୀର ଆୟବ୍ୟୟ ସାମଗ୍ରୀର ତାଳମେଳ ନ ରହିବା ଭଳି ବିଭିନ୍ନ ତଥ୍ୟ ଏହି ଚଢାଉ ସମୟରେ ଜିଏସ୍‌ଟି ବିଭାଗ ଜାଣିବାକୁ ପାଇଛି। ଏହି ଚଢାଉ ସମୟରେ ରାଉରକେଲା ଜିଏସ୍‌ଟି କାର୍ଯ୍ୟାଳୟର ଡେପୁଟି କମିଶନର ଜଗଦିଶ ସା ଓ ଏନ୍‌ଫୋର୍ସମେଣ୍ଟ ଦଳର କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭୁବନେଶ୍ୱରର ପାଣ୍ଡ୍ରାକେନାଲ ରୋଡରେ ଥିବା ଏହି କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟରେ ମଧ୍ୟ ଚଢ଼ାଉ କରାଯାଇଛି।

# ମୁମ୍ବାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ନୂଆପଡ଼ା,୧୮ (ମକାରୁ ବେମାଲ)

କାମ କରିବାକୁ ମୁମ୍ବାଇ ଯାଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆପଡ଼ା ଜିଲା କୋମନା ଥାନା ଠୋଙ୍ଗେ ଗାଁର ଭଜନ ଆଡବଙ୍ଗ (୨୫)।



ସୂଚନା ମୁତାବକ ଦୁଇ ସପ୍ତାହ ତଳେ ସାଙ୍ଗମାନଙ୍କ ସହ ଭଜନ ମୁମ୍ବାଇ ଯାଇ ଗୃହ ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବରେ ନିୟୋଜିତ ଥିଲେ। ସବୁଦିନ ଭଳି ମଙ୍ଗଳବାର ସେ ତାଙ୍କ ମା'ଙ୍କ ସହ କଥା ହୋଇଥିଲେ ମଧ୍ୟ ପରେ ସୁଇଚଅଫ୍ ଦେଖାଇଥିଲା। ଏପରିସ୍ଥଳେ ବୁଧବାର ରାତ୍ରି ପ୍ରାୟ ସାଢେ ଦଶଟା ସମୟରେ ବିଲଡ୍ଂ ତଳେ ଭଜନଙ୍କ ମୃତଦେହ ପଡିଥିବା ସାଙ୍ଗମାନେ ଘରକୁ ଫୋନ କରି ଜଣାଇଥିଲେ। ଏହା ଶୁଣି ପରିବାର ଲୋକେ ମର୍ମାହତ ହୋଇ ପଡିଥିଲେ। ରାତିରେ କମ୍ପାନୀ ସୁପରଭାଇଜର ଫୋନ କରି ଭଜନଙ୍କ ମୃତ୍ୟୁ ଘଟିଥିବାବେଳେ ବ୍ୟବଚ୍ଛେଦ ପରେ ମୃତଦେହ ପଠାଇଦେବୁ ବୋଲି କହିଥିଲେ। ହେଲେ ଗୁରୁବାର ସୁଦ୍ଧା ମୃତଦେହ ଆସି ନ ଥିବା ଜଣାପଡିଛି। ତାଙ୍କ ବାପା ଦୃଷ୍ଟିହୀନ ଓ ମା' ଗୃହଣୀ। ଭଜନ ଦୁଇ ପଇସା ରୋଜଗାର କରି ପରିବାର ଚଳାଉଥିଲେ। ତାଙ୍କୁ ହରାଇ ପରିବାର ଅସହାୟ ହୋଇପଡିଛନ୍ତି। ତାଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର କୋମନା ଥାନାକୁ ଲିଖିତ ଅଭିଯୋଗ କରିବା ପାଇଁ ଯାଇଥିଲେ। ପୋଲିସ ଯେଉଁଠି ଘଟଣା ହୋଇଛି ସେଠାରେ କେସ ହେବ ବୋଲି କହିବାରୁ ସେମାନେ ନିରାଶ ହୋଇପଡିଛନ୍ତି।


ଗୁରୁବାର ସମ୍ବଲପୁରସ୍ଥିତ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନରେ ଆୟୋଜିତ ସମ୍ବଲପୁରୀ ଦିନ୍ ଉତ୍ସବରେ କଳାକାରମାନେ।

# ଅଳଙ୍କାର ଦୋକାନକୁ ୬୬.୭୦ ଲକ୍ଷ ଜରିମାନା

ରାଉରକେଲା,୧୮ (ସଙ୍ଗୀତା ଜେନା)

**ଜିଏସ୍‌ଟି ଚଢ଼ାଉ**

ପ୍ରାୟ ୬ ମାସ ତଳେ ରାଉରକେଲା ମେନ୍ ରୋଡରେ ଥିବା ଏକ ଅଳଙ୍କାର ଦୋକାନରେ ଜିଏସ୍‌ଟି ଚଢ଼ାଉ କରାଯାଇଥିଲା। ଏଥିରେ ମାତ୍ରାଧିକ ସୁନା ଓ ରୁପା ଥିଲା ଯାହାର ଜିଏସ୍‌ଟି ବିଲ୍ ପେମେଣ୍ଟ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଏହାସହ ଉକ୍ତ ଦୋକାନୀ ଗ୍ରାହକମାନଙ୍କୁ ବିଲ୍ ଦେଉ ନ ଥିବା ମଧ୍ୟ କୁହାଯାଇଥିଲା। ଏହି ଅଭିଯୋଗକୁ ଆଧାର କରି ସେତେବେଳେ ରାଜ୍ୟ ସିଟି ଆଣ୍ଡ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ମାମଲାରେ ଗୁରୁବାର ରାଜ୍ୟ ଜିଏସ୍‌ଟି ବିଭାଗ ପକ୍ଷରୁ ଉକ୍ତ ଅଳଙ୍କାର ଦୋକାନ ଉପରେ ପ୍ରାୟ ୬୬ଲକ୍ଷ ୭୦ ହଜାର ଟଙ୍କା ଜରିମାନା କରାଯାଇଥିବା ଦୋକାନ ମାଲିକଙ୍କୁ ନୋଟିସ୍ ମାଧ୍ୟମରେ ସୂଚିତ କରାଯାଇଛି। ଅନ୍ୟପକ୍ଷେ ଟ୍ରାଫିକ ଗେଟ୍ ସ୍ଥିତ ରାଠୋର୍ ବିଲ୍ଡିଂରେ ଥିବା ଏକ ପାଇକାରୀ ଦୋକାନରେ ଗୁରୁବାର ସିଟି ଆଣ୍ଡ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏହାସହ ଉକ୍ତ ଦୋକାନୀଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ମଧ୍ୟ ଏକକାଳୀନ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ଏଥିରେ ଦୋକାନର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ହସ୍ତଗତ ହୋଇଛି। ଜିଏସ୍‌ଟି ରିଟର୍ନ ଫାଇଲ୍ କରୁ ନ ଥିବା ଅଭିଯୋଗରେ ଏହି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ତେବେ ଯାଞ୍ଚ ପରେ ସତ୍ୟ ପଦାକୁ ଆସିବ ବୋଲି ସିଟି ଆଣ୍ଡ ଜିଏସ୍‌ଟି ବିଭାଗ କମିଶନର ଜଗଦୀଶ କହିଛନ୍ତି।

# ଶାନ୍ତିନଗରରୁ ୧୧ ଫୁଟର ଅଜଗର ଉଦ୍ଧାର

ସୋନପୁର, ୧୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଶାନ୍ତିନଗରରୁ ଅଜଗର ସାପ ଉଦ୍ଧାର ହୋଇଛି। ଖାଦ୍ୟ ଅନ୍ୱେଷଣରେ ଏହି ସାପ ଜନବସତିକୁ ଚାଲି ଆସିଥିଲା। ମନୋରଞ୍ଜନ ପାତ୍ରଙ୍କ ବାଥ ରୁମ୍‌ରୁ ବାହାରି ଥିବା ପାଇପରେ ଏକ ବଡ ସାପ ଥିବା ବୁଧବାର ରାତିରେ ଜଣା ପଡିଥିଲା। ସାପକୁ ଦେଖି ଲୋକେ ଭୟଭୀତ ହୋଇ ପଡିଥିଲେ। ସୁବର୍ଣ୍ଣପୁର ସାପ ଉଦ୍ଧାରକାରୀ ଟିମ୍‌କୁ ଏସମ୍ପର୍କରେ ସୂଚନା ଦିଆଯାଇଥିଲା। ଟିମ୍‌ର ମୁଖ୍ୟ ପ୍ରମୋଦ କୁମାର ଦାସିଆ ଓ ସହଯୋଗୀ ବୀରେନ ସୁନା ରାତି ୧୧ରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ସାପର ଲମ୍ବ ୧୧ଫୁଟ ଓ ଏହାର ବୟସ ପ୍ରାୟ ୨୫ ବର୍ଷ ହେବ ବୋଲି ଜଣାପଡ଼ିଛି। ଉଦ୍ଧାର ପରେ ସାପକୁ ସୁରକ୍ଷିତ ଭାବେ ଅର୍ଜୁନପୁର ଜଙ୍ଗଲରେ ଛଡାଯାଇଛି।



# ଏସବିଆଇର ମେଗା ଚାରାରୋପଣ



ଭୁବନେଶ୍ୱର,୧୮

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବା ଏସବିଆଇ)ର ବହୁ ପ୍ରତୀକ୍ଷିତ ତଥା ଭାରତ ସରକାରଙ୍କ ଏକ ପେଡ ମା କେ ନାମ ଅଭିଯାନ କ୍ରମେ ଏକ ମେଗା ଚାରାରୋପଣ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏସବିଆଇର ଭୁବନେଶ୍ୱର ମଣ୍ଡଳ ଦ୍ୱାରା ପଶ୍ଚିମ ଓଡିଶାର ବିଭିନ୍ନ ଓଡିଶା ଆଦର୍ଶ ବିଦ୍ୟାଳୟମାନଙ୍କରେ ମୋଟ ୩୫୪୦ଟି ବିଭିନ୍ନ କିସମର ଚାରାଗଛ ରୋପଣ କରାଯାଇଛି। ବିଶେଷ କରି ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଓ କୁଚିଣ୍ଡା, ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ ଓ କଣ୍ଟାବାଞ୍ଜି, ବରଗଡ ଜିଲାର ବରଗଡ ଓ ବରପାଲି ତଥା ଦେବଗଡ ଜିଲ୍ଲାର ବାରକୋଟ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଏହି ମେଗା ଚାରାରୋପଣ କାର୍ଯ୍ୟକ୍ରମ ଏକକାଳୀନ ଆୟୋଜିତ ହୋଇଯାଇଛି। ଏସବିଆଇ ସମ୍ବଲପୁର ଅଞ୍ଚଳର ଉପ ମହାପ୍ରବନ୍ଧକ (ବ୍ୟବସାୟ ଓ ପରିଚାଳନା) ସଞ୍ଜୟ କୁମାର ଝା ଓ କ୍ଷେତ୍ରୀୟ ପ୍ରବନ୍ଧକ ମାନସ କୁମାର ପ୍ରଧାନ ପ୍ରମୁଖ ରେଙ୍ଗାଲି ସ୍ଥିତ ଆଦର୍ଶ ବିଦ୍ୟାଳୟଠାରେ ଚାରାରୋପଣ କରିଥିଲେ। ଏସବିଆଇର କ୍ଷେତ୍ରୀୟ ପ୍ରବନ୍ଧକ ବରଗଡ ମଧୁସୂଦନ ରଥ ସ୍ଥାନୀୟ ବରଗଡ ଆଦର୍ଶ ବିଦ୍ୟାଳୟରେ ଏବଂ ଏସବିଆଇର କ୍ଷେତ୍ରୀୟ ପ୍ରବନ୍ଧକ ବଲାଙ୍ଗୀର ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ କୁର୍ଣ୍ଣୁଡ ଟିଟିଲାଗଡ ଆଦର୍ଶ ବିଦ୍ୟାଳୟଠାରେ ଉପସ୍ଥିତ ରହି ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏସବିଆଇର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଅଧିନ ବା ପାଳନ ଅନୁକ୍ରମେ ଓ ସାର୍କ ସମ୍ବଲପୁର ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଏହି ମେଗା ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ସଦାନନ୍ଦ

ତରଭା,୧୮ (ମାନଭଞ୍ଜନ ମିଶ୍ର)

ଡ. ସଦାନନ୍ଦ ଅଗ୍ରୱାଲ ଓଡ଼ିଶାର ଜଣେ ସ୍ୱନାମଧନ୍ୟ ଲିପିତତ୍ତ୍ୱବିତ୍, ମହିମାଧର୍ମର ଗବେଷକ, ଐତିହାସିକ ତଥା ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସେ ଏହି ଅଞ୍ଚଳର ସାମାଜିକ, ସାଂସ୍କୃତିକ, ଧାର୍ମିକ ଅନୁଷ୍ଠାନଗୁଡିକର ଦିଗ୍‌ଦର୍ଶକ ଥିଲେ। ସେ ତାଙ୍କ ଜୀବନରେ କଲେଜ ପାଠ ପଢ଼ିବାର ସୁଯୋଗ ପାଇ ନ ଥିଲେ। ହେଲେ ନିଜ ଅଧ୍ୟବସାୟ ବଳରେ ଅନେକଗୁଡିଏ ଗବେଷଣାଲବ୍ଧ ପୁସ୍ତକ ରଚନା କରିଥିଲେ, ଯାହା ଆଜି ବିଶ୍ୱବିଦ୍ୟାଳୟମାନଙ୍କରେ କ୍ଲାସକୋର୍ସ ଭାବେ ଛାତ୍ରୀଛାତ୍ରମାନେ ପଢୁଛନ୍ତି। ବିଶ୍ୱଭାରତୀ ଶାନ୍ତି ନିକେତନ, ଓଡ଼ିଶା ସଂସ୍କୃତି ବିଶ୍ୱ ବିଦ୍ୟାଳୟ ଭଳି ଶିକ୍ଷନୁଷ୍ଠାନକୁ ସେ ଭିଜିଟିଙ୍ଗ ପ୍ରଫେସରଭାବେ ପାଠ ପଢାଇ ଯାଉଥିଲେ। ମୁଖ୍ୟତଃ ପୁରାତନ ଶିଳାଲିପି, ତାମ୍ରପତ୍ର ଉତ୍ୟାଦି ପାଠୋଦ୍ଧାରରେ ସେ ସିଦ୍ଧହସ୍ତ ଥିଲେ। ଗୁରୁବାର ମହର୍ଷି ବୁଦ୍ଧରାମ ମହାବିଦ୍ୟାଳୟଠାରେ ଆୟୋଜିତ ସ୍ୱର୍ଗତ ସଦାନନ୍ଦ ଅଗ୍ରୱାଲଙ୍କ ୭ମ ତିରୋଧାନ ଦିବସରେ ଅତିଥିମାନେ ଏହିମତ ରଖିଛନ୍ତି।

ଏମବିଆର ଡିଗ୍ରୀ କଲେଜ ଓ ସଦାନନ୍ଦ ଅଗ୍ରୱାଲ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ କଲେଜ ପରିଚାଳନା କମିଟି ସଭାପତି ବାଳଗୋପାଳ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ସମ୍ମାନୀତ ଅତିଥି ଭାବେ ସୋନପୁର ଯୁବ ରେଡକ୍ରସ ସୋସାଇଟିର ଜିଲା ସଂଯୋଜକ ଉମାକାନ୍ତ ନାଗ, ଭୀମଭୋଇ ସମାଧିପୀଠ ଟ୍ରଷ୍ଟ ଖଲିଆପାଲିର ମ୍ୟାନେଜିଙ୍ଗ ଟ୍ରଷ୍ଟି ଛାତ୍ରଧାରୀ ଅଗ୍ରୱାଲ, ବଲାଙ୍ଗୀର ମାରୱାଡି ସମ୍ମେଳନର ସଭାପତି ସଞ୍ଜୟ ଅଗ୍ରୱାଲ, ପାଇକବାହାଲ ପଞ୍ଚାୟତର ସରପଞ୍ଚ ଗଣନାଥ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ସୋହେଲା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଟେକଚନ୍ଦ ଦରୁୱାନ ମଞ୍ଚାସୀନ ଥିଲେ। ସ୍ମୃତି କମିଟିର ସିଦ୍ଧାର୍ଥ ଅଗ୍ରୱାଲ, ସ୍ୱର୍ଗତ ଅଗ୍ରୱାଲଙ୍କ ବନ୍ଧୁ ନାରାୟଣ ଝାଙ୍କର, ସନ୍ତୋଷ ଦାସ, କଲେଜ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ରଥ ପ୍ରମୁଖ ସ୍ୱର୍ଗତ ଆଗ୍ରୱାଲଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ। ଅଧ୍ୟାପକ ଉମାକାନ୍ତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମେ ସ୍ୱର୍ଗତ ସଦାନନ୍ଦ ଅଗ୍ରୱାଲଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଅତିଥିଗଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟିର ନାରଦ ପୂଜାହାରୀ, ଚୈତନ୍ୟ ବାରିକ, ମହାଦେବ ଜେନା, ହୃଷୀକେଶ ପାତ୍ର, ସ୍ୱର୍ଗତ ଆଗ୍ରୱାଲଙ୍କ ସହଧର୍ମିଣୀ ତାରା ଅଗ୍ରୱାଲ, ବୋହୁ ଚଞ୍ଚଳ ଅଗ୍ରୱାଲ, ଭଣଜା ଗୌତମ ଅଗ୍ରୱାଲ, ମନୋଜ ଅଗ୍ରୱାଲ ଯୁକ୍ତ ୨ ମହାବିଦ୍ୟାଳୟ ଓ ଡିଗ୍ରୀ କଲେଜ ଅଧ୍ୟାପକ ଓ କର୍ମଚାରୀଗଣ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୩୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପଣ୍ଡାପାଲି ନେତ୍ର ନିକେତନ ପକ୍ଷରୁ ଆୟୋଜିତ ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ୭୬ଜଣ ଚକ୍ଷୁ ପରୀକ୍ଷା କରିଥିଲେ।


ସ୍ମୃତି ସଭାରେ ମଞ୍ଚାସୀନ ଅତିଥି।

**ଐତିହାସିକ ଡ. ସଦାନନ୍ଦ ଅଗ୍ରୱାଲଙ୍କ ୭ମ ତିରୋଧାନ ଦିବସରେ ଅତିଥିଙ୍କ ମତ**

# ହୀରାକୁଦ ବିସ୍ଥାପିତଙ୍କୁ ମିଳିଲା ଜମିପଟ୍ଟା

ସମ୍ବଲପୁର/ରେଙ୍ଗାଲି,୧।୮
(ପ୍ରମୋଦ ବହିଦାର/ଦେବବ୍ରତ ପଣ୍ଡା)


ରେଙ୍ଗାଲିଠାରେ ବିସ୍ଥାପିତଙ୍କୁ ପଟ୍ଟା ବଣ୍ଟନ କରୁଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

**■ଆସନ୍ତା ୧ ବର୍ଷ ମଧ୍ୟରେ ସମସ୍ତ ବିସ୍ଥାପିତଙ୍କୁ ଜମିପଟ୍ଟା ମିଳିବ: ରାଜସ୍ୱ ମନ୍ତ୍ରୀ**

**■୨ଗାଁର ୨୨୧ ପରିବାର ପାଇଲେ ଜମିପଟ୍ଟା**

ସମ୍ବଲପୁର ଜିଲାହୀରାକୁଦ ଜଳଭଣ୍ଡାର ବିସ୍ଥାପିତଙ୍କୁ ପ୍ରଥମଥର ପାଇଁ ସ୍ଥାୟୀ ପଟ୍ଟା ବଣ୍ଟନ କରାଯାଇଛି। ଫଳରେ ଦୀର୍ଘ ୭ ବର୍ଷ ପରେ ବିସ୍ଥାପିତ ପରିବାରଙ୍କ ଆଶା ପୂରଣ ହୋଇଛି। ରେଙ୍ଗାଲି ତହସିଲ କୁର୍ଲା ଗ୍ରାମରେ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବିସ୍ଥାପିତ ପରିବାରଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ। ହୀରାକୁଦ ଜଳଭଣ୍ଡାରରେ ବିଲୀନ ହୋଇଥିବା ଗ୍ରାମଗୁଡ଼ିକର ପରିବାରବିସ୍ଥାପିତ ହୋଇ ରେଙ୍ଗାଲି ତହସିଲ ଅଧିନ ସାଲଡ ପଞ୍ଚାୟତ ଅନ୍ତର୍ଗତ କୁର୍ଲା ଓ ନିସାନଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ଠୁଁଟିକରବଗା ଗ୍ରାମରେ ବସବାସ କରୁଥିଲେ। ୭୦ବର୍ଷ ଧରି ଏଠାରେ ରହି ଆସୁଥିଲେ ସୁଦ୍ଧା ସେମାନଙ୍କୁ ସ୍ଥାୟୀ ପଟ୍ଟା ମିଳି ନ ଥିଲା। ପରେ ଜଳସମ୍ପଦ ବିଭାଗ ଅଧିନରେ ଥିବା ଜମିରେ ଗଢ଼ି ଉଠିଥିବା ଉକ୍ତ ଗ୍ରାମଦ୍ୱୟକୁ ଜଳସମ୍ପଦ ବିଭାଗ ଗତ ଜୁଲାଇ ୨୫ ତାରିଖରେ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିଥିଲା। ଫଳରେ ତୁରନ୍ତ ଉକ୍ତ ଗ୍ରାମଦ୍ୱୟକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯାଇଥିଲା। ରାଜସ୍ୱମନ୍ତ୍ରୀ ପୂଜାରୀ ରେଙ୍ଗାଲି ଗସ୍ତ ଅବସରରେ ଗୁରୁବାର ଏଠାରେ ଆୟୋଜିତ କାର୍ଯ୍ୟକ୍ରରେ ଯୋଗଦେଇ କୁର୍ଲା ଓ ଠୁଁଟିକେତରବଗା ଗ୍ରାମର ମୋଟ ୨୨୧ ବିସ୍ଥାପିତ ପରିବାରଙ୍କୁ ଘରଡିହ ଓ ଚାଷଜମି ପଟ୍ଟା ବଣ୍ଟନ କରିଥିଲେ। ଘର ଡିହ ପାଇଁ ପ୍ରତ୍ୟେକ ପରିବାରକୁ ସର୍ବାଧିକ ୧୦ ଡିସମିଲ ଓ ଚାଷ ପାଇଁ ସର୍ବାଧିକ ୨ ଏକର ଲେଖାଏ ଚାଷଜମିର ପଟ୍ଟା ପ୍ରଦାନ କରିଛନ୍ତି। ଏଥିରେ କୁର୍ଲା ଗ୍ରାମର ୧୬୮ ପରିବାରଙ୍କୁ ମୋଟ ୨୧୬.୦୬ ଏକର ଓ ଠୁଁଟିକେତରବଗା ଗ୍ରାମର ୫୩ପରିବାରକୁ ମୋଟ ୧୩୦.୪୫ ଏକର ଜମିର ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି।

ଜମିପଟ୍ଟା ପାଇବା ଫଳରେ ଦୀର୍ଘ ୭ ଦଶନ୍ଧି ପରେ ବିସ୍ଥାପିତଙ୍କ ତୃତୀୟ ପୀଢ଼ି ସେମାନଙ୍କ ଅଧିକାର ପାଇବାର ଆଶା ପୂରଣ ହୋଇଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଆଗକୁ ଏଠାରେ ବିସ୍ଥାପିତ ପରିବାର ପାଇଥିବା ଘରଡିହରେ ଆବାସ ଯୋଜନା ଜରିଆରେ ପକ୍କାଘର ନିର୍ମାଣ ସହିତ ବିଜୁଳି, ପାନୀୟ ଜଳ, ଶୌଚାଳୟ ଆଦି ନିର୍ମାଣ କରାଯାଇ ଅଞ୍ଚଳକୁ ଏକ ଉନ୍ନତମାନର ଆବାସିକ ଅଞ୍ଚଳରେ ପରିଣତ କରାଯିବ। ଯଦ୍ୱାରା ଏଠାରେ ବସବାସ କରୁଥିବା ଲୋକେ ଜୀବନ ଧାରଣର ଏକ ଉନ୍ନତ ଜୀବନଶୈଳୀରେ ରୂପାନ୍ତରିତ ହୋଇ ପାରିବ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଅନ୍ୟଅଞ୍ଚଳରେ ବସବାସ କରୁଥିବା ହୀରାକୁଦ ବିସ୍ଥାପିତଙ୍କୁ ମଧ୍ୟ ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବ। ଆଗାମୀ ୧ ବର୍ଷ ମଧ୍ୟରେ ଜିଲାର ସମସ୍ତ ହୀରାକୁଦ ବିସ୍ଥାପିତଙ୍କୁ ଜମିପଟ୍ଟା ପ୍ରଦାନ କରାଯିବ। ଏଥିପାଇଁ ଆବଶ୍ୟକ ପ୍ରକ୍ରିୟା ଜାରି ରହିଛି ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଛନ୍ତି। ପଟ୍ଟା ବଣ୍ଟନ ସମୟରେ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ରେଙ୍ଗାଲି ତହସିଲଦାର ସଦାକର କୁମ୍ଭାର, ଅତିରିକ୍ତ ତହସିଲଦାର ସୁଜିତ କୁମର ଶତପଥୀ, ପୂର୍ବତନ ବିଧାୟକ ନାଉରୀ ନାୟକ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସାଲଡ୍ ସରପଞ୍ଚ ସରୋଜ କୁମାର ମେହେର ଉପସ୍ଥିତ ଥିଲେ।

## ରେଙ୍ଗାଲିରେ ସମ୍ବଲପୁରୀ ଦିନ୍ ପାଳିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରେଙ୍ଗାଲି, ୧।୮(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି କଳାକାର ସଂଘ ଓ ରେଙ୍ଗାଲି ଡ୍ରାଇଭର ମହାସଂଘ ପକ୍ଷରୁ ପଞ୍ଚାୟତ ଛକଠାରେ ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ନାଉରୀ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖିଆ କୁନୁଆଁ, ବିଜୟ ପ୍ରଧାନ, ଶ୍ୟାମସୁନ୍ଦର ଧାର, ଚୈତନ୍ୟ ପାଇକ, ପୂର୍ବତନ ବିଧାୟକ ରମେଶ ପଟୁଆ, ହରିହର ନାଥ, ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ଜିତେନ୍ଦ୍ର ପ୍ରସାଦ ପଣ୍ଡା, ନିହାଲ ସିଂ, ମୁସ୍ତାକ ଭାଇ, ଦୀପକ ପଣ୍ଡା ପ୍ରମୁଖ ମାଏନତା କୁଣ୍ଡୁଆଁ ଭାବେ ଯୋଗଦାନ କରିଥିଲେ। ସତ୍ୟ ଦାସ ମଞ୍ଚ ପରିଚାଳନା କରିଥିଲେ। ରେଙ୍ଗାଲି କଳାକାର ସଂଘ ସଭାପତି ସର୍ବେଶର ଦାସ, ସମ୍ପାଦକ ବାବଲୁ ପଶାୟତ, ଚିନ୍ତା ବାଗ, ସୂର୍ଯ୍ୟରଞ୍ଜନ ପାତ୍ର, ହରି ସିଂଙ୍କ ସହ ଉଭୟ କଳାକାର ସଂଘ ଓ ଡ୍ରାଇଭର ମହାସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ଖଟେଇ ଓ ରଙ୍ଗ ଫରୁଆ ସଙ୍ଗଠନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକା ଅସଦାଚରଣ ମାମଲା**

ସମ୍ବଲପୁର,୧।୮(ପ୍ରମୋଦ ବହିଦାର)

ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ବିଚାରକରି ସମ୍ବଲପୁର ପୋକ୍ସୋ ଅଦାଲତ ଗୁରୁବାର ଅଭିଯୁକ୍ତ ଚିନ୍ମୟ ସୁନା(୨୨)ଙ୍କୁ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ଲେନ୍‌ରେ ପରିବାର ସହ ଏକ ଭଡ଼ାଘରେ ପୀଡ଼ିତା ନାବାଳିକା ରହୁଥିଲେ। ୨୦୨୨ ମେ ୩୧ରେ ଘଟଣା ଘଟିବା ଦିନ ଘରେ ତାଙ୍କ ମା' ଓ ଭାଇ ନ ଥିଲେ। ବାପା ବଜାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ପୂର୍ବାହ୍ନ ୧୦ଟାରେ ଅଭିଯୁକ୍ତ ନାବାଳିକାଙ୍କ ଘରକୁ ଯାଇ ଛପି ରହିଥିଲେ। ନାବାଳିକା ଶୌଚାଳୟକୁ ଯିବା ସମୟରେ ସେଠାର ପୂର୍ବରୁ ଘରେ ପଶି ଛକି ରହିଥିବା ଚିନ୍ମୟ ତାଙ୍କୁ ଅସଦାଚରଣ କରିଥିଲେ। ଏହି ସମୟରେ ତାଙ୍କ ବାପା ଘରକୁ ଆସି ଝିଅକୁ ଖୋଜିଥିଲେ। ଶୌଚାଳୟ ପଟୁ ଝିଅର ପାଟି ଶୁଭୁଥିବାରୁ ସେଠାକୁ ଯିବାରୁ ଅଭିଯୁକ୍ତ ଦୌଡ଼ି ପଳାଇଥିଲେ। ପରେ ଝିଅକୁ ନେଇ ପୀଡ଼ିତଙ୍କ ବାପା ସେହିଦିନ ଟାଉନ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଆଧାରକରି ଟାଉନ ଥାନାରେ ଦଫା ୩୫୪, ୩୫୪(ଏ) ଏବଂ ପୋକ୍‌ସୋ ଆଇନରେ ଏକ ମାମଲା (୧୯୫/୨୦୨୨) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ସ୍ୱତନ୍ତ ବିଚାରପତି ସେନାପତି ମୋଟ ୮ ଜଣ ସାକ୍ଷୀ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ଏହି ମାମଲାର ବିଚାରକରି ରାୟ ଶୁଣାଇଛନ୍ତି। ଉକ୍ତ ମାମଲା ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ପରିଚାଳନା କରୁଥିଲେ।


ଗୁରୁବାର ସମ୍ବଲପୁରସ୍ଥିତ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନରେ ଆୟୋଜିତ ସମ୍ବଲପୁରୀ ଦିନ୍ ଉତ୍ସବରେ କଳାକାରମାନେ।

## ଅସ୍ମିତାର ଅନ୍ୟତମ ପରିଚୟ ହେଉଛି ସମ୍ବଲପୁରୀ ଦିନ୍

କୁଚିଣ୍ଡା,୧।୮(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ଅଡିଟୋରିୟମରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। କୁଚିଣ୍ଡା କଲେଜ ସାଂସ୍କୃତିକ ପରିଷଦ, ପୁରାତନ ଛାତ୍ର ସଂସଦ, କଳାପରିଷଦ ଏବଂ ଆଶୀର୍ବାଦ ଷ୍ଟୁଡିଓ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀକୁ ସମ୍ବଲପୁରୀ ଦିନ ଭାବେ ପାଳନ କରାଯାଉଛି। ସମ୍ବଲପୁରୀ ଦିନ ହେଉଛି ଅସ୍ମିତାର ଅନ୍ୟତମ ପରିଚୟ। ଗୁରୁ ବହିଦାର ସମ୍ବଲପୁରୀ ଭାଷା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସଂଗ୍ରାମ ଜାରି ରଖିଥିଲେ। ତାଙ୍କର ଆଦର୍ଶକୁ ବଞ୍ଚାଇ ରଖିଲେ ଯାଇ ତାଙ୍କ ପ୍ରତି ହେବ ଅସଲ ଶ୍ରଦ୍ଧାଞ୍ଜଳି ବୋଲି ମନ୍ତ୍ରୀ ନାଏକ କହିଥିଲେ। ସମ୍ମାନୀତ ଅତିଥି ଭାବେ କୁଚିଣ୍ଡା କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର, କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା, କଲେଜ ସଂସ୍କୃତି ପରିଷଦ ଉପସଭାପତି ଅଧ୍ୟାପକ ସୁଧାଂଶୁ କୁମାର ମହାପାତ୍ର, ପୁରାତନ ଛାତ୍ର ସଂସଦ ସଭାପତି ପ୍ରଫୁଲ୍ଲ ସାହୁ, କଳାପରିଷଦ ସମ୍ପାଦକ କୁମାରେଶ ଦଶଭାୟା, ଆକାଶବାଣୀ କଳାକାର ସୁରଥ ଚନ୍ଦ୍ର ନାୟକ ଯୋଗଦେଇ ସମ୍ବଲପୁରୀ ଭାଷାକୁ ବଞ୍ଚାଇ ରଖିବାକୁ ହେଲେ ଏହାର ଗବେଷଣାର ଆବଶ୍ୟକ ବୋଲି କହିଥିଲେ। ଆୟୋଜକଙ୍କ ପକ୍ଷରୁ କୁଚିଣ୍ଡା କଲେଜକୁ ସରକାରୀ କରଣ, କଲେଜରେ ସମ୍ବଲପୁରୀ ଗବେଷଣା କେନ୍ଦ୍ର ସ୍ଥାପନ ଓ କଲେଜର ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯିବାକୁ ମନ୍ତ୍ରୀ ନାଏକଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ଅବସର ଗ୍ରହଣ କରିଥିବା କଲେଜ ପ୍ରାଧ୍ୟାପକ ଅମିୟ ପାତ୍ର ଓ ଅଧ୍ୟାପିକା ରଞ୍ଜନୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରିତମ ପାଣିଗ୍ରାହୀ, ହରେକୃଷ୍ଣ ମହାପାତ୍ର, ରାଧେଶ୍ୟାମ କଉଡି,ସୌମ୍ୟରଞ୍ଜନ ଧଳ, ସତ୍ୟନାରାୟଣ ସେଠ, ଉଦିତ ରଞ୍ଜନ ଦଶଭାୟା ସହଯୋଗ କରିଥିଲେ।


ସମ୍ବଲପୁର ଦିନ୍ କାର୍ଯ୍ୟକ୍ରମ ମଞ୍ଚରେ ମନ୍ତ୍ରୀ ରବିନାରାୟଣ ନାଏକ ଓ ଅନ୍ୟମାନେ।

## ହୀରାକୁଦ ଜଳଭଣ୍ଡାରର ବନ୍ଦ ହେଲା ୮ ଗେଟ୍

ସମ୍ବଲପୁର,୧।୮(ପ୍ରମୋଦ ବହିଦାର)

**୬ଟି ସ୍ଲୁଇସ୍ ଗେଟ୍‌ରେ ନିଷ୍କାସିତ ହେଉଛି ବନ୍ୟାଜଳ**

ହୀରାକୁଦ ଜଳଭଣ୍ଡାରକୁ ମହାନଦୀର ବନ୍ୟାଜଳପ୍ରବେଶହ୍ରାସ ପାଇବାରେ ଲାଗିଛି। ଫଳରେ ଗୁରବାର ତିନିଟି ପର୍ଯ୍ୟାୟରେ ୮ଟି ଗେଟ୍‌କୁ ବନ୍ଦ କରାଯାଇ ଜଳଭଣ୍ଡାରରୁ ୬ଟି ସ୍ଲୁଇସ୍ ଗେଟ୍‌ରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟାକୁ ସୀମିତ ରଖାଯାଇଛି। ବର୍ତ୍ତମାନ ଜଳଭଣ୍ଡାରର ଡାହାଣ ପଟେ ୨ ଓ ବାମ ପଟେ ୪ଟି ସ୍ଲୁଇସ୍ ଗେଟ୍ ଯୋଗେ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଗୁରୁବାର ରାତି ସାଢ଼େ ୯ଟାରେ ହସ୍ତଗତ ହୋଇଥିବା ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୮.୪୫ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୪୮ହଜାର ୫୨୧ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୨୭ ହଜାର ୨୮୩ ଘନଫୁଟ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ୬ଟି ସ୍ଲୁଇସ୍ ଗେଟ୍ ମଧ୍ୟଦେଇ ୮୮ହଜାର ୪୧୬ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର କେନାଲରେ ୩୫ ହଜାର ୧୩୮ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୭୨୨ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୯୫ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ପାନୀୟ ଜଳଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ଶିଳ୍ପାନୁଷ୍ଠାନଗୁଡ଼ିକୁ ମିଶି ମୋଟ ୨୭୫ ଘନଫୁଟ ଜଳଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୨୨.୭୫ ମିଲିମିଟର ଓ ତଳମୁଣ୍ଡରେ ୧୭.୦୭ମିଲିମିଟର ବର୍ଷା ରେକର୍ଡ ହୋଇଥିବା ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନାରୁ ପ୍ରକାଶ।

## ଏସ୍‌ବିଆଇର ମେଗା ଚାରାରୋପଣ




ଭୁବନେଶ୍ୱର,୧।୮

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବା ଏସବିଆଇ)ର ବହୁ ପ୍ରତୀକ୍ଷିତ ତଥା ଭାରତ ସରକାରଙ୍କ ଏକ ପେଡ ମା କେ ନାମ ଅଭିଯାନ କ୍ରମେ ଏକ ମେଗା ଚାରାରୋପଣ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏସବିଆଇର ଭୁବନେଶ୍ୱର ମଣ୍ଡଳ ଦ୍ୱାରା ପଶ୍ଚିମ ଓଡିଶାର ବିଭିନ୍ନ ଓଡିଶା ଆଦର୍ଶ ବିଦ୍ୟାଳୟମାନଙ୍କରେ ମୋଟ ୩୫୪୦ଟି ବିଭିନ୍ନ କିସମର ଚାରାଗଛ ରୋପଣ କରାଯାଇଛି। ବିଶେଷ କରି ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଓ କୁଚିଣ୍ଡା, ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ ଓ କଣ୍ଟାବାଞ୍ଜି, ବରଗଡ ଜିଲାର ବରଗଡ ଓ ବରପାଲି ତଥା ଦେବଗଡ ଜିଲ୍ଲାର ବାରକୋଟ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଏହି ମେଗା ଚାରାରୋପଣ କାର୍ଯ୍ୟକ୍ରମ ଏକକାଳୀନ ଆୟୋଜିତ ହୋଇଯାଇଛି। ଏସବିଆଇ ସମ୍ବଲପୁର ଅଞ୍ଚଳର ଉପ ମହାପ୍ରବନ୍ଧକ (ବ୍ୟବସାୟ ଓ ପରିଚାଳନା) ସଞ୍ଜୟ କୁମାର ଝା ଓ କ୍ଷେତ୍ରୀୟ ପ୍ରବନ୍ଧକ ମାନସ କୁମାର ପ୍ରଧାନ ପ୍ରମୁଖ ରେଙ୍ଗାଲି ସ୍ଥିତ ଆଦର୍ଶ ବିଦ୍ୟାଳୟଠାରେ ଚାରାରୋପଣ କରିଥିଲେ। ଏସବିଆଇର କ୍ଷେତ୍ରୀୟ ପ୍ରବନ୍ଧକ ବରଗଡ ମଧୁସୂଦନ ରଥ ସ୍ଥାନୀୟ ବରଗଡ ଆଦର୍ଶ ବିଦ୍ୟାଳୟରେ ଏବଂ ଏସବିଆଇର କ୍ଷେତ୍ରୀୟ ପ୍ରବନ୍ଧକ ବଲାଙ୍ଗୀର ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ କୁର୍ସୁଡ ଟିଟିଲାଗଡ ଆଦର୍ଶ ବିଦ୍ୟାଳୟଠାରେ ଉପସ୍ଥିତ ରହି ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏସବିଆଇର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଅଧିନ ବା ପାଳନ ଅନୁକ୍ରମେ ଓ ସାର୍କ ସମ୍ବଲପୁର ସ୍ୱଚ୍ଛୋ ସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଏହି ମେଗା ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଯୁକ୍ତ ୨ କଲେଜରେ ପ୍ରବେଶ ଉତ୍ସବ

କୁଚିଣ୍ଡା,୧।୮(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତର କନ୍ହେଇପାଲି ରାଜୀବ ଗାନ୍ଧୀ ସ୍ମାରକୀ ଆଦିବାସୀ ଯୁକ୍ତ ୨ କଲେଜରେ ଗୁରୁବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡିଲେଶ୍ୱର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।ଅଧ୍ୟକ୍ଷ ବେହେରା ଭଲ ପାଠ ପଢି ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସୁବୋଧ କୁମାର ସାହୁ, ପ୍ରଫୁଲ୍ଲ ପଣ୍ଡା, ଫକୀର ମୋହନ ଦଣ୍ଡିଆ, ସନାତନ ବିଶୋଇ, ଅଧ୍ୟାପିକା ସଙ୍ଗିତା ଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶୃଙ୍ଖଳିତ ଅଧ୍ୟୟନ କରନ୍ତୁ ଛାତ୍ରୀଛାତ୍ର

ନାକଟୀଦେଉଳ,୧।୮(ବୈକୁଣ୍ଠନାଥ ସାହୁ)



ପ୍ରବେଶ ଉତ୍ସବରେ ଅତିଥି, ଅଧ୍ୟାପକଙ୍କ ସହ ଉପସ୍ଥିତ ନବାଗତ ଛାତ୍ରୀଛାତ୍ର।

**ବାପୁଜୀ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ**

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ଅନ୍ତର୍ଗତ ଢ଼ଇଁଚାସ୍ଥିତ ବାପୁଜୀ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ପ୍ରବେଶ ଉତ୍ସବ ସହିତ ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ବାପୁଜୀ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ କରାଯାଇ ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଇଛି। ୧୨୮ଟି ସିଟ୍ ଅନୁମୋଦିତ ହୋଇଥିବବେଳେ ପ୍ରଥମ ପର୍ଯ୍ୟାୟରେ ୧୧୫ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରବେଶ ଉତ୍ସବ ସମାରୋହରେ ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ସମ୍ମାନୀତ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ନାକଟୀଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ, ଢ଼ଇଁଚା ପଞ୍ଚାୟତ ସରପଞ୍ଚ ସୌଦାମିନୀ ପ୍ରଧାନ, ସମିତି ସଭ୍ୟ ପ୍ରବୀଣ କୁମାର ପ୍ରଧାନ, ଘୋଷରାମାଳ ସରପଞ୍ଚ ପ୍ରେମଶିଳା ପ୍ରଧାନ, ଶିମିଳିପାଳ ସରପଞ୍ଚ ସସ୍ମିତାରାଣୀ ପ୍ରଧାନ, ଗୋଗୁଆ ସରପଞ୍ଚ ଧନେଶ୍ୱର ପ୍ରଧାନ, ସମିତି ସଭ୍ୟ ଅମୂଲ୍ୟ କୁମାର ପ୍ରଧାନ ଯୋଗଦେଇଥିଲେ। ଅତିଥିମାନେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସହିତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରି ଅନୁଷ୍ଠାନ ପ୍ରବେଶକୁ ସ୍ୱାଗତ କରିଥିଲେ। ଶୃଙ୍ଖଳିତ ଅଧ୍ୟୟନ ସହିତ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଯତ୍ନବାନ ହେବାକୁ ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥି ଅଧ୍ୟାପକଭାବେ ସରକାରଙ୍କ ପକ୍ଷରୁ ନିଯୁକ୍ତି ପାଇଥିବା ଇଂଲିଶ, ଓଡ଼ିଆ, ଇତିହାସ, ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତି ବିଭାଗ ଅଧ୍ୟାପିକାଅଧ୍ୟାପକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ହଳଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷ ପର୍ଯ୍ୟାୟରେ ଛାତ୍ରୀଛାତ୍ର ପରିଚୟ ପ୍ରଦାନ କରିଥିଲେ।

